

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୧ ମାର୍ଚ୍ଚ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 01 MARCH 2023
Vol.No. 34 ■ No. 57 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ସିସୋଦିଆଙ୍କୁ 'ସୁପ୍ରିମ୍' ଝଟ୍‌କା : କହିଲେ ଆଗ ହାଇକୋର୍ଟ ଯାଅ



ନୂଆଦିଲ୍ଲୀ, ୨୮/୦୨ : ଦିଲ୍ଲୀ ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କୁ ସୁପ୍ରିମକୋର୍ଟରୁ ବଡ ଝଟକା ଲାଗିଛି । ସିବିଆଇ ଗିରଫଦାରୀକୁ ବିରୋଧ କରି ସୁପ୍ରିମକୋର୍ଟରେ ଆବେଦନ କରିଥିଲେ ସିସୋଦିଆ । ଯାହାର ଶୁଣାଣୀ କରି ସୁପ୍ରିମକୋର୍ଟ କହିଛନ୍ତି, ଆପଣ ସିଧାସଳଖ ସୁପ୍ରିମକୋର୍ଟ କାହିଁକି ଆସୁଛନ୍ତି । ଆପଣଙ୍କ ମାମଲାର ଶୁଣାଣି ପାଇଁ ଅନ୍ୟ ବିକଳ୍ପ ରହିଛି । କିନ୍ତୁ ଆପଣ ସିଧାସଳଖ ଏଠାକୁ କାହିଁକି ଆସିଲେ । ଏହା ଆଦୌ ଭଲ ପରମ୍ପରା ନୁହେଁ । ମୁଖ୍ୟ ବିଚାରପତି ଡିୱାଇ ଚନ୍ଦ୍ରଚୂଡ ଓ ବିଚାରପତି ନରସିହ୍ମାଙ୍କ ବେଞ୍ଚରେ ଏହାର ଶୁଣାଣି ହୋଇଥିଲା । ଯେଉଁ ମାମଲାକୁ ନେଇ ନିରସିହ୍ମା କହିଛନ୍ତି, କୌଣସି ଘଟଣା ଦିଲ୍ଲୀରେ ହେଲେ ଆପଣ କଣ ସିଧାସଳଖ ସୁପ୍ରିମକୋର୍ଟ ଚାଲି ଆସିବେ । ଆପଣଙ୍କ ପାଖରେ ଦିଲ୍ଲୀ ହାଇକୋର୍ଟର ବିକଳ୍ପ ରହିଛି । ତେଣୁ ସେଠାରେ ପ୍ରଥମେ ଆବେଦନ କରିପାରିଥାନ୍ତେ । ଅନ୍ୟପଟେ ସିସୋଦିଆଙ୍କ ଓକିଲ ଅଭିଷେକ ମନୁ ସିଂଘବୀଙ୍କ କହିବା ଅନୁଯାୟୀ, ଏବେ ପର୍ଯ୍ୟନ୍ତ କୌଣସି ପ୍ରମାଣ ମିଳିନାହିଁ । ଏମିତିକି ଗିରଫଦାରୀ ବି ନିୟମ ଅନୁଯାୟୀ ହୋଇନାହିଁ । ତେଣୁ ସୁପ୍ରିମକୋର୍ଟ ଆସିବାକୁ ପଡିଲା । ଅନ୍ୟପଟେ ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ଆପ୍ କହିଛି ଆମେ ହାଇକୋର୍ଟ ନିଶ୍ଚୟ ଯିବୁ । ଆମେ ସୁପ୍ରିମକୋର୍ଟର ନିଷ୍ପତ୍ତିକୁ ସମ୍ମାନ କରୁଛୁ, ତେଣୁ ହାଇକୋର୍ଟ ଯିବୁ । ମଦ ନୀତିରେ ଦୁର୍ନୀତି ଅଭିଯୋଗରେ ମନୀଷ ସିସୋଦିଆଙ୍କୁ ଗିରଫ କରିଛି ସିବିଆଇ । ଏମିତିକି ସିସୋଦିଆଙ୍କୁ ୫ଦିନିଆ ରିମାଣ୍ଡରେ ନେଇଛି ସିବିଆଇ । ମାର୍ଚ୍ଚ ୪ ପର୍ଯ୍ୟନ୍ତ ରିମାଣ୍ଡରେ ନେଇ ଜେରା କରିବ ସିବିଆଇ । ମଦ ନୀତି ଦୁର୍ନୀତି ମାମଲାକୁ ନେଇ ସିବିଆଇ ସିସୋଦିଆଙ୍କୁ ▶▶ପୃଷ୍ଠା ୭

## ମନୀଷ ସିସୋଦିଆ ଓ ସତ୍ୟେନ୍ଦ୍ର ଜୈନ ଛାଡିଲେ ମନ୍ତ୍ରୀପଦ

ନୂଆଦିଲ୍ଲୀ, ୨୮/୦୨ : ଦିଲ୍ଲୀ ସରକାରରେ ଉପ ମୁଖ୍ୟମନ୍ତ୍ରୀ ଥିବା ମନୀଷ ସିସୋଦିଆ ଓ ଜେଲ ବିଭାଗ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ ମନ୍ତ୍ରୀପଦରୁ ଇସ୍ତଫା ଦେଇଛନ୍ତି । ସୂଚନା ମୁତାବକ ଏହି ଦୁଇଜଣ ମନ୍ତ୍ରୀଙ୍କ ଇସ୍ତଫା ପତ୍ରକୁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ମଞ୍ଜୁରୀ ଦେଇଛନ୍ତି । ମନୀଷ ଓ ସତ୍ୟେନ୍ଦ୍ର ଉଭୟ ଏବେ ଦୁର୍ନୀତି ମାମଲାରେ ବିଚାରବିଭାଗୀୟ ହାଜତରେ ରହିଛନ୍ତି । ବିଜେପି ତରଫରୁ ଲଗାତର ଭାବେ ଏହି ଦୁଇଜଣମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଆନ୍ଦୋଳନ କରୁଥିଲେ । ଏବେ ବିରୋଧୀଙ୍କ ଦାବିକୁ ନଜରରେ ରଖି ଉଭୟ ମନ୍ତ୍ରୀ ଇସ୍ତଫା ଦେଇଥିବା ବେଳେ ଏହାକୁ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି । ଏନେଇ ଆମ୍ ଆଦମୀ ପାର୍ଟି କହିଛି କି ଏଭଳି ନିଷ୍ପତ୍ତି କୁ ଦିଲ୍ଲୀର ଲକ୍ଷ ଲକ୍ଷ ଅବିଭାବକ ସହଜରେ ଗ୍ରହଣ କରିପାରୁନାହାଁନ୍ତି । ସୂଚନା ଥାଉକି କିଛି ସମୟ ପୂର୍ବରୁ ଦିଲ୍ଲୀ ଉପ ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କୁ ସୁପ୍ରିମକୋର୍ଟ ଏକ ଝଟକା ଦେଇଥିଲା । ତାଙ୍କ ଗିରଫକୁ ନେଇ ସେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ ବି ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି ଦିଲ୍ଲୀ ହାଇକୋର୍ଟ କରିବ ବୋଲି ସ୍ପଷ୍ଟ କରିଦେଇଥିଲେ ।

# ବିଧାନସଭା ଘେରାଉ ବେଳେ ଯୁବମୋର୍ଚ୍ଚା - ପୋଲିସ୍ ମୁହାଁମୁହିଁ



ଭୁବନେଶ୍ୱର, ୨୮/୦୨ (ନି.ପ୍ର): ମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ସତ୍ୟ ଉନ୍ମୋଚନ ଓ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ପ୍ରତିବାଦରେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ବିଧାନସଭା ଘେରାଉ ଉଦ୍ୟମ କରାଯାଇଛି । ବିଜେପି ଯୁବମୋର୍ଚ୍ଚାର ବିଶାଳ ରାଲି ବିଧାନସଭା ଘେରାଉ ଲାଗି ଯାଉଥିବା ବେଳେ ପୋଲିସ୍ ସେମାନଙ୍କୁ ଅଟକାଇଛି । ଫଳରେ ଯୁବମୋର୍ଚ୍ଚା କର୍ମୀଙ୍କ ସହ ପୋଲିସର ଧସ୍ତାଧସ୍ତି ହୋଇଛି । ଆନ୍ଦୋଳନକାରୀଙ୍କୁ ଘଉଡାଇବା ପାଇଁ ପୋଲିସ୍ ପକ୍ଷରୁ ଲାଠିମାଡ କରଯାଇଥିଲା । ସେହିପରି ଭିଡ ଭିତରୁ ପୋଲିସ୍ ଉପରେ ଅଣ୍ଡ ଓ ଟେକା ମାଡ ହୋଇଥିବା ଅଭିଯୋଗ ହୋଇଛି । ଏଥିରେ କେତେକ ବିଜେପି କର୍ମୀଙ୍କ ସମେତ ପୋଲିସ୍ କର୍ମଚାରୀ ଆହତ ହୋଇଥିବା ଜଣାଯାଇଛି । ବିଜେପି ଯୁବମୋର୍ଚ୍ଚାର ବିଶାଳ ରାଲିରେ ଦଳର ରାଜ୍ୟ ସଭାପତି ସମୀର ମହାନ୍ତି, ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟଙ୍କ ସମେତ ହଜାର ହଜାର ପୁରୁଷ ଓ ମହିଳା କର୍ମୀ ଅଂଶ ଗ୍ରହଣ କରିଛନ୍ତି । ପୁଲିସ କିଛି ବିଜେପି କର୍ମୀଙ୍କୁ ଜୋର କରି ଉଠାଇ ନେଇଥିବା ବେଳେ ଧସ୍ତାଧସ୍ତିରେ ବହୁ ପୁରୁଷ ଓ ମହିଳା କର୍ମୀ ଆହତ ହୋଇଛନ୍ତି ।ବିଜେପି ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟଙ୍କୁ ପୁଲିସ ଉଠାଇନେଇଛି । ଏସମ୍ପର୍କରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ କହିଛନ୍ତି ଏହି ଧସ୍ତାଧସ୍ତି ଓ ଢେଲା ମାଡ଼ରେ ଭୁବନେଶ୍ୱର ଜୋନ୍-୨ ଏସିପି ଅମିତାଭ ମହାପାତ୍ରଙ୍କ ସମେତ ପ୍ରାୟ ୮ରୁ ୧୦ ଜଣ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି । ଆହତ ପୁଲିସ କର୍ମଚାରୀଙ୍କ ମଧ୍ୟରୁ କିଛି ଜଣଙ୍କ ମୁଣ୍ଡରେ ଆଘାତ ଲାଗିଛି । ଅନେକ ଗୁରୁତର ରହିଛନ୍ତି । ଏହି ଆକ୍ରମଣରେ ପୁଲିସର ପ୍ରାୟ ୫ଟି ଗାଡ଼ି ନଷ୍ଟ ହୋଇଛି । ହିଂସାକାଣ୍ଡ ଯୋଜନା ରଖି ଢେଲା ପଥର ମାଡ଼ କରାଯାଇଥିବାରୁ ପ୍ରାୟ ୨୦୦ ଜଣ ବିକ୍ଷୋଭକାରୀଙ୍କୁ ପୁଲିସ ଫୋର୍ସ ଉଠାଇ ନେଇଛି । ସେମାନଙ୍କୁ ଅଟକ ରଖାଯାଇଛି । ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ମଙ୍ଗଳବାର ପୂର୍ବାହ୍ନରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରୁ ଯୁବ ମୋର୍ଚ୍ଚା କାର୍ଯ୍ୟକର୍ତାମାନେ ଭୁବନେଶ୍ୱର ରାମମନ୍ଦିର ଛକରୁ ବିଶାଳ ଶୋଭାଯାତ୍ରାରେ ▶▶ପୃଷ୍ଠା ୭

## ଆଜିଠୁ ଯୁକ୍ତ ୨ ପରୀକ୍ଷା

ଭୁବନେଶ୍ୱର, ୨୮/୦୨ (ନି.ପ୍ର): ଆସନ୍ତାକାଲି (ବୁଧବାର)ଠାରୁ ଆରମ୍ଭ ହେବାକୁ ଯାଉଛି ଯୁକ୍ତ ଦୁଇ ପରୀକ୍ଷା । ଚଳିତ ବର୍ଷ ୧୧ଶହ ୪୫ଟି ପରୀକ୍ଷା କେନ୍ଦ୍ରରେ ମୋଟ ୩ ଲକ୍ଷ ୫୭ହଜାର ୯୪୨ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ଯୁକ୍ତ ୨ କଳାରେ ୨ଲକ୍ଷ ୧୯ହଜାର ୧୧୦, ବିଜ୍ଞାନରେ ୯୧,୩୭୯, ବାଣିଜ୍ୟରେ ୨୩,୧୪୮ଜଣ ଓ ଧନ୍ଦାମୂଳକ ରେ ୫ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ପ୍ରଥମ ଦିନରେ ମାତୃଭାଷାରେ ପରୀକ୍ଷା ଦେବେ ବିଜ୍ଞାନ ବିଭାଗ ଛାତ୍ରଛାତ୍ରୀ । ଅପରପକ୍ଷରେ ପରୀକ୍ଷା ଆରମ୍ଭ ହେବା ପୂର୍ବରୁ ସୋସିଆଲ ମିଡିଆରେ ପରୀକ୍ଷା ପ୍ରଶ୍ନପତ୍ର ଘୁରି ବୁଲୁଛି । ସୋସିଆଲ ମିଡିଆରେ ଘୁରିବୁଲୁଥିବା ନକଲି ପ୍ରଶ୍ନ ଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛନ୍ତି ସିଏଚଏସ୍ଇ କର୍ତ୍ତୃପକ୍ଷ । ସୋସିଆଲ ମିଡିଆରେ ▶▶ପୃଷ୍ଠା ୭

## ତେଲେଙ୍ଗାନାରେ ବିଜେପିର ରଣନୀତି, ଦିଲ୍ଲୀ ଦରବାରରେ ଶାହା ଓ ନଡ୍ଡାଙ୍କ ବୈଠକ



ନୂଆଦିଲ୍ଲୀ, ୨୮/୦୨ : ବିଜେପିର ମିଶନ ତେଲେଙ୍ଗାନା । ଚଳିତବର୍ଷ ହେବ ତେଲେଙ୍ଗାନା ବିଧାନସଭା ନିର୍ବାଚନ । ରାଜ୍ୟରେ କେସିଆର ସରକାରଙ୍କୁ ହଟାଇ କିଭଳି ଶାସନ କ୍ଷମତା ହାତେଇବ ସେନେଇ ବିଜେପି ଆରମ୍ଭ କରିଛି କସରତ । ମଙ୍ଗଳବାର ଦିଲ୍ଲୀ ଦରବାରେ ବସିଛି ବୈଠକ । ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କ ଅଧକ୍ଷତାରେ ବସିଛି ଗୁରୁତ୍ୱପୂର୍ଣ୍ଣ ବୈଠକ । ସୂଚନା ଅନୁସାରେ ବୈଠକରେ ଗୃହମନ୍ତ୍ରୀ ଅମିତ ଶାହା ମଧ୍ୟ ଉପସ୍ଥିତି ଥିଲେ । ଏଥିସହ ପ୍ରଦେଶ ବିଜେପିର ଅନେକ ହେଭିୱେଟ ନେତା ବୈଠକରେ ଯୋଗ ଦେଇ ଗୁରୁତ୍ୱପୂର୍ଣ୍ଣ ଚର୍ଚ୍ଚା କରିଛନ୍ତି । ବିଧାନସଭା ନିର୍ବାଚନ ପାଇଁ ପ୍ରଦେଶ ବିଜେପି ନେତୃତ୍ୱରେ ଦଳ ୧୧ହଜାର ଜନସଭା ସମ୍ପର୍କ କାର୍ଯ୍ୟକ୍ରମ ଶେଷ କରିଛି । ଆଗକୁ ସମାନ ଧରଣ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ କରୁଛି ଦଳ । ସେପଟେ ବିଜେପି ବିରୋଧରେ ମେଂଟ କରି ରଣନୀତି ପ୍ରସ୍ତୁତ କରୁଛନ୍ତି କେସିଆର ।

## ଯୁକ୍ତ ଦୁଇ ପରୀକ୍ଷା ପରିଚାଳନାରେ ଭାଗନେବେ ଅଧ୍ୟାପକ

ଭୁବନେଶ୍ୱର, ୨୮/୦୨ (ନି.ପ୍ର): ଯୁକ୍ତ ଦୁଇ ପରୀକ୍ଷା ପରିଚାଳନାରେ ଭାଗନେବେ ୬୬୨ ବର୍ଗ ଅଧ୍ୟାପକ । ସର୍ତମୂଳକ ଭାବେ ପରୀକ୍ଷା ପରିଚାଳନାରେ ଭାଗନେବେ ଅଧ୍ୟାପକ । ଆନ୍ଦୋଳନ ଚାଲୁ ରଖିବା ସହ ପରୀକ୍ଷା ପରିଚାଳନାରେ ବି ଭାଗ ନେବାକୁ ସଂଘ ନିଷ୍ପତି ନେଇଛି । ମନ୍ତ୍ରୀସ୍ତରୀୟ କମିଟି ସହ ଆଲୋଚନା ପରେ ଅଧ୍ୟାପକ ସଂଘର ନିଷ୍ପତି ସମ୍ପର୍କରେ ଏହାର ସଭାପତି ଗୋଲକ ନାୟକ ସୂଚନା ଦେଇଛନ୍ତି । ସୂଚନା ଯୋଗ୍ୟ ଯେ ବିଭିନ୍ନ ଦାବି ନେଇ ଅଧ୍ୟାପକ ସଂଘ ଆନ୍ଦୋଳନ ଚାଲୁ ରଖିଥିବା ବେଳେ ଗତକାଲି ମହାସମାବେଶ ଡାକରା ଦେଇଥିଲା । ଏପରିକି ଯୁକ୍ତ ପରୀକ୍ଷାରେ ସହଯୋଗ ନକରିବାକୁ ଚେତାବନୀ ଦେଇଥିଲା । ଅପରପକ୍ଷରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ପରୀକ୍ଷାରେ ସହଯୋଗ କରିବାକୁ ସେମାନଙ୍କୁ ନିବେଦନ କରିଥିଲେ ।

## ନିକୁଞ୍ଜ ଧଳ ହେଲେ ସ୍ୱତନ୍ତ୍ର ରିଲିଫ୍ କମିଶନର

ଭୁବନେଶ୍ୱର, ୨୮/୦୨ (ନି.ପ୍ର): ବରିଷ୍ଠ ଆଇଏଏସ୍ ଅଧିକାରୀ ନିକୁଞ୍ଜ ଧଳଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି) ଭାବେ ନିଯୁକ୍ତି ଦେଇଛନ୍ତି ରାଜ୍ୟ ସରକାର । ମଙ୍ଗଳବାର ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି । ପୂର୍ବ ଦାୟିତ୍ୱ ସହ ଏସଆରସି ଦାୟିତ୍ୱ ମଧ୍ୟ ତୁଲାଇବେ ଶ୍ରୀ ଧଳ । ପ୍ରଦୀପ ଜେନା ମୁଖ୍ୟ ଶାସନ ସଚିବ ଭାବେ ନୂଆ ନିଯୁକ୍ତି ପାଇବା ପରେ ନିକୁଞ୍ଜ ଧଳଙ୍କୁ ଏସ୍ଆରସି ଦାୟିତ୍ୱ ଦିଆଯାଇଛି । ବର୍ତ୍ତମାନ ଶ୍ରୀ ଧଳ ଶକ୍ତି ଓ ଅବକାରୀ ବିଭାଗ ସଚିବ ଅଛନ୍ତି । ଏହାସହ ସେ ଗ୍ରୀଡକୋ ଓ ଓଡ଼ିଶା ଷ୍ଟେଟ୍ ବେଭେରେଜ୍ କର୍ପୋରେସନ୍ ର ଅଧକ୍ଷ ଅଛନ୍ତି ।

## ସୀମାରେ ଛକାପଂଝା ଭିତରେ ଭାରତ ଆସୁଛନ୍ତି ଚୀନର ବିଦେଶମନ୍ତ୍ରୀ କିନ୍ ଗ୍ୟାଙ୍ଗ



ନୂଆଦିଲ୍ଲୀ, ୨୮/୦୨ : ଏଲଏସିରେ ଛକାପଞ୍ଝା ଓ ତିକ୍ତତା ଚାଲିଥିବା ବେଳେ ଭାରତ ଆସିବେ ଚାଇନାର ବୈଦେଶିକ ମନ୍ତ୍ରୀ କିନ ଗଙ୍ଗ । ଭାରତ ଓ ଚାଇନା ମଧ୍ୟରେ ସୀମା ବିବାଦ ସୃଷ୍ଟି ହେବା ପରେ ପ୍ରଥମଥର ପାଇଁ ଚାଇନାର ବୈଦେଶିକ ମନ୍ତ୍ରୀ ନୂଆଦିଲ୍ଲୀ ଆସିବେ । ଜି-୨୦ ଶିଖର ସମ୍ମିଳନୀ ଅବସରରେ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକ ହେବ । ଏହି ବୈଠକରେ ଯୋଗଦେବାକୁ ଗଙ୍ଗ ଭାରତ ଗସ୍ତରେ ଆସିବେ ବୋଲି ଆଜି ଚାଇନା ସରକାର ସ୍ପଷ୍ଟ କରିଛନ୍ତି । ଚାଇନିଜ ବିଦେଶ ମନ୍ତ୍ରଣାଳୟର ଅଧିକାରୀ ମାଓ ନିଙ୍ଗ କହିଛନ୍ତି, ଜି-୨୦ ଦେଶଗୁଡ଼ିକ ବିଶ୍ୱ ଅର୍ଥନୀତିକୁ ସେମାନଙ୍କ ବୈଠକରେ ମୁଖ୍ୟ ପ୍ରସଙ୍ଗ କରିବା ଦରକାର । ଚାଇନା ସବୁବେଳେ ସବୁ ପକ୍ଷଙ୍କ ସହ କାମ କରିବାକୁ ପ୍ରସ୍ତୁତ ରହିଛି । ଜି-୨୦ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକରେ ଯୋଗାଦେଇ ଚାଇନା ଗୋଟିଏ ସକାରାତ୍ମକ ବାର୍ତ୍ତା ଦେବାକୁ ଚାହୁଁଛି । ଚାଇନାର ବିଦେଶ ମନ୍ତ୍ରୀ ବୈଠକରେ ଯୋଗଦେବାକୁ ଭାରତ ଯିବେ ।" ଏଲଏସିରେ ଚାଇନା ଏକତରଫା ଭାବେ ସ୍ଥିତାବସ୍ଥା ପରିବର୍ତ୍ତନ କରିବାକୁ ଉଦ୍ୟମ କରୁଥିବାରୁ ଏହାକୁ ଭାରତର ସରକାର ବିରୋଧ କରିଆସୁଛନ୍ତି । ଚାଇନାକୁ ତା'ର ଉତ୍ତେଜନାମୂଳକ ଆଭିମୁଖ୍ୟ ପାଇଁ ଉଚିତ ଜବାବ ଦିଆଯିବ ବୋଲି ଦିନକ ତଳେ ଭାରତ ସରକାର କହିଥିଲେ । ଏହି ଘଟଣାର ଦିନକ ପରେ ଚାଇନିଜ ସରକାର ଗଙ୍ଗ ଭାରତ ଗସ୍ତରେ ଆସିବେ ବୋଲି ସୂଚନା ଦେଇଛନ୍ତି ।

## ଏପ୍ରିଲ ୩ରେ ହିନ୍ଦୋଳ ଓ ଅତାବିରା ଏନଏସି ନିର୍ବାଚନ



ଭୁବନେଶ୍ୱର, ୨୮/୦୨ (ନି.ପ୍ର): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଓ ବରଗଡ଼ ଜିଲ୍ଲାର ଅତାବିରା ଏନଏସିରେ ହେବ ନିର୍ବାଚନ । ରାଜ୍ୟ ନିର୍ବାଚନ ଆୟୋଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏହି ୨ ଟି ଏନଏସିର କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ୧୨ ତାରିଖରେ ଶେଷ ହେବ । ଏଥିପାଇଁ ମାର୍ଚ୍ଚ ୩ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ । ଏହାପରେ ମାର୍ଚ୍ଚ ୯ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ଦାଖଲ କରାଯିବ । ୧୭ରେ ପ୍ରାର୍ଥୀପତ୍ର ଯାଂଚ ପରେ ୨୦ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିହେବ । ଏପ୍ରିଲ ୩ ତାରିଖରେ ଭୋଟ୍ ଗ୍ରହଣ ହେବ ଏବଂ ଏପ୍ରିଲ ୫ରେ ଫଳାଫଳ ପ୍ରକାଶ ପାଇବ । ଏହା ପୂର୍ବରୁ ରାଜ୍ୟ ନିର୍ବାଚନ ଆୟୋଗ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳମାନଙ୍କୁ ନେଇ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ପାଢୀ ସୂଚନା ଦେଇଛନ୍ତି ଯେ ଅତାବିରା ଅଧିସୂଚିତ କ୍ଷେତ୍ର ପରିଷଦର ସମୁଦାୟ ୧୨ ଗୋଟି ୱାର୍ଡର ୧୬ଗୋଟି ବୁଥ୍ ଥିବାବେଳେ ଭୋଟରଙ୍କ ସଂଖ୍ୟା ହେଉଛି ୧୩୫୨୦ ଜଣ । ସେହିପରି ହିନ୍ଦୋଳ ଅଧିସୂଚିତ କ୍ଷେତ୍ର ପରିଷଦର ସମୁଦାୟ ୧୬ ଗୋଟି ୱାର୍ଡର ୧୬ ଗୋଟି ବୁଥ୍ ରହିଥିବାବେଳେ ସମୁଦାୟ ଭୋଟରଙ୍କ ସଂଖ୍ୟା ହେଉଛି ୯୮୭୭ ଜଣ । ଉଭୟ ଅଧିସୂଚିତ କ୍ଷେତ୍ର ପରିଷଦର ସଂରକ୍ଷଣ କାର୍ଯ୍ୟ ଶେଷ ହୋଇଛି ଓ ଉଭୟ କ୍ଷେତ୍ର ପରିଷଦର ଅଧକ୍ଷ ପଦ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ହୋଇରହିଛି । ଉଭୟ ଅଧିସୂଚିତ କ୍ଷେତ୍ର ପରିଷଦରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ କାଉନ୍‌ସିଲର ଏବଂ ଅଧକ୍ଷ ପଦ ନିମନ୍ତେ ପ୍ରାର୍ଥୀ ପତ୍ର ଦାଖଲ କରିବେ ସେମାନେ ପ୍ରାର୍ଥୀଙ୍କ ଅପରାଧିକ ପୃଷ୍ଠଭୂମି, ସଂପତି ଓ ଶିକ୍ଷାଗତ ଯୋଗ୍ୟତା ସଂପର୍କରେ ସତ୍ୟପାଠ ଦାଖଲ କରିବେ । ଅସଂପୂର୍ଣ୍ଣ ସତ୍ୟପାଠ କିମ୍ବା ସତ୍ୟପାଠ ଦାଖଲ ନକରିବା ଦ୍ୱାରା ସଂପୃକ୍ତ ପ୍ରାର୍ଥୀଙ୍କର ପ୍ରାର୍ଥିପତ୍ର ନାକଚ କରାଯିବ ବୋଲି ରାଜ୍ୟ ନିର୍ବାଚନ କମିଶନର ସର୍ବଦଳୀୟ ବୈଠକରେ ପ୍ରକାଶ କରିଛନ୍ତି । ଯଦି କେହି ମିଥ୍ୟା ସତ୍ୟପାଠ ଦାଖଲ କରିବା ଜଣାଯାଏ, ସେମାନଙ୍କ ବିରୁଦ୍ଧରେ ଅପରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେହିପରି ରାଜ୍ୟ ନିର୍ବାଚନ ଆୟୋଗ ପ୍ରାର୍ଥୀପତ୍ର ମନୋନୟନ ପ୍ରମାଣପତ୍ର ସହିତ ଜାତିଗତ ପ୍ରମାଣପତ୍ର ଦାଖଲ ବାଧ୍ୟତାମୂଳକ କରିଛନ୍ତି । ଯେଉଁ ପ୍ରାର୍ଥୀମାନେ ସଂରକ୍ଷିତ ସ୍ଥାନରୁ ନିର୍ବାଚନ ଲଢ଼ିବାକୁ ଚାହୁଁଛନ୍ତି, ସେମାନେ ସେମାନଙ୍କର ଜାତିଗତ ପ୍ରମାଣପତ୍ର ▶▶ପୃଷ୍ଠା ୭

## ଏନ୍‌କାଉଣ୍ଟରରେ ଟଳିଲା କଶ୍ମୀର ପଣ୍ଡିତଙ୍କୁ ହତ୍ୟା କରିଥିବା ଆତଙ୍କବାଦୀ

ନୂଆଦିଲ୍ଲୀ, ୨୮/୦୨ : ଜମ୍ମୁ-କଶ୍ମୀର ପୁଲଓ୍ୱାମାର ଅବନ୍ତିପୋରାରେ ଆଜି ଭୋରୁ ସୁରକ୍ଷାବାହିନୀର ଏନ୍‌କାଉଣ୍ଟରରେ ଜଣେ ଆତଙ୍କବାଦୀ ନିହତ ହୋଇଛି । ସେପଟେ ଗୁଳି ବିନିମୟରେ ଦୁଇ ଜଣ ସୁରକ୍ଷାକର୍ମୀ ମଧ୍ୟ ଆହତ ହୋଇଛନ୍ତି । ଦୁଇ ଦିନ ତଳେ ଜଣେ କଶ୍ମୀର ପଣ୍ଡିତଙ୍କୁ ଆତଙ୍କବାଦୀମାନେ ହତ୍ୟା କରିବା ପରେ ପୁଲଓ୍ୱାମାର ପ୍ୟାଡଗାମପୋରା ଅଞ୍ଚଳରେ କର୍ଡନ କରି ସର୍ଚ୍ଚ ଅପରେସନ ଚାଲିଥିଲା । ମୃତ ଆତଙ୍କବାଦୀ ଜଣକ ପୁଲଓ୍ୱାମାର ଆକିବ ମୁସ୍ତାକ ଭଟ୍ଟ ବୋଲି ଜଣାପଡିଛି । ସେ ପ୍ରଥମେ ଏଚ୍ଏମ୍ ଆତଙ୍କବାଦୀ ସଂଗଠନ ପାଇଁ କାମ କରୁଥିଲା, ବର୍ତ୍ତମାନ ସେ ଟିଆରଏଫ୍ ସହିତ କାମ କରୁଥିଲା । ଏଥିସହ ମୁସ୍ତାକ ହିଁ ୨ ଦିନ ପୂର୍ବରୁ କଶ୍ମୀର ପଣ୍ଡିତ ସଞ୍ଜୟ ଶର୍ମାଙ୍କୁ ହତ୍ୟା କରିଥିଲା ବୋଲି ପୁଲିସ ସୂଚନା ଦେଇଛି ।


SAI SADHANA SCIENCE HIGHER SECONDARY SCHOOL
(+2 SCIENCE RESIDENTIAL COLLEGE)
DIBYASINGHPUR, UDALA, MAYURBHANJ
(Permanent Recognised by Govt. of Odisha & officiated to CHSE)
ADMISSION OPEN

ପ୍ରିୟ ଅଭିଭାବକ !
ଆସନ୍ତା ତା ୨୬.୦୩.୨୦୨୩ ରିଖ (ରବିବାର) ଦିନ ଆମ ଅନୁଷ୍ଠାନରେ ଦ୍ୱିତୀୟ ମେଧା ଅନ୍ୱେଷଣ (Talent Test) ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ । ମ୍ୟାଟ୍ରିକ୍ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀ ଏହି ପ୍ରବେଶିକା ପରୀକ୍ଷାରେ ଅଂଶଗ୍ରହଣ କରିପାରିବେ ଏବଂ ସେମାନଙ୍କ ମଧ୍ୟରୁ ଅଧିକ ନମ୍ବର ରଖିଥିବା ୧୦ଜଣଙ୍କୁ ପୁରସ୍କୃତ କରାଯିବ । ତତ୍ ସହିତ ଆମ +୨ ବିଜ୍ଞାନ କଲେଜରେ ନାମ ଲେଖାଇବାର ସୁଯୋଗ ପାଇପାରିବେ । ଏଥି ସହିତ ଆସନ୍ତା ତା ୨୬.୦୩.୨୦୨୩ ରିଖକୁ ଗ୍ରୀଷ୍ମକାଳୀନ ଶିକ୍ଷାଦାନ (SUMMER COURSE) ପାଇଁ ନାମଲେଖା ଆରମ୍ଭ ହେବ ଏବଂ ତା ୦୨.୦୪.୨୦୨୩ ରିଖ (ରବିବାର) ଠାରୁ ପିଲାଙ୍କର SUMMER COURSE ପାଠପଢ଼ା ଆରମ୍ଭ ହେବ । ଅଧ୍ୟୟନ ପାଇଁ ଆଗ୍ରହୀ ଛାତ୍ରଛାତ୍ରୀ ନିମ୍ନରେ ଥିବା ମୋବାଇଲ ନମ୍ବରରେ ଯୋଗାଯୋଗ କରନ୍ତୁ ।

ଯୋଗାଯୋଗ : 8328874537, 9437443950, 9438317887,7894536767, 9437294587

# ସଙ୍କଟ ମୋଚନ ମହାରାଜଙ୍କ ମହୋତ୍ସବ ଉଦ୍‌ଘାଟିତ

କୋରେଇ, ୨୮/୦୨ (ନି.ପ୍ର): ପଥରପଦା ପଂଚାୟତ ଅନ୍ତର୍ଗତ ଓଚିନ୍ଦା ଗିରିସାହିରେ ସଙ୍କଟ ମୋଚନ ମହାରାଜଙ୍କ ଜନ୍ମୋତ୍ସବ ଅନୁଷ୍ଠିତ ହେବା ଅବସରରେ ସନ୍ଧ୍ୟାରେ ମହୋତ୍ସବ ଉଦ୍ଘାଟିତ ହୋଇଛି । ୩ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଏହାକୁ ଥିବା ଏହି ମହୋତ୍ସବକୁ ଅତିଥି ଭାବେ ଯୋଗଦେଇ ଯୁବ ବିଜେଡି ନେତା ପ୍ରିତୀ ରଂଜନ ସାହୁ (ଲିପା) ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ଅନୁଷ୍ଠାନର ବରିଷ୍ଠ କର୍ମକର୍ତା ନାରାୟଣ ଚନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ସାଇ କୁନାଲ ନରୁଙ୍କ ସଂଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ବକ୍ତା ଭାବେ ସୁବାସ ଧଳ ଯୋଗଦେଇଥିଲେ । ପରେ କୁନି କୁନି କଳାକାର ମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ପ୍ରତ୍ୟୁଷର ଶହ ଶହ ସଂଖ୍ୟାରେ ଭକ୍ତମାନେ ପୂର୍ଣ୍ଣତୋୟା ବୈତରଣୀ ନଦୀରୁ କଳସ ବୁଡାଇ ଶୋଭାଯାତ୍ରାରେ ଆସି ସଙ୍କଟ ମୋଚନଙ୍କ ପାଖରେ ପହଂଚିଥିଲେ । ପରେ ଜନ୍ମୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯଜ୍ଞ ଓ ନାମ ଯଜ୍ଞ ଚାଲୁ ରହିଥିବା ନାଗାବାବା ଯଜ୍ଞ ନିକଟରେ ଭକ୍ତମାନଙ୍କ ଭିଡ ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମକୁ ନାରାୟଣ ମାଝୀ, ଦେବଦତ ସେନାପତି, ଅଶୋକ ସେନାପତି, ରଂଜନ ଗିରି, ମାନଗୋବିନ୍ଦ ପରିଡା, ସଦାନନ୍ଦ ସାହୁ, କୈଳାସ ସେନାପତି, ପ୍ରକାଶ ସାହୁ, ମାୟାଧର ସାହୁ, କୃପାସିନ୍ଧୁ ସେନାପତି, ଲକ୍ଷ୍ମୀଧର ଗିରି, ରମେଶ ସାହୁ, ରାହାସ ସାହୁ, ନିରଂଜନ ପଣ୍ଡା, ସଂଜୟ ସେନାପତି, ରାଜୁ ବିଶ୍ୱାଳ, ଚିନ୍ତାମଣି ଗିରି, ଅର୍ଜ୍ଜୁନ ଗିରି, ନାରାୟଣ ଗିରି, ଧନେଶ୍ୱର ସାହୁ, ବ୍ରଜ କିଶୋର ପୁରୀ, ପରମାନନ୍ଦ ସାହୁ, ବାସୁଦେବ ମହାରଣା, ସମୀର ସାହୁ, ହରେକୃଷ୍ଣ ଶିଅଳ, ପ୍ରକାଶ ଶିଅଳ, ପ୍ରତାପ ପରିଡା, ବିଶ୍ୱନାଥ ମାଝୀ, ଅଶୋକ ମାଝୀ, ପ୍ରମୋଦ ପହୀ, ନଟବର ମାଝୀ, କାର୍ତିକ ମାଝ. ନକୁଳ ଗିରି, ଶ୍ରୀକାନ୍ତ ସେନାପତିପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ୨୮ ତାରିଖ ଯଜ୍ଞର ପୂର୍ଣ୍ଣାହୁତି କରାଯିବା ପରେ ଦୁଇ ଦିନ ମୁକ୍ତାକଶ ନାଟକ ପ୍ରତିଯୋଗୀତା ଅନୁଷ୍ଠିତ ହେବ ।

# ଆଶା କର୍ମୀ ସଂଘ ତରଫରୁ ଜିଲ୍ଲାପାଳ ଅଫିସ ଘେରାଓ

ବଲାଙ୍ଗୀର, ୨୮/୦୨ (ନି.ପ୍ର): ନିଖିଳ ଓଡିଶା ଆଶା କର୍ମୀ ସଂଘ ବଲାଙ୍ଗିର ଜିଲ୍ଲା ତରଫରୁ ୧୨ ଦଫା ସମ୍ବଳିତ ଦାବି ନେଇ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ଆଶାକର୍ମୀ ଗାନ୍ଧିନଗରପଡା ଛକଠାରୁ ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କଲା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା । ବିକ୍ଷୋଭ ସ୍ଥଳରେ ଜିଲ୍ଲା ସଭାପତି ତୀର୍ଥ ପଧାନଙ୍କ ସଭାପତିତ୍ୱ ସଭାରେ ଏଆଇଟିୟୁସି ରାଜ୍ୟ ସାଧାରଣ ସଂପାଦକ ତଥା ସଂଘର ରାଜ୍ୟ ସଭାପତି ବିଜୟ ଜେନା ସଂଘର ସାଧାରଣ ସଂପାଦିକା ନମିତା ସାହୁ, ଏଆଇଟିୟୁସି ଜିଲ୍ଲା ସଭାପତି ବିଭୁଦତ ମିଶ୍ର ପ୍ରମୁଖ ବକ୍ତବ୍ୟ ଦେଇ ଆଶାକର୍ମୀଙ୍କ ୧୨ ଦଫା ଦାବି ପୁରଣ କରିବା ପାଇଁ ଆହ୍ୱାନ ଦେବା ସହ ଆଗାମୀ ମାର୍ଚ୍ଚ ୧୫ ତାରିଖରୁ ବିଧାନସଭା ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ଧାରଣା ଏବଂ ୨୮ ମାର୍ଚ୍ଚ ପାର୍ଲିଆମେଂଟ ଘେରାଓ ସଫଳ କରିବା ସହ ବହୁ ସଂଖ୍ୟାରେ ଆଶାକର୍ମୀ ଅଂଶଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ । ଆଶାକର୍ମୀଙ୍କ ବିଭିନ୍ନ ଦାବି ଯଥା ମାସିକ ସୁନିର୍ଶ୍ଚିତ ଭତା ପରିବର୍ତେ ମାସିକ ଭତା ଧାର୍ଯ୍ୟ, ସର୍ବ ନିମ୍ନ ମାସିକ ଭତା ୨୬ହଜାର ଟଙ୍କା ପ୍ରଦାନ, ଜାତୀୟ ଶ୍ରମ ସମ୍ମିଳନୀ ନିଷ୍ପତି ଅନୁସାରେ ୱାର୍କର ମାନ୍ୟତା, ଅବ୍ୟାହତି ସମୟସୀମା ୬୨ ବର୍ଷରୁ ୬୫ ବର୍ଷକୁ ବୃଦ୍ଧି, ଗ୍ରାମାଂଚଳର ଜନନୀ ସୁରକ୍ଷା ଓ ଅନ୍ୟାନ୍ୟ ଦେୟ ପ୍ରଦାନ ପରି ସହରାଂଚଳ ଆଶାକର୍ମୀଙ୍କୁ ପ୍ରଦାନ ସମେତ ୧୨ ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା । ଏହି ଧାରଣରେ ଜିଲ୍ଲା ସଂପାଦିକା ଓମୀ ଗୁପ୍ତା, ଜିଲ୍ଲା ନେତ୍ରୀ ସରସ୍ୱତୀ ଶର୍ମା, ଆନନ୍ଦିନୀ ବିଶ୍ୱାଳ, ମମତା କଛପ, ଯଶୋବନ୍ତୀ ବେହେରା, ବୃନ୍ଦାବତୀ ସରାଫ, ମାଧବି ବେହେରା, ମମତା ବାଗ, ପୁଷ୍ପା ଦୀପ, ସଂଜୁ ବାଗ, ପ୍ରଭାସିନୀ ରାୟ, ତୁଳସୀ ପ୍ରଧାନ, ପ୍ରେମଲତା ରଣା, ଅନୁପମା ସାଏ, ଯଶୋବନ୍ତୀ ମେହେର, ମନ୍ଦନା ନାଏକ, ପ୍ରେମ ମଞ୍ଜରୀ ମହାନନ୍ଦ, ଅହଲ୍ୟା ନାଗ, ତରୁଣି ନାଗ, ଉଜ୍ଜୁଳି ମେହେର, ସିରିପ୍ରିୟା କୁମ୍ଭାର, କଲ୍ୟାଣି ସାହୁ, ମଳୟ ବିଶ୍ୱାଳ, ସରସ୍ୱତୀ ସାହୁ, ସୁମତି ପଟେଲ, ସୁଶାନ୍ତି ବଗର୍ତି, ଅଞ୍ଜଳି କୁମ୍ଭାର, ଚିନ୍ମୟୀ ଦାସ, ଜୁଲି କେନଡ, ପୂର୍ଣ୍ଣମାସୀ ବଗର୍ତି, ସୌଦାମିନୀ ବଗତର୍ତି, ସରିତା ମାହାର, ମାଲତି ମଲ୍ଲିକ, ବାସମତୀ ବାଗ, ତପିସା ନାଗ, ଉର୍ବସୀ ମେହେର, ସନ୍ତୋଷିନି ନାଗ, ସନ୍ତୋଷିନୀ ଦୀପ, ଭୁମିସୁତା ବେହେରା, ନଳିନୀ ସାହୁ, ସତ୍ୟଭାମା ହଂସ, ଭାନୁମତି ଧରୁଆ, ସଂଯୁକ୍ତା ରାଏ, ମଥୁରା କାଲସାଏ, ସୁରଦିନୀ ପଧାନ, ମାଳତି ମଲ୍ଲିକ, ଉର୍ବସୀ ସାହୁ, ଧୁର୍ଯ୍ୟୋଧନ ବିଶ୍ୱାଲ, ସାଏବୁ ନନ୍ଦ, ଆଲୋକ ବିଶ୍ୱାଲ, ପଂଚାନନ ସାହୁ, ଦେବାଶିଷ ବାବୁ, ଜ୍ୟୋସ୍ନାମୟୀ ଷଡଙ୍ଗୀ ପ୍ରମୁଖ ବକ୍ତବ୍ୟ ଦେଇ ଆଗାମୀ ଆନ୍ଦୋଳନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ ।

# ଜୟପୁର ପୌର ସମ୍ମିଳନୀ କକ୍ଷରେ ପେନସନ ଅଦାଲତ

ଜୟପୁର, ୨୮/୦୨ (ନି.ପ୍ର): ଆଜି ଜୟପୁର ପୌର ପରିଷଦ ସମ୍ମିଳନୀ କକ୍ଷରେ ପେନସନ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅକ୍ଷୟ କୁମାର ବେହେରା ନୋଡାଲ ଅଫିସର୍ ଓ ଏସ୍ ଏସ୍ ସି ନାୟକ ପେନସନ କମିଶନ୍‌ଙ୍କ ନିର୍ଦ୍ଦେଶନାରେ ଶୁଣାଣି କରିବା ପାଇଁ ଯୋଗ ଦେଇ ଥିବା ବେଳେ କାଗଜ କଳ ଶ୍ରମିକ ମାନଙ୍କ ପକ୍ଷରୁ ପ୍ରଥମ ଓ ଦ୍ୱିତୀୟ ଦୁଇଟି ୟୁନିଅନର ପ୍ରତିନିଧି ଏବଂ ଅବସରପ୍ରାପ୍ତ ଶ୍ରମିକ ମାନେ ବସନ୍ତ କୁମାର ବେହେରା ଙ୍କ ନେତୃତ୍ୱରେ ଯୋଗଦେଇଥିଲେ । କୋରାପୁଟ ଜିଲ୍ଲା ଇ ପି ଏଫ୍ ପେନସନ ଆସୋସିଏସନ୍ ର ସଭାପତି ଶ୍ରୀ ନଳିନୀ ରଥ ବିଭିନ୍ନ ବିଭାଗର ଶ୍ରମିକ ମାନଙ୍କ ପେନସନ ସମସ୍ୟା ଉପସ୍ଥିତ କରିଥିଲେ । କାଗଜ କଳ ଶ୍ରମିକ ମାନଙ୍କ ର ଅଧା ଦରମା ରୁ ପେନସନ ପାଣ୍ଠିକୁ ଯାଉଥିବା ଅର୍ଥ ଶ୍ରମିକ ମାନଙ୍କ ପେନସନ ଉପରେ ପ୍ରଭାବ ପକାଇବ ଏବଂ ଅବସରପ୍ରାପ୍ତ ଓ ମୃତ ଶ୍ରମିକଙ୍କୁ କମ୍ ପେନସନ ମିଳିବ ବୋଲି ନୋଡାଲ ଅଧିକାରୀ କହିଛନ୍ତି । ଏଣୁ ମ୍ୟାନେଜମେଂଟ ଯଥାଶୀଘ୍ର ୨୦୧୨ - ୨୦୧୫ ମଜୁରୀ ନିର୍ଦ୍ଧାରଣ ଚୁକ୍ତିନାମା ଅନୁଯାୟୀ ବେସିକ୍ ଡିଏ ଭିଡିଏ ର ପୁରା ହିସାବ କରି ପେନସନ ପାଣ୍ଠିରେ ପୈଠ କରୁ । କାଗଜ କଳ ଉଚ୍ଚ ଅଧିକାରୀ କେହି ଯାଇନଥିଲେ, ଏଣୁ ଯେଉଁ ପ୍ରତିନିଧି ଯାଇଥିଲେ ତାଙ୍କୁ ତାଗିଦ୍ କରିଛନ୍ତି ଏଭଳି ଅନ୍ୟାୟ କାର୍ଯ୍ୟରୁ ବିରତ ରହି ଶ୍ରମିକ ମାନଙ୍କୁ ନ୍ୟାୟ ଦେବା ପାଇଁ ବ୍ୟବସ୍ଥା କରୁ । ଶୀଘ୍ର ନହେଲେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ପେନସନ ଅଧିକାରୀ ମାନେ ଶ୍ରମିକ ପ୍ରତିନିଧି ମାନଙ୍କୁ କହିଛନ୍ତି ଯେ ମାର୍ଚ୍ଚ ମାସ ସୁଦ୍ଧା ଟ୍ରଷ୍ଟ ରୁ ବ୍ରହ୍ମପୁର ଆଂଚଳିକ ଅଫିସ୍ କୁ ପି ଏଫ୍ ଜମା ରାଶି ଟ୍ରାନ୍ସଫର ହୋଇଯିବ, ଯଦି ନହୁଏ କମିଶନର ପଦକ୍ଷେପ ଗ୍ରହଣ କରିବେ । ବର୍ତମାନ ଶ୍ରମିକ ମାନେ ପୁରା ଦରମା ଓ ପି ଏଫ୍ ଆଦି ସମସ୍ୟା ର ସମାଧାନ ପାଇଁ ସ୍ୱର ଉତୋଳନ କରିବା ପାଇଁ ନିଷ୍ପତି ନେଇଛନ୍ତି । ଆଜି ର ବୈଠକରେ ସର୍ବଶ୍ରୀ ପ୍ରଦୀପ ପାଞ୍ଜିଆ, କେଦାର ଆଚାର୍ଯ୍ୟ, ଏସ୍ ବିଶ୍ୱାସରାୟ, ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ପକ୍ଷରୁ ଜୟନ୍ତ ସାନ୍ତ୍ରା, ନାରାୟଣ ଦାଶ ପ୍ରମୁଖ ଯୋଗଦାନ କରିଥିଲେ ।

# ମିଶନ ଲାଇଫ ସଚେତନତା କାର୍ଯ୍ୟକ୍ରମ

ଭବାନୀପାଟଣା , ୨୮/୦୨ (ନି.ପ୍ର): ସ୍ୱାଧୀନତାର ୭୫ ବର୍ଷ ପୂର୍ତି ଉପଲକ୍ଷେ ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଂଚାର ବ୍ୟୁରୋ, ଭବାନୀପାଟଣା ଏବଂ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ସହଯୋଗରେ ଆଜାଦୀ କା ଅମୃତ ମହୋତ୍ସବ, ମିଶନ ଲାଇଫ ସମ୍ପର୍କିତ ଦୁଇଦିନିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପରିସରରେ ଆଜି ଉଦ୍ଘାଟନ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଶ୍ୱବିଦ୍ୟାବିଦ୍ୟଳୟର ଛାତ୍ର ଛାତ୍ରୀମାନେ ଏକ ସଚେତନତା ପଦଯାତ୍ରାରେ ଅଂଶ ଗ୍ରହଣ କରି ଥରେ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ବର୍ଜନ, ରାଷ୍ଟ୍ର ନିର୍ମାଣପାଇଁ କଠିନ ପରିଶ୍ରମ କରିବା ପାଇଁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଳାହାଣ୍ଡି ସାଂସଦ ଶ୍ରୀ ବସନ୍ତ ପଣ୍ଡା ବିଭାଗ ଦ୍ୱାରା ଆୟୋଜିତ ହୋଇଥିବା ଫୋଟୋ ଚିତ୍ର ପ୍ରଦର୍ଶନୀକୁ ଉଦ୍ଘାଟନ କରିଥିଲେ । ଭାରତର ମୁକ୍ତି ସଂଗ୍ରାମରେ ଅଂଶ ଗ୍ରହଣ କରିଥିବା ବିଭିନ୍ନ ସ୍ୱାଧୀନତା ସଂଗ୍ରାମୀ, ଅପରିଚିତ ଯୋଦ୍ଧାଙ୍କ ବୀର ଗାଥା, ଜି -୨୦, ମିଲେଟ ମିଶନ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜଣ କଲ୍ୟାଣ କରି ଯୋଜନା ସମ୍ପର୍କରେ ୫୦ଟି ଫୋଟୋ ମାଧମରେ ଏହି ପ୍ରଦର୍ଶନୀ ଦ୍ୱାରା ସୂଚନା ପ୍ରଦାନ କରାଯାଇଛି । ପରେ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରି ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପଣ୍ଡା ବିନମ୍ର ହୋଇ ସମାଜର ତଳ ସ୍ତରର ଲୋକଙ୍କ ବିକାଶରେ ସହଯୋଗ କରିବା ପାଇଁ ଆହ୍ୱାନ ଦେବାସହ ପ୍ରତ୍ୟକ ଛାତ୍ର ଛାତ୍ରୀଙ୍କୁ ବୀର ଏବଂ ବୀରାଂଗନା ଭାବେ କଠିନ ପରିଶ୍ରମ ଦ୍ୱାରା ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଅନୁପ୍ରାଣିତ କରିଥିଲେ । ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଷ୍ଠ ଅବଦାନକୁ ସ୍ମରଣ କରି ରାଷ୍ଟ୍ର ନିର୍ମାଣ ପଇଁ ସମସ୍ତେ ପ୍ରୟାସ କରିବା ଆବଶ୍ୟକ ଅଛି ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ରୀ ପିତାମ୍ବର ଭୋଇ, ପିଜି କାଉନସିଲ ଅଧକ୍ଷ ଡ଼. ଜୟଦେବ ସାହୁ, ଡ଼. ନଳିନୀକାନ୍ତ ରାଉତ , ବିଶିଷ୍ଟ ଶିକ୍ଷାବିତ ଡ଼. ଉମେଶ ଚନ୍ଦ୍ର ଶତପଥୀ, ଏନ.ଏସ,ଏସ, କାର୍ଯ୍ୟକ୍ରମ ସଂଯୋଜକ ଡ଼. ଚିତରଞ୍ଜନ ଝୁଟିଆ, ପ୍ରମୁଖ ଉପସ୍ଥିତ ଛାତ୍ର ଛାତ୍ରୀଙ୍କୁ ଅନୁପ୍ରାଣିତ କରିଥିଲେ । ଏହି ଅବସରରେ କେନ୍ଦ୍ର ସଂଚାର ବ୍ୟୁରୋ,.ଭୁବନେଶ୍ୱରର ବିଭାଗୀୟ କଳାକାର ଏବଂ ପଂଜିକୃତ କଳାକାର ସୂଚନା ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ କେନ୍ଦ୍ର ସଂଚାର ବ୍ୟୁରୋ, ଭବାନୀ ପାଟଣାର ଅଧିକାରୀ ଶ୍ରୀ ବିଷ୍ଣୁ ଚରଣ ସାହୁ ପରିଚାଳନା କରିଥିବାବେଳେ କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀ ମହେନ୍ଦ୍ର ପ୍ରସାଦ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଦାରିଙ୍ଗବାଡିରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

କନ୍ଧମାଳ, ୨୮/୦୨ (ନି.ପ୍ର): କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ସୋମବାର ଦାରିଙ୍ଗବାଡ଼ି ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜନଶୁଣାଣି କରିଛନ୍ତି । ଏଥିରେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମୋଟ ୭୨ ଅଭିଯୋଗ ହୋଇଥିଲା । ସେଥି ମଧ୍ୟରେ ୪୯ ବ୍ୟକ୍ତିଗତ ସମସ୍ୟା ରହିଥିବା ବେଳେ ୨୩ଟି ସାମୂହିକ ସମସ୍ୟାର ସମାଧାନ ପାଇଁ ଜନସାଧାରଣ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ସେହିପରି ୩ ଜଣଙ୍କୁ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩୫ ହଜାର ଟଙ୍କା ସହାୟତା କରାଯାଇଥିଲା ।

ସେହିପରି ବାଡ଼ାବାଙ୍ଗା ପଂଚାୟତରେ ଚିକିତ୍ସା କେନ୍ଦ୍ର କରାଯିବା ସହ ମୋବାଇଲ ଟାୱାର, ବସୁଧା ଯୋଜନାରେ ପାଇପ୍ ଯୋଗେ ପାଣି ଯୋଗାଇ ଦିଆଯାଉଥିବାବେଳେ ରାସ୍ତା ସମ୍ପ୍ରସାରଣ ଯୋଗୁ ପାଇପ୍‌ଗୁଡିକ ନଷ୍ଟ ହେଉଛି । ଏନେଇ ତୁରନ୍ତ ମରାମତି କରି ଜନସାଧାରଣଙ୍କୁ ପାଣି ଯୋଗାଇଦେବାକୁ ସରପଂଚ ପ୍ରସନ୍ନ ପ୍ରଧାନ ଜିଲାପାଳଙ୍କୁ କହିଥିଲେ । ସେହିପରି ହାତୀମୁଣ୍ଡା ପଂଚାୟତ କୁମ୍ଭାରୀପଦର ଭୂସ୍ଖଳନ ହୋଇଥିଲା । ସେଠାକାର ବାସିନ୍ଦାଙ୍କୁ ପ୍ରଶାସନ ଅନ୍ୟତ୍ର ଥଇଥାନ କରୁଥିବା ବେଳେ ଉକ୍ତ ଗାଁ ନିକଟବର୍ତୀ ତାମାଙ୍ଗି ଗ୍ରାମର ମଧ ୩୫୦ ପରିବାରଙ୍କୁ ପକ୍କାଘର ଯୋଗାଇ ଅନ୍ୟତ୍ର ଥଇଥାନ କରିବାକୁ ଦାବି କରିଛନ୍ତି । ଏପରିକି ଦିବ୍ୟାଙ୍ଗମାନଙ୍କୁ ମୌଳିକ ସୁବିଧା ସହ ଆବାସ ଯୋଜନାରେ ସାମିଲ କରିବା ସହିତ ମୋବାଇଲ ଟାୱାର ସ୍ଥାପନ ଆଦି ଅଭିଯୋଗ ହୋଇଛି । ଅଭିଯୋଗ ଶୁଣାଣି ବେଳେ ବାଲିଗୁଡ଼ା ଏସ୍ ?ଡିପି ରୋହିତ ବର୍ମା, ଦାରିଙ୍ଗବାଡ଼ି ତହସିଲଦାର ଡ. ଅଶୋକ କୁମାର ଦାସ, ବ୍ଲକ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନଙ୍କ ସମେତ ଜିଲା ଉପଖଣ୍ଡସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ରହିଥିଲେ ।

# ଆରଏସ୍‌ପି ଏବଂ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ପରିଦର୍ଶନ କଲେ ସିକ୍କିମ ଯୁବା ସଙ୍ଗମ ଦଳ

ରାଉରକେଲା, ୨୮/୦୨ (ନି.ପ୍ର): ଏନ୍‌ଆଇଟି ରାଉରକେଲାଠାରେ ଏକ ଭାରତ ଶ୍ରେଷ୍ଠ ଭାରତ – ଯୁବା ସଂଗମ କାର୍ଯ୍ୟକ୍ରମ ଅଧୀନରେ ଯୁବ ବିନିମୟ କାର୍ଯ୍ୟକ୍ରମ ଜାରି ରହିଛି । ସିକ୍କିମରୁ ଆସିଥିବା ୩୦ଜଣିଆ ଛାତ୍ରପ୍ରତିନିଧି ଦଳ ଆଜି ଓଡ଼ିଶା ଗସ୍ତର ତୃତୀୟ ଦିନରେ ରାଉରକେଲା ଇସ୍ପାତ କାରଖାନା ପରିଦର୍ଶନ କରିଥିଲେ । ଯୁବକଯୁବତୀମାନେ ଏଠାରେ ଇସ୍ପାତ ତିଆରି ପ୍ରକ୍ରିୟା ଦେଖିବା ସହିତ ବିଭିନ୍ନ ଜ୍ଞାନକୌଶଳ ସମ୍ପର୍କରେ ପଚାରି ବୁଝିଥିଲେ । ଆରଏସ୍‌ପିର ଅତିଥି ସମ୍ପର୍କ ଅଧିକାରୀ ନବୀନ କୁମାର ସିଂ ଓ ତାଙ୍କ ସହଯୋଗୀମାନେ ଅତିଥି ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ୟୁନିଟ୍ ବୁଲି ଦେଖାଇ ଥିଲେ । ତା'ପରେ ଛାତ୍ରଛାତ୍ରୀମାନେ ବିଶ୍ୱର ସର୍ବବୃହତ୍ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍ ପରିଦର୍ଶନ କରିଥିଲେ ।



ଉତ୍ତର ସିକ୍କିମର ଜଣେ ଛାତ୍ର ଆତସୁର ଗ୍ୟାତସୋ ଲେପଚା ନିଜର ଅଭିଜ୍ଞତା ବିଷୟରେ କହିଛନ୍ତି ଯେ, ଯୁବା ସଂଗମ କାର୍ଯ୍ୟକ୍ରମରେ ସେମାନେ ଏହି ବିଶାଳ ହକି ଷ୍ଟାଡିୟମ୍ ଦେଖିବାର ସୁଯୋଗ ପାଇଛନ୍ତି । ସ୍ଥାନୀୟ ପ୍ରଶାସନ ଓ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କ ଆତିଥ୍ୟକୁ ନେଇ ସେ ସନ୍ତୋଷ ବ୍ୟକ୍ତ କରିଥିଲେ । ଆସନ୍ତାକାଲି ସିକ୍କିମର ଛାତ୍ର ପ୍ରତିନିଧିମାନେ ସମ୍ବଲପୁର ଜିଲ୍ଲା ଗସ୍ତ କରି ହୀରାକୁଦ ନଦୀବନ୍ଧ ଏବଂ ସମଲେଶ୍ୱରୀ ମନ୍ଦିର ଆଦି ବୁଲି ଦେଖିବେ ।

# ୨୩ ଶେଷ ସୁଦ୍ଧା ସରିବ କଟକ-ସମ୍ବଲପୁର ୪ ଥାକିଆ ରାସ୍ତା



ଅନୁଗୁଳ , ୨୮/୦୨ (ନି.ପ୍ର): ଆସନ୍ତା ବର୍ଷ ଆରମ୍ଭ ହେବା ଆଗରୁ କଟକ-ସମ୍ବଲପୁର ୪ ଥାକିଆ ରାସ୍ତା ନିର୍ମାଣ ଶେଷ ହେଇଯିବ । ଏବେ ସୁଦ୍ଧା ୬୫ ପ୍ରତିଶତରୁ ଅଧିକ କାମ ଶେଷ ହୋଇଥିଲାବେଳେ ୧୯୪ କିମି ରାସ୍ତାକୁ ୪ ଥାକିଆ କରାଯାଇଛି । ବାକି କାମ ବର୍ଷ ଶେଷ ସୁଦ୍ଧା ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଏହି ସମୟସୀମା ଭିତରେ ରାସ୍ତା ପ୍ରଶସ୍ତୀକରଣ ଶେଷ ହେବା ନେଇ ରାଜ୍ୟ ସରକାର ଆଶା ଦେଖାଇଥିଲାବେଳେ କଟକରୁ ଢେଙ୍କାନାଳ ରାସ୍ତା ଜୁନ୍ ବେଳକୁ ଶେଷ ହେବ ବୋଲି ସୂଚନା ମିଳିଛି । ଉପକୂଳ ଓଡ଼ିଶାକୁ ପଶ୍ଚିମ ଓଡ଼ିଶା ସହ ଯୋଡୁଥିବା ଜାତୀୟ ରାଜପଥ-୫୫ ର ପ୍ରଶସ୍ତୀକରଣ କାମ ଚାଲିଛି । ୨୦୨୦ ସୁଦ୍ଧା ଏହି ରାସ୍ତା ନିର୍ମାଣ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲାବେଳେ ବିଭିନ୍ନ କାରଣର ପାଇଁ ଏହା ବିଳମ୍ବିତ ହୋଇଛି । କାମ କରିବାକୁ ନୂଆ ଠିକା ସଂସ୍ଥାକୁ ଦାୟିତ୍ୱ ଦେବା ପରେ କାମ ପୁଣି ତ୍ୱରାନ୍ୱିତ ହୋଇଛି । ଏହି ନୂଆ ଠିକାସଂସ୍ଥା ପାଇଁ ନୂଆ ଡେଡ୍‌ଲାଇନ୍ ଧାର୍ଯ୍ୟ କରାଯାଇଛି । ବିଧାନସଭାରେ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଦେଇଥିବା ସୂଚନା ଅନୁସାରେ, କଟକର ମଙ୍ଗୁଳିଠାରୁ ସମ୍ବଲପୁର ପର୍ଯ୍ୟନ୍ତ ପ୍ରାୟ ୨୬୫ କିମି ରାସ୍ତାକୁ ୩ ଭାଗରେ ବିଭକ୍ତ କରାଯାଇ ରାସ୍ତା ପ୍ରଶସ୍ତୀକରଣ କରାଯାଉଛି । କଟକରୁ ଢେଙ୍କାନାଳ ପର୍ଯ୍ୟନ୍ତ ୬୦ କିମି ରାସ୍ତା ନିର୍ମାଣ କାମ ୨୦୧୮ ଜାନୁଆରିରୁ ଆରମ୍ଭ ହୋଇଥିଲାବେଳେ ଆସନ୍ତା ଜୁନ୍ ଶେଷ ସୁଦ୍ଧା ଏହା ସାରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ରାସ୍ତାର ୬୭ ପ୍ରତିଶତ କାମ ଶେଷ ହୋଇଛି । ଢେଙ୍କାନାଳ-ଅନୁଗୁଳ ରାସ୍ତାର ୫୨ କିମି ରାସ୍ତା ପ୍ରଶସ୍ତୀକରଣ କାମର ୫୮ ପ୍ରତିଶତ ସରିଛି । ଏହି ରାସ୍ତା ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ସରିବ ବୋଲି ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ୨୦୧୮ ମାର୍ଚ୍ଚରେ ଏହି ରାସ୍ତା ନିର୍ମାଣ ଆରମ୍ଭ ହୋଇଥିଲାବେଳେ ୨୦୨୦ ସେପ୍ଟେମ୍ବର ଶେଷ ସୁଦ୍ଧା ସାରିବାକୁ ପ୍ରାଥମିକ ପର୍ଯ୍ୟାୟରେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଅନୁଗୁଳ-ସମ୍ବଲପୁର ସେକ୍ସନରେ ଥିବା ୧୫୩ କିମି ରାସ୍ତା ଭିତରୁ ୧୧୫ କିମି ରାସ୍ତାକୁ ଏ ଭିତରେ ୪ ଥାକିଆ କରାଯାଇଛି । ସମୁଦାୟ କାମ ଭିତରୁ ୭୨ ପ୍ରତିଶତ କାମ ସରିଥିଲାବେଳେ ୨୦୨୩ ଶେଷ ସୁଦ୍ଧା କାମ ସରିବ ବୋଲି ସରକାର କହିଛନ୍ତି ।

# ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଜାତୀୟ କର୍ମଶାଳା

ଚମ୍ପୁଆ, ୨୮/୦୨ (ନି.ପ୍ର): ଉପାନ୍ତ ଚମ୍ପୁଆ ନଗରଭବନ ଠାରେ ସ୍ଥାନୀୟ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଚମ୍ପୁଆର ଇଂରାଜୀ ବିଭାଗ ଆନୁକୂଲ୍ୟରେ ମହାକାବ୍ୟ ରାମାୟଣ ଓ ମହାଭାରତ ଉପରେ ଦୁଇ ଦିବସୀୟ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଚନ୍ଦ୍ରଶେଖର ମହାବିଦ୍ୟାଳୟର ଇଂରାଜୀ ବିଭାଗ ମୁଖ୍ୟ ପ୍ରଧାପକ ସ୍ୱାଧୀନ କୁମାର ସିଂହଙ୍କ ସଂଯୋଜନା ଓ ଉପସ୍ଥାପନାରେ ଅନୁଷ୍ଠିତ ଏହି ସେମିନାରରେ ମହାବିଦ୍ୟାଳୟ ଅଧକ୍ଷ ବିପିନ ବିହାରୀ ଜେନା ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟ ଅତିଥିଭାବେ ଜିଏମ ୟୁନିଭରସିଟି ସମ୍ବଲପୁରର ଭାଇସ ଚାନସେଲର ପ୍ରଫେସର ଏନ ନାଗରାଜୁ, ସମ୍ମାନୀତ ଅତିଥି ବକ୍ତା ଭାବେ ଆଇଆଇଟି ମାଡ୍ରାସର ପ୍ରଫେସର ଅନିନ୍ଦିତା ସାହୁ, ଖଲିକୋଟ ୟୁନିଭରସିଟି ପ୍ରଫେସର କାଳିକିଙ୍କର ପଟ୍ଟନାୟକ, ଆସାମ ତେଜପୁର ୟୁନିଭରସିଟି ପ୍ରଫେସର ବିଜୟ କୁମାର ଦନ୍ତା, କରଞ୍ଜିଆ ଅଟୋନମସ କଲେଜ ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ଅବନୀକାନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଥମ ଦିନ ରାମାୟଣ ଓ ମହାଭାରତରେ ସାମାଜିକ ଶକ୍ତିର ପ୍ରସାର ସମ୍ମାନରେ ଆଧୁନିକ ସମାଜରେ ଏହାର ଗୁରୁତ୍ୱ ସମ୍ପର୍କରେ ଆଲୋକ ପାତ କରିଥିବାବେଳେ ଦ୍ୱିତୀୟ ଦିନରେ ଭାଷାର ପ୍ରୟୋଗ ଓ ଅନୁଶୀଳନ ଉପରେ ଦୀକ୍ଷାନ୍ତ ବକ୍ତବ୍ୟ ପ୍ରଦାନ କରି ସାମ୍ପ୍ରତିକ ସମୟରେ ଯୁଦ୍ଧବିଧ୍ୱଂସ, ଆତଙ୍କରାଜ, ଅରାଜକତା ପୃଥିବୀରେ ରାମାୟଣ ଓ ମହାଭାରତ ପରି ମହାକାବ୍ୟ ଗଠନର ଆବଶ୍ୟକତା ରହିଛି । ଯୁଦ୍ଧର ସମୀକ୍ଷା, ଅବତାରଣା ଓ ରୂପାନ୍ତରିତ କରଣ ଉପରେ ବକ୍ତବ୍ୟ ରଖି ଶ୍ରୀକୃଷ୍ଣଙ୍କ ପରି ଚରିତ୍ରର ଆବଶ୍ୟକତା ରହିଛି ବୋଲି ଦିଗଦର୍ଶନ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଅର୍ଥନୀତି ବିଭାଗ ପ୍ରଧାପକ ପ୍ରଶାନ୍ତ କୁମାର ନନ୍ଦ, ରାଜନୀତି ବିଜ୍ଞାନ ପ୍ରଧାପକ ଚମ୍ପକେଶ୍ୱର ମିଶ୍ର, ଇତିହାସ ବିଭାଗ ପ୍ରଧାପକ ପୂର୍ଣ୍ଣ ଚନ୍ଦ୍ର ଗିରି ପରିଚାଳନା କରିଥିବାବେଳେ ଇଂରାଜୀ ବିଭାଗର ପୁନମ ହୋରୋ , ସଚିନ କୁଲୁ, ଲିଜି ବାବୁ, ରଶ୍ମିରେଖା ବେହେରା ପ୍ରମୁଖଙ୍କ ସମେତ ସମସ୍ତ ଷ୍ଟାଫ ସହଯୋଗ କରିଥିଲେ ।

## ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ: ପାଠପଢା ଠପ୍

କେନ୍ଦ୍ରାପଡ଼ା, ୨୮/୦୨ (ନି.ପ୍ର): କେନ୍ଦ୍ରାପଡା ଟାଉନ ବଳରାମପୁର, ସୁନ୍ଦରପାଳ ଓ ଚକଡା ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟର ଦୁଇଜଣ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ଚରମ ସୀମାରେ ପହଂଚିଥିବା ନେଇ ସ୍କୁଲ କମିଟି ଓ ଅଭିଭାବକ ମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ଦୀର୍ଘ ୬ ମାସରୁ ଉର୍ଦ୍ଧ୍ୱ ହେବ ଦୈନିକ ଗଣ୍ଡଗୋଳ କରି ଗ୍ରାମକୁ ପ୍ରଭାବିତ କରୁଛି । ଏହି ବିଦ୍ୟାଳୟରେ ପ୍ରଥମରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ଛୋଟ ଛୋଟ କୋମଳମତୀ ପିଲାମାନେ ତାଙ୍କର ଭବିଷ୍ୟତ ଗଢିବା ପାଇଁ ସ୍କୁଲକୁ ଆସୁଛନ୍ତି । ଏ ବିଷୟରେ ଗ୍ରାମବାସୀ ଓ ସ୍କୁଲ କମିଟିର ସଦସ୍ୟ ମାନେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କୁ ଭେଟି ତୁରନ୍ତ ଏହି ଦୁଇ ଶିକ୍ଷୟିତ୍ରୀଙ୍କୁ ସେଠାରୁ ସ୍ଥାନାନ୍ତରିତ କରି ଅନ୍ୟ ଦୁଇ ଶିକ୍ଷକଙ୍କୁ ନିଯୁକ୍ତି ଦେବାପାଇଁ ଦାବି କରିଛନ୍ତି ।

# ଚମ୍ପୁଆର ବରିଷ୍ଠ ସାମ୍ବାଦିକ ବସନ୍ତ କୁମାର ଗିରି ସମ୍ମାନିତ

ଚମ୍ପୁଆ, ୨୮/୦୨ (ନି.ପ୍ର): ଚମ୍ପୁଆ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ପାଂଚପୋଖରୀଆ ଗ୍ରାମର ସମାଜ ଖବର କାଗଜର ଚମ୍ପୁଆ ପ୍ରତିନିଧି ଶ୍ରୀ ବସନ୍ତ କୁମାର ଗିରିଙ୍କୁ ଜିଲ୍ଲା ସାମ୍ବାଦିକ ସଂଘ କେନ୍ଦୁଝର ପକ୍ଷରୁ ସଂସ୍କୃତି ଭବନରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସାମ୍ବାଦିକ ସମ୍ମିଳନୀ ଓ ଆଲୋଚନା ଚକ୍ର ଅବସର ରେ ଉଲେଖନୀୟ ସାମ୍ବାଦିକତା ପାଇଁ ସମ୍ମାନିତ କରାଯାଇଛି । ବସନ୍ତ ଗିରି ପ୍ରଥମେ ଧରିତ୍ରୀ ସମ୍ବାଦ ପତ୍ରରୁ ସାମ୍ବାଦିକତା ଜୀବନ ଆରମ୍ଭ କରି ସମ୍ପ୍ରତି ଦୀର୍ଘବର୍ଷ ଧରି ସମାଜ ପ୍ରତିନିଧି ଭାବେ ଚମ୍ପୁଆ ପାଇଁ କାର୍ଯ୍ୟ କରି ଆସୁଛନ୍ତି । ସାମ୍ବାଦିକ ଦେବାଶିଷ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ସଂଘ ସଭାପତି ସତ୍ୟ ନାରାୟଣ ମିଶ୍ର ସଭାପତିତ୍ୱ କରିଥିବାବେଳେ ଅଥିତି, ବକ୍ତାଭାବେ ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ଜଗନ୍ନାଥ ନାୟକ, ସଦର ବିଧାୟକ ମୋହନ ମାଝୀ, ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, କେନ୍ଦୁଝର ପୌରାଧକ୍ଷ ନିକୁ ସାହୁ, ଉତ୍କଳ ସାମ୍ବାଦିକ ସଂଘ ର ରାଜ୍ୟ ସଭାପତି ବିଭୁତି ଭୂଷଣ କର, ବରିଷ୍ଠ ସ୍ତମ୍ଭକାର ଶ୍ରୀରାମ ଦାଶ, ସାମ୍ବାଦିକ ଇପସିତ କୁମାର ପ୍ରତିହାରୀ, ସାଧାରଣ ସମ୍ପାଦକ ଦୀପକ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ହୋଇ ଶ୍ରୀ ଗିରି ଙ୍କୁ ମାନପତ୍ର, ଉପ ଢୌକନ, ଉତରୀୟ ଦେଇ ସମ୍ମାନିତ କରିଥିଲେ ।

# *ମିଳୁନି ଆବାସ ଯୋଜନା : ସମସ୍ୟାରେ କବିତା ବାରିକ*

କେନ୍ଦ୍ରାପଡ଼ା, ୨୮/୦୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ ରାଜନୀତି ସରଗରମ ଥିବା ବେଳେ ଯୋଗ୍ୟ ହିତାଧିକାରୀ ମାନେ ଏଥିରେ ପେଶି ହୋଇ ଭଙ୍ଗା କୁଡିଆ,ଛିଣ୍ଡା ଜରି ଓ ପାଲ ତଳେ ନିଜ ପରିବାରକୁ ନେଇ ଜୀବନ ବିତାଉଛନ୍ତି । ଏହିଭଳି ଏକ ଅଭାବନୀୟ ଘଟଣା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଅନ୍ତର୍ଗତ ରାଜଗଡ ପଂଚାୟତର ଗୟାସପୁର ଗ୍ରାମର କବିତା ବାରିକ ଦୀର୍ଘ ବର୍ଷ ହେଲା ଭଙ୍ଗା ଘର ନିଜ ପରିବାର ସହ ଜୀବନ ବିତାଉଛନ୍ତି । ଏନେଇ ଶ୍ରୀମତୀ ବାରିକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇବା ପାଇଁ ଆବେଦନ କରି ଯୋଗ୍ୟ ହିତାଧିକାରୀ ତାଲିକାରେ ଚୟନ ହୋଇଥିଲେ । କିନ୍ତୁ ରାଜନୀତି ପଶାପାଲିରେ ପେଶି ହୋଇ ତାଙ୍କ ନାମ ତାଲିକାରୁ କାଟି ଦିଆଯାଇ ଥିବା ସେ ଅତିରିକ୍ତ ଜିଲ୍ଲପାଳ ପିତାମ୍ବର ସାମଲଙ୍କ ନିକଟରେ ଅଭିଯୋଗ କରି ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ଗୃହ ଯୋଗାଇବାକୁ ଦାବି କରିଛନ୍ତି ।

# ଭିଲିୟାନ


ପରେଶ ଚନ୍ଦ୍ର ସାହୁ


ଭିଲିୟାନ । ଯାହାକୁ ଆମେ ଖଳନାୟକ କହିଥାଉ । ଯେ କୌଣସି ନାଟକରେ ଜଣେ ଭିଲିୟାନ ଥିବ । କେଉଁଠି ପୁଅ, ଝିଅ ଭଲ ପାଇବା ମଧ୍ୟରେ ଝିଅର ବାପ କିମ୍ବା କେଉଁଠି ପୁଅର ବାପ ପ୍ରତିବନ୍ଧକ ସାଜିଥାନ୍ତି । ରାଜାରାଜୁଡ଼ା ସମୟରେ କ୍ଷମତା ନିଜ ହାତକୁ ନେବା ପାଇଁ ରାଜାଙ୍କୁ ନିଜ ରାସ୍ତାରୁ ହଟାଯିବା ପାଇଁ ସ୍ଥଳ ବିଶେଷରେ ମନ୍ତ୍ରୀ କିମ୍ବା ସେନାପତି ଭିଲିୟାନ ହୋଇଥାନ୍ତି । ଆଉରଙ୍ଗଜେବ ଭଳି ନିଜ ଭାଇ ମାନଙ୍କୁ ମଧ୍ୟ ରାସ୍ତାର ହଟାଇ ଦିଅନ୍ତି । ସୋଲେ ଚଳଚ୍ଚିତ୍ର କଥା ବିଚାରକୁ ନିଆଯାଉ । ଠାକୁର ସାହେବ (ସଂଜୀବ କୁମାର) ନିଜ କର୍ତ୍ତବ୍ୟ ସମ୍ପାଦନ କରି ଗବର ସିଂଙ୍କୁ ଆରେଷ୍ଟ କରେ; ମାତ୍ର ସେ ଅପମାନର ଘଟଣାର / ବଦଳା ନେବା ପାଇଁ ଠାକୁର ସାହେବଙ୍କର ପରିବାର ବର୍ଗଙ୍କୁ ନିର୍ମମ ଭାବରେ ଗୁଳି କରି ତାଙ୍କର ଦୁଇହାତକୁ କାଟି ଦିଏ । ଏହିପରି ଅନେକ କାହାଣୀ ।

ପୁରାଣ ଯୁଗରୁ ଆରମ୍ଭ କରି ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ଭିଲିୟାନ ମାନଙ୍କ ରୂପ ରେଖ ବଦଳି ଗଲାଣି । ମୋଟାମୋଟି ଭାବରେ ସରଳ, ସୁଖ, ଶାନ୍ତିରେ ଜୀବନ ବିତାଉଥିବା ଲୋକଙ୍କର ଯେଉଁମାନେ ପ୍ରତିବନ୍ଧକ ସାଜନ୍ତି ବିଘ୍ନ ସୃଷ୍ଟି କରନ୍ତି ବା କରାନ୍ତି, ଚକ୍ରାନ୍ତ କରନ୍ତି ଏମାନେ ସମସ୍ତେ ଖଳନାୟକ । ଏମାନଙ୍କର ବିନାଶ ପାଇଁ ଭଗବାନଙ୍କୁ ମଧ୍ୟ ଭିନ୍ନ ଭିନ୍ନ ରୂପରେ ଅବିର୍ଭାବ ହେବା ପାଇଁ ପଡ଼େ । ଉକ୍ତ ପ୍ରହ୍ଲାଦ କଥା ବିଚାରକୁ ନିଆଯାଉ । ତାକୁ ଭଗବାନଙ୍କର ଶ୍ରେଷ୍ଠ ଭକ୍ତ ବୋଲି ମଧ୍ୟ କୁହାଯାଏ । ତାଙ୍କ ମତରେ ଭଗବାନ ସର୍ବତ୍ର ବିଦ୍ୟମାନ । ତାଙ୍କର ଇଚ୍ଛାରେ ଏ ସୃଷ୍ଟି ପରିଚାଳିତ । ସେ ସର୍ବବ୍ୟାପକ । ଏସବୁ କଥା ତାଙ୍କ ପିତା ହିରଣ୍ୟ କଶ୍ୟିପୁ ସହଜରେ ଗ୍ରହଣ କରିପାରୁନଥିଲା । ହୁଏତ ସେ ନିଜକୁ ଭଗବାନ ବୋଲି ଭାବୁଥିଲା । ତାଙ୍କ ଚିନ୍ତାଧାରା ଅନୁସାରେ ପ୍ରହ୍ଲାଦକୁ ସେ ସହଜରେ ଗ୍ରହଣ କରିପାରିନଥିଲେ । ତେଣୁ ପ୍ରହ୍ଲାଦକୁ ଅନେକ କଷଣ ସହିବାକୁ ପଡୁଥିଲା । ଶେଷରେ ହିରଣ୍ୟ କଶ୍ୟିପୁ ଅତିଷ୍ଠ ହୋଇ ଦିନେ ସଂଧ୍ୟା ସମୟରେ ପ୍ରହ୍ଲାଦକୁ ପଚାରିଲେ - ଭଗବାନ କ'ଣ ଏହି ସ୍ତମ୍ଭରେ ଅଛନ୍ତି । ପ୍ରହ୍ଲାଦ ହଁ ମାରନ୍ତେ ହିରଣ୍ୟ କସ୍ୟପୁ ଗଦା ସାହାଯ୍ୟରେ ସ୍ତମ୍ଭକୁ ମାରନ୍ତେ ଭଗବାନ ନିଜେ ନୃସିଂହ ରୂପ ଧାରଣ କରି ହିରଣ୍ୟ କଶ୍ୟିପୁକୁ ଜଙ୍ଘରେ ଧାରଣ କରି ତାର ଅନ୍ତ ବୁଜୁଳି ବାହାର କରିଦେଲେ ।

ତେବେ ଏଠାରେ ପ୍ରଶ୍ନ ଆସେ ସତରେ କ'ଣ ସ୍ତମ୍ଭରୁ ଜଣେ ଏମିତି ବାହାରିପାରେ । ଏହା ବିଜ୍ଞାନ ସମ୍ମତ ନୁହେଁ । ତେବେ ଇଏ କେଉଁ ସତ୍ୟକୁ ଦର୍ଶାଉଛି । ଏଇୟା ହୋଇପାରେ ପ୍ରହ୍ଲାଦ ଉପରେ ଅତ୍ୟାଚାର ଚରମ ସୀମାରେ ପହଞ୍ଚିଥିବ । ହିରଣ୍ୟ କଶ୍ୟିପୁ ତାକୁ ଅତ୍ୟନ୍ତ ତୁଚ୍ଛ ତଥା ହେୟ ମନେ କରିଥିବେ ପ୍ରହ୍ଲାଦ ତାକୁ ସହି ଯାଉଥିବେ । ଶେଷରେ ସେ ଯେତେବେଳ ତାକୁ ଭୂତ ବୋଲି କହି କ'ଣ ଏମିତି ଖମ୍ବଟା ଭଳି ଛିଡ଼ା ହୋଇଛୁ ? ଭାବରେ ସମ୍ବୋଧନ କରିଥିବେ ପ୍ରହ୍ଲାଦ ଆଉ କ୍ରୋଧ ସମ୍ବରଣ କରିପାରିନଥିବେ ଏବଂ ଶେଷରେ ନିଜ ଭିତରେ ଥିବା ସ୍ୱାଭିମାନର ପ୍ରତୀକ ସୁପ୍ତ ସିଂହକୁ ଜାଗ୍ରତ କରାଇ ତ୍ତକ'ଣ ହେଲା କହି ପିତାଙ୍କ ଆଡ଼କୁ ଝାମ୍ପିପଡ଼ି ଅନ୍ତବୁଜୁଳାକୁ ବାହାର କରିଦେଇଥିବେ ।

ଇଏତ ହେଲା ପୁରାଣ ବର୍ଣ୍ଣିତ କଥା । ପୁରାଣର ଅର୍ଥ ନୁହେଁ ପୁରୁଣା କଥା । ପୁର + ଅନ = ପୁରାଣ । ପୁର ମାନେ ଘର ବା ପରିବାର ଅନ ମାନେ କଥା । ଅର୍ଥାତ ଘର କଥା । ବିଷ୍ଣୁପୁରାଣ ମାନେ ବିଷ୍ଣୁଙ୍କ ଘର କଥା । ଶିବ ପୁରାଣ ମାନେ ଶିବ ଘର କଥା । ଯେତେ ସବୁ ଅସୁର, ରାକ୍ଷସ ବ୍ରହ୍ମାଙ୍କ ସନ୍ତାନ ସନ୍ତତି । ଦେବଗଣ ହେଉନ୍ତୁ କିମ୍ବା ଅସୁର ସମସ୍ତେ ଋଷି ମାନଙ୍କର ସନ୍ତାନ ସନ୍ତତି । ଅସୁର ଏବଂ ରାକ୍ଷସ ଗଣ ବ୍ରହ୍ମା ବଳରେ ବଳିୟାନ ହେଉଥିଲେ ଏବଂ ସ୍ୱର୍ଗକୁ ଅଧିନରେ ନେଉଥିଲେ ଏବଂ ଦେବଗଣ ଉପରେ ଅତ୍ୟାଚାର କରୁଥିଲେ । ବ୍ରହ୍ମା ହେଲେ ବେଦର ଅଧିପତି । ବେଦ ଅର୍ଥ ବିଜ୍ଞାନ । ତାକୁ ଆୟତ କରି ଇନ୍ଦ୍ର ଚନ୍ଦ୍ର ମାନୁ ନଥିଲେ । ଯେପରି ମହୀଷାସୁର । ନାରୀ ହାତରେ କିନ୍ତୁ ମରିଯିବ ଏଇ ବର ସେ ପାଇଥିଲା । ତାର ଔଦ୍ଧତ୍ୟ ଏତେ ବଢ଼ିଗଲା ଯେ ସେ ଭଗବାନଙ୍କୁ ମଧ୍ୟ ଅବମାନନା କଲା । ତାପରେ ଦେବଗଣ ବିଚାର ବିମର୍ଷ କରି ମା ଦୁର୍ଗାଙ୍କର ସାହାଯ୍ୟ ଲୋଡ଼ିଲେ । ଜଣଙ୍କର ନାରୀ ପ୍ରତି ଦୁର୍ବଳତା ରହୁଛି ତା ମାନେ ସେ ଶିବ ନୁହେଁ । ରାବଣ ମଧ୍ୟ ସେଇୟା । ବ୍ରହ୍ମାଙ୍କ ଠାରୁ ବର ପାଇଁ ଶିବଙ୍କ ଠାରୁ ମଧ୍ୟ ଚନ୍ଦ୍ରହ୍ରାସ ଖଡ଼ଗ ଆଦି ଅସ୍ତ୍ର ଶସ୍ତ୍ର ଲାଭ କରିଥିଲା । କିନ୍ତୁ ତାର ମଧ୍ୟ ମର୍ଯ୍ୟାଦା ଜ୍ଞାନ ନଥିଲା । ତେଣୁ ସେ ଯଥାର୍ଥରେ ବର ପାଇଥିଲା । ମଣିଷ ହାତରେ ମୃତ୍ୟୁ ଭେଦ । ରାବଣର ସେଥିପ୍ରତି ଭୂକ୍ଷେପ ନଥିଲା । କାରଣ ସେହିଁ ନିଜକୁ ଶ୍ରେଷ୍ଠ ମଣିଷ ବୋଲି ବିବେଚନା କରୁଥିଲା । ପରବର୍ତ୍ତୀ ଅବସ୍ଥାରେ ଭଗବାନ ବିଷ୍ଣୁ ମାନବ ଅବତାରରେ ରାବଣ ବଧ ପୂର୍ବକ ରାକ୍ଷସ ପରମ୍ପରାର ଅବସାନ ଘଟାଇଥିଲେ ।

ଜୟଦେବଙ୍କ କୃତ ଦଶାବତାରର ଆରମ୍ଭ ମତ୍ସାବତାର ଠାରୁ ହୋଇ କଳ୍କୀ ଅବତାରରେ ଶେଷ । ଏହା ଅତ୍ୟନ୍ତ ଦାୟିତ୍ୱ ହୀନ ବାଖ୍ୟା । ଡ଼ାରଉ୍ୱିନ୍‌ଙ୍କ ବିବର୍ତ୍ତନବାଦ Theoryକୁ ଆଧାର କରି ପରିକଳ୍ପିତ । ଏହାଠାରୁ ଅନେକ ବେଶୀ ଅବତାର କଥା ବ୍ୟାସଦେବ ବର୍ଣ୍ଣନା କରିଛନ୍ତି । ମତ୍ସାବତାର କଥା ଆଲୋଚନା କରାଯାଉ । ପ୍ରଳୟ ଜଳରେ ଭାସି ଯାଉଥିବା ବେଦକୁ ଶଙ୍ଖାସୁର ଠାରୁ ଭଗବାନ ଉଦ୍ଧାର କରିଥିଲେ । ଅସୁରମାନେ ସ୍ୱାର୍ଥପର । ବେଦକୁ ନିଜ ସ୍ୱାର୍ଥ ଅନୁସାରେ ବିନିଯୋଗ କରୁଥିଲେ । ଦ୍ୱାପର ଯୁଗରେ ଭଗବାନ ବ୍ୟାସଦେବ ବେଦ ଗୁଡ଼ିକ ଭାଗ ଭାଗ କରିଥିଲେ ବା ରଚନା କରିଥିଲେ । ଯାହା ପରବର୍ତ୍ତୀ ଅବସ୍ଥାରେ ସାର୍ବଜନୀନ ହୋଇ ପାରିଥିଲା । ତେଣୁ ବ୍ୟାସଦେବଙ୍କୁ ମତ୍ସାବତାର ସହିତ ତୁଳନା କରାଯାଇପାରେ । ପିତାମହ ଭୀଷ୍ମଙ୍କୁ କଚ୍ଛପ ଅବତାର ସହ ତୁଳନା କରିବାରେ ମଧ୍ୟ ଯଥାର୍ଥତା ରହିଛି କାରଣ ତାଙ୍କ ପୃଷ୍ଠ ଭୂମିରେ କୁରୁକ୍ଷେତ୍ର ଯୁଦ୍ଧ ହୋଇଥିଲା । ବରାହ ଅବତାରରେ ଭଗବାନ ହୀରଣ୍ୟାକ୍ଷକୁ ବଧ କରି ପୃଥିବୀକୁ ରସାତଳରୁ ଉଦ୍ଧାର କରିଥିଲେ । ସେଇ କାର୍ଯ୍ୟ ବିଦୂର ଆରମ୍ଭ କରିଥିଲେ ଏବଂ ପରେ ଯୁଧିଷ୍ଠିର ତାକୁ ସମାପ୍ତ କରିଥିଲେ । ସୁତରାଂ ବରାହ ଅବତାର ହେଉଛି ଧର୍ମର ଅବତାର ଯେଉଁଠି ଅଧର୍ମର ବିନାଶ ହୋଇଥିଲା । ଯଥା କୁରୁକୁଳର ବିନାଶ ହୋଇଥିଲା । ବାମନ ଅବତାରରେ ଭଗବାନ ଦାନ ଗ୍ରହଣ କରିବାକୁ ଯାଇ ନିଜକୁ ଛୋଟ ରୂପେ ଅବସ୍ଥାପିତ କରିଛନ୍ତି । ବଳି ବଦାନ୍ୟତା ଦେଖଉଥିଲା । ଗୋଟିଏ ପାଦ ରଖିବାକୁ ଜାଗାଟିଏ ସେ ଦେଇ ପାରିନଥିଲା । ଅର୍ଥାତ ମୋତେ ବି ଦେଇ ଆସେ ଏ ଭାବ ଯାହାଠାରେ ଥାଏ ତାର ପରିଣତ ଏଇୟା ହିଁ ହୋଇଥାଏ ।

ତ୍ରେତୟାରେ ରାମଚନ୍ଦ୍ର ମଣିଷ ମାନଙ୍କୁ ତୁଚ୍ଛ ମନେ କରୁଥିବା ରାବଣର ଅନ୍ତ କରିଥିଲେ ଏବଂ ଦ୍ୱାପର ଯୁଗରେ ବଳରାମ ଶ୍ରୀକୃଷ୍ଣଙ୍କର ସହାୟତା କରିଥିଲେ । କୁରୁକ୍ଷେତ୍ରରେ ଯୋଗ ନଦେଇ ତୀର୍ଥଯାତ୍ରା କରିଥିଲେ । କାରଣ କୁରୁକ୍ଷେତ୍ର, ଯୋଉଁଟା ଉଚିତ୍ ସେଇଟା ଯେଉଁଠାରେ ସ୍ଥିର ହୁଏ । ହୁଏତ ବଳରାମଙ୍କ ପାଇଁ ସେଇଟା ଉଚିତ କ୍ଷେତ୍ର ହୋଇ ନଥିବ । ବୁଦ୍ଧଦେବଙ୍କୁ ନବମ ଅବତାର ଭାବରେ ବର୍ଣ୍ଣିତ କରାଯାଇଛି । ବୁଦ୍ଧଦେବ ହେଉଛନ୍ତି କପିଳ ମୁନିଙ୍କ ୨୫ ତମ ଅବତାର । କପିଳ ମୁନି, ଯେ ହେଉଛନ୍ତି ସାଂଖ୍ୟ ଯୋଗର ପ୍ରଣେତା । ସେ ଭଗବାନ ବିଷ୍ଣୁଙ୍କ ଅବତାର ହୋଇନପାରନ୍ତି । ତା ପରେ କଳ୍କୀ । ସେ ଅବତାର ହୁଏତ ଆସିନପାରେ । କାରଣ ବିଗତ ଯୁଗରେ ଅର୍ଜୁନଙ୍କୁ କଳ୍କୀ ଅବତାର ବୋଲି ଧରିନିଆଯାଇପାରେ । ଯାହାଦ୍ୱାରା ଅଜ୍ଞାନତା ସମାଜରୁ ଦୂର ହୋଇଥିଲା । ଅତୀତ କାଳରେ ବିଚରଣ କରୁଥିବା ମ୍ଳେଚ୍ଛ ମାନଙ୍କୁ ସେ ସଂହାର କରିଥିଲେ ।

ତେବେ ଏ ସବୁ ଆଲୋଚନା କରିବାର ଉଦ୍ଦେଶ୍ୟ ହେଉଛି ଭିଲିୟାନଙ୍କୁ କେବଳ ଖଳନାୟକ କହିଦେଲେ ହେବ ନାହିଁ । ମଣିଷ ଜୀବନ ଖଣ୍ଡାଧାରର ଜୀବନ । ସାମାନ୍ୟତମ ତ୍ରୁଟି ବିଚ୍ୟୁତ ତା ପାଇଁ ଅନେକ ବିପଦକୁ ଟାଣି ଆଣେ । ମହାଭାରତରେ ଆମେ କାହାକୁ ଭିଲିୟାନ କହିବା ! ଶକୁନି ? ହଁ ୧୦୦ ରୁ ୫୦ ଭାଗ ଦାୟୀ । କାରଣ ସେ ନିଜର ତିକ୍ତ ଅନୁଭୂତିକୁ ସହଜରେ ଭୁଲି ପାରୁନଥିଲା । ଯାହାକୁ ଆମେ କୁଦର୍ଶନ ବୋଲି କହିପାରୁ । କୁ ଦର୍ଶନ ମନସ୍ତ୍ୱକୁ ପ୍ରଭାବିତ କରେ ଏବଂ ଶକୁନି ଦୁର୍ଯ୍ୟୋଧନକୁ ପ୍ରଭାବିତ କରୁଥିଲା । ତେଣୁ ଯଥାର୍ଥରେ ମହାଭାରତର କୁରୁକ୍ଷେତ୍ରରେ Philosophy won over psychology । ମନସ୍ତତ୍ତ୍ୱ ଉପରେ ଦର୍ଶନ ବିଜୟ । ଶେଷରେ ସୁଦର୍ଶନର କୁଦର୍ଶନ ଉପରେ ବିଜୟ ହୋଇଥିଲା । ଛୋଟିଆ କଥାଟିଏ । ଥରେ ଯୁଧିଷ୍ଠିରଙ୍କୁ ଦୁଇଜଣ ଖରାପ ଲୋକଙ୍କୁ ଆଣିବା ପାଇଁ କୁହାଗଲା, ମାତ୍ର ସେ ପାଇଲେ ନାହିଁ । ସେହିପରି ଦୁର୍ଯ୍ୟୋଧନଙ୍କୁ ଦୁଇଜଣ ଭଲ ଲୋକଙ୍କୁ ଆଣିବା ପାଇଁ କୁହାଗଲା ଏବଂ ସେ ମଧ୍ୟ ପାଇଲେ ନାହିଁ । ଭଲ କିମ୍ବା ଖରାପ ନିଜ ଦୃଷ୍ଟିକୋଣ ଉପରେ ନିର୍ଭର କରେ ।

ବର୍ତ୍ତମାନ ଯଦି ଦେଖାଯିବ ସବୁଠି ଖରାପ । ଲୋକମାନଙ୍କର ଦୃଷ୍ଟିକୋଣରେ ସବୁଯାକ କୁ । ସତେ ଯେମିତ ଦୁନିଆଁର 'ସୁ' ଲୋପ ପାଇ ଗଲାଣି । ତେବେ ବର୍ତ୍ତମାନ ଦୁନିଆରେ କିଏ ଭିଲିୟାନି । ଓଡ଼ିଆ କ୍ୟାଲେଣ୍ଡର ଅନୁସାରେ କଳିଯୁଗର ୫୧୨୩ ଅବ୍ଦ ଚାଲିଛି । ଅର୍ଥାତ ପରୀକ୍ଷିତ ରାଜା ହେବା ଠାରୁ ଏତେ ସବୁ ବର୍ଷ କଟିଗଲାଣି । ଦ୍ୱାରିକାର ଚଳଣି ଅନୁସାରେ ଉତ୍ତମ ସହାବସ୍ଥାନ କିପରି କରିବେ ସେଇ ପ୍ରଚଳନ ଲୋକେ କରିଆସୁଥିଲେ । କଳିକୁ କିପରି ଦୂରେଇ ଦେଇ ହେବ ନିୟମ ପ୍ରଚଳନ କରାଯାଇଥିଲା । ଭାଗବତର ସେଇ ଉକ୍ତ ଅନେକ ଜନ ଜହିଁ ମିଳି, ଅବଶ୍ୟ ଉପୁଜଇ କଳି । ସେଇ ଭଳି କଳି ତୀବ୍ର ଆକାର ଧାରଣ କରିଛି । କୁରୁକ୍ଷେତ୍ର ଉପରାନ୍ତ ସମୟରେ ଯାହା ସବୁ ଘଟିଥିଲା ସେଇସବୁ ଘଟଣା ଘଟୁଛି।

ମହୀସାସୁରର ଔଧତ୍ୟ, ରାବଣର ଦର୍ପ ଅନ୍ୟକୁ ତୁଚ୍ଛ ମନେ କରିବା ହେୟ ଜ୍ଞାନ କରିବା, କଂସର ସ୍ୱାର୍ଥପରତା, ନିଜ ଜୀବନଟାହିଁ ବଡ଼, ନିଜର ଶତ୍ରୁକୁ ରାସ୍ତାରୁ ହଟାଇଦବା, ମିତ୍ରଦ୍ରୋହ ଆଦି ପାପରେ ଜଡ଼ିତ । ପରିଶେଷରେ ସମ୍ପତ୍ତି ଠୁଳ ଏବଂ କ୍ଷମତା ଲୋଭ ସମସ୍ତଙ୍କୁ ଗ୍ରାସ କରିଗଲାଣି । ଏତିକି କୁହାଯାଇପାରେ ଯକ୍ଷ ଓ ରାକ୍ଷସ ମାନଙ୍କ କବଳରେ ମଣିଷ ଆଜି ପୀଡ଼ିତ । ମଣିଷ ଥିବା ଅବସ୍ଥାରେ ନିଜର ରାକ୍ଷସ ପ୍ରକୃତି ଉପରେ କବ୍ଜା ନକରି ଆଜି ସେ ଯକ୍ଷ । ଯାହାର ମୁକ୍ତି ନାହିଁ ଏବଂ ସେ କହି ବୁଲୁଛି ମୋର ସମୟ ନାହିଁ । ଯକ୍ଷ the greatest villian ଆମକୁ ଦିଅ, ମାତ୍ର ଆମେ କିଛି ଦବୁ ନାହୁଁ । ରାଜକୋଷ ଆମେ ଖାଲି କରିଦେବୁ ।

ହୋଇଯାଉ ପଛେ ପୃଥିବୀର ମୃତ୍ୟୁ । ଯକ୍ଷ the greatest villian । ଲୋଭ ଯାହାର ସହଜାତ ପ୍ରକୃତି । ସମ୍ପତି ଠୁଳ ସେ କରିବ ହିଁ କରିବ ।


+ଅବସରପ୍ରାପ୍ତ
ଅତିରିକ୍ତ କୃଷି ନିର୍ଦ୍ଦେଶକ
ଓଡ଼ିଶା ସରକାର
ମୋ- ୯୪୩୭୦୬୮୯୧୯, ୮୦୧୮୭୩୮୮୪୪


## କୋରମା ରାଇସ୍



**ଆବଶ୍ୟକ ସାମଗ୍ରୀ:**

ଦେଢ଼ କପ୍ ଚାଉଳକୁ ୩୦ ମିନିଟ୍ ପାଇଁ ପାଣିରେ ଭିଜାଯାଇ ଛଣାଯିବ, ଘିଅ-୨ ଚାମଚ, ଗୁଜୁରାତି, ଲବଙ୍ଗ, ତେଜପତ୍ର-୨ଟି ଲେଖାଏଁ, ଡାଲଚିନି-୨ ଇଞ୍ଚ, ଲୁଣ-ସ୍ୱାଦ ଅନୁସାରେ, ହଳଦୀ ପାଉଡର-୨ ଚୁଟ୍‌କି, ୧ ଚାମଚ ପୋସ୍ତ ଓ ୩ଟା କାଜୁର ପେଷ୍ଟ ।

କୋରମା ପାଇଁ: ଦେଢ଼ କପ୍ ଗଜାମୁଗ, ଘିଅ-୨ ଚାମଚ, ଅଦା, ରସୁଣ ପେଷ୍ଟ-୧ ଚମେଚ, ଗୁଜୁରାତି-୨ଟି, କଟାଯାଇଥିବା ପିଆଜ-୧ଟି, ଧନିଆ ଓ ଲଙ୍କା ଗୁଣ୍ଡ-୧ ଚାମଚ ଲେଖାଏଁ, କଟାଯାଇଥିବା ଟମାଟୋ-୧ଟି, କ୍ଷୀର-ଅଧା କପ୍, ଫ୍ରେସ୍ କ୍ରିମ୍-୧ କପ୍, ଲୁଣ-ସ୍ୱାଦ ଅନୁସାରେ । ଅନ୍ୟ ସାମଗ୍ରୀ ଘିଅ-୨ ଚାମଚ, କ୍ଷୀର-୨ ଚାମଚ ।

**ପ୍ରଣାଳୀ:**

ଏକ ନନ୍‌ଷ୍ଟିକ୍ ପ୍ୟାନ୍‌ରେ ଘିଅ ଗରମ କରି ସେଥିରେ ଡାଲଚିନି, ଗୁଜୁରାତି, ଲବଙ୍ଗ ଓ ତେଜପତ୍ର ପକାଇ ମଧ୍ୟମ ଆଞ୍ଚରେ କିଛି ସମୟ ରଖାଯିବା । ସେଥିରେ ଚାଉଳ ପକାଇ ମଧ୍ୟମ ଆଞ୍ଚରେ ୧ ମିନିଟ୍ ପର୍ଯ୍ୟନ୍ତ ଭଜା ହେବ । ଏବେ ତିନି କପ୍ ଗରମ ପାଣି ଢାଳି ଲୁଣ ଓ ହଳଦୀ ମିଶାଇ ଭଲ ଭାବରେ ଗୋଳେଇ ଦିଅନ୍ତୁ । ୧୦ ମିନିଟ୍ ପାଇଁ ଘୋଡ଼େଇ ଦିଅନ୍ତୁ । ଭାତ ହେବା ପରେ ସମାନ ଭାବରେ ତିନି ଭାଗ କରିଦିଅନ୍ତୁ ।

**କୋରମା ପାଇଁ:**

ଅନ୍ୟ ଏକ ପ୍ୟାନ୍‌ରେ ଘିଅ ଗରମ କରି ଅଦା, ରସୁଣ ପେଷ୍ଟ ଓ ଗୁଜୁରାତି ପକାଇ ମଧ୍ୟମ ଆଞ୍ଚରେ ୨ ମିନିଟ୍ ପାଇଁ ଭାଜନ୍ତୁ । ଧନିଆ ପାଉଡର, ଲଙ୍କା ପାଉଡର ଓ ଟମାଟୋ ପକାଇ-୨-୩ ମିନିଟ୍ ଭାଜନ୍ତୁ । ଗଜା ମୁଗ, ଅଧା କପ୍ ପାଣି ଓ ଲୁଣ ମିଶାଇ ଗୋଳେଇ ୫ ମିନିଟ୍ ଆଞ୍ଚ ଉପରେ ରଖି ଏହାକୁ ଅଲଗା କରି ରଖନ୍ତୁ। କାଜୁ, ପୋସ୍ତ ପେଷ୍ଟ, କ୍ଷୀର ଓ ଫ୍ରେସ୍ କ୍ରିମ୍‌କୁ ଏକ ବାଉଲ୍‌ରେ ମିଶାଇ ୨ ମିନିଟ୍ ପର୍ଯ୍ୟନ୍ତ ରନ୍ଧା ଯିବ । କୋରମାକୁ ଦୁଇ ଭାଗରେ ବାଣ୍ଟି ରଖାଯିବ । ଅନ୍ୟ ଏକ ବାଉଲ୍‌ରେ ଘିଅ ଲଗାଇ ଭାତର ଏକ ଭାଗକୁ ମିଶାଇ ଚାମଚରେ ସମାନ କରି ପ୍ରସ୍ତୁତ କୋରମାକୁ ତା' ଉପରେ ପକାଇ ସମାନ ଭାବରେ ଖେଳେଇ ଦିଅନ୍ତୁ । ପୁଣି ଭାତ ଓ କୋରମାକୁ ଆଉ ଏକ ସ୍ତରରେ କରି ସେହିପରି ରଖନ୍ତୁ । ତା' ଉପରେ କ୍ଷୀର ପକାଇ ପ୍ରଥମରୁ ଗରମ ଥିବା ଓଭେନ୍‌ରେ ୧୮୦ ଡିଗ୍ରୀ ତାପମାନରେ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ବେକ୍ କରନ୍ତୁ । ଏବେ ଗରମ ଗରମ ଖାଇବାକୁ ଦିଅନ୍ତୁ ।

## ଗରମ ପାଣି ବିଳମ୍ବରେ ଗରମ ହୁଏ

ସମସ୍ତେ ଜାଣିଛନ୍ତି ପାଣି ଗରମ କରିବାକୁ ହେଲେ ଉପଯୁକ୍ତ ତାପମାତ୍ରା ସହିତ ଏକ ନିର୍ଦ୍ଦିଷ୍ଟ ସମୟ ବି ଦେଖିବାକୁ ପଡ଼ିଥାଏ । ଆମ ସମସ୍ତଙ୍କର ଧାରଣା ଥାଇପାରେ ଯେ ଗରମ ପାଣିକୁ ଗରମ କଲେ ଶୀଘ୍ର ଗରମ ହୋଇଯାଏ । ତାହା କିନ୍ତୁ ଭୁଲ, ଗରମ ବଦଳରେ ଥଣ୍ଡାପାଣିକୁ ଗରମ କଲେ, ତାହା ଶୀଘ୍ର ଗରମ ହେବା ସହିତ କମ ଜାଳେଣି ବି ଖର୍ଚ୍ଚ ହୁଏ । ଏ ବାବଦରେ ତାଞ୍ଜାନିଆର ଜଣେ ଛାତ୍ର ଗବେଷଣା କରି ଏହାକୁ ପ୍ରକାଶ କରିବା ପରେ ବୈଜ୍ଞାନିକମାନେ ପ୍ରଥମେ ଖଣ୍ଡନ କରୁଥିଲେ ବି ପରେ ସ୍ୱୀକାର କରିଥିଲେ ।



## ଲଣ୍ଡନରେ ବେଶୀ ଭାରତୀୟ ରେଷ୍ଟୁରାଣ୍ଟ




ଖାଦ୍ୟ କେବଳ ମଣିଷର ରୁଚି ଅନୁସାରେ ନୁହେଁ ସ୍ୱାଦ ଅନୁସାରେ ବି ଆଦର ରହିଛି । ଯେଉଁ ରେଷ୍ଟୁରାଣ୍ଟରେ ସ୍ୱାଦ ଭଲ, ସେଠାରେ ଗହଳି ଲାଗିଯାଏ । ଯଦି ଦେଖାଯାଏ ବମ୍ବେ କିମ୍ବା ଦିଲ୍ଲୀ ଭଳି ମହାନଗରୀରେ ଯେତିକି ଭାରତୀୟ ରେଷ୍ଟୁରାଣ୍ଟ ନାହିଁ, ତାହାଠାରୁ ଯଥେଷ୍ଟ ଅଧିକ ଲଣ୍ଡନରେ ରହିଛି । ଲଣ୍ଡନରେ ଭାରତୀୟ ଖାଦ୍ୟପଦାର୍ଥର ଯଥେଷ୍ଟ ଆଦର ରହିଛି । ଭାରତୀୟ ରେସିପ ହିଁ ଲଣ୍ଡନରେ ଅଧିକ ଲୋକପ୍ରିୟ । ସେଥିପାଇଁ ମୂଳ ଭାରତୀୟ ତଥା ବାଂଲାଦେଶର ଅଧିକାଂଶ ଲୋକମାନେ ଲଣ୍ଡନରେ ନାମିଦାମୀ ରେଷ୍ଟୁରାଣ୍ଟର ମାଲିକ ବୋଲି ଜଣାପଡ଼ିଛି । ଭାରତୀୟ ଖାଦ୍ୟର ଚାହିଦା ଥିବାରୁ ପ୍ରାୟ ୧୫ ହଜାରରୁ ଅଧିକ ରେଷ୍ଟୁରାଣ୍ଟ ଲଣ୍ଡନରେ ଦେଖିବାକୁ ମିଳିଥାଏ, ଯାହା ମୁମ୍ବାଇ ଭଳି ଭାରତୀୟ ମହାନଗରରେ ଦେଖିବାକୁ ମିଳି ନଥାଏ ।



© Tony Hickey/ProBusinessPhotos

## ଅଣ୍ଡା ଭଲ କି ଖରାପ ଜାଣିବାର ଉପାୟ

ଆମେମାନେ ବଜାରରୁ ବିଭିନ୍ନ ଜିନିଷ କିଣିବା ବେଳେ ଭଲ କି ଖରାପ ଦେଖି କିଣିଥାନ୍ତି । ପୋକା, ପୋଚରା କି ଖରାପ ଜିନିଷକୁ ଛାଡ଼ି ଭଲ ଜିନିଷ କିଣୁଥାଉ । କିନ୍ତୁ ଏମିତି କିଛି ଜିନିଷ ବଜାରରେ ମିଳେ ଯାହା ଦେଖିଲେ ବି ଜାଣିବା ସମ୍ଭବ ହୋଇପାରେ ନାହିଁ । ସେମିତି ଅନେକଥର ବଜାରରୁ ଅଣ୍ଡା କିଣି ବା ବେଳେ ଆମ୍ଭକୁ ସିନା ଭଲ ଅଣ୍ଡା ଦେଖାଯାଏ ହେଲେ ପରଖିବା ପାଇଁ ସେମିତି କିଛି ମାଧ୍ୟମ ନଥାଏ । ଭଲ କି ଖରାପ ଅଣ୍ଡା ଜାଣିବାକୁ ହେଲେ ତାକୁ ପାଣିରେ ପକାଇଦେଲେ ଜଣାପଡ଼ିଥାଏ । ଯେଉଁ ଅଣ୍ଡା ଖରାପ ତାକୁ ପାଣିରେ ପକାଇଦେଲେ ତାହା ଭାସିଥାଏ । ବାସ୍ତବରେ ଅଣ୍ଡା କେତେଦିନ ତଳର କିମ୍ବା ଠିକ୍ ଅଛିକି ନାହିଁ ଜାଣିବା ପାଇଁ ହେଲେ ପାଣିରେ ବୁଡ଼େଇ ହିଁ ପରୀକ୍ଷା କରାଯାଇପାରେ ।



## କ'ଣ ଗର୍ଭରେ ନିର୍ଦ୍ଧାରିତ ହୁଏ ମଣିଷର ଭାଗ୍ୟ ? ଜାଣନ୍ତୁ ଜନ୍ମ ସହ ଜଡ଼ିତ ଏହି ରହସ୍ୟ

*ସଂସାରରେ ଜନ୍ମ ନେଇଛନ୍ତି ମାନେ ମୃତ୍ୟୁ ସୁନିର୍ଶ୍ଚିତ । ଏହା ଜୀବନର ଏକ ଅପ୍ରିୟ ସତ୍ୟ । ମୃତ୍ୟୁ ପରେ ମଣିଷର କର୍ମ ସ୍ଥିର କରିଥାଏ କି ତାକୁ ସ୍ୱର୍ଗ ପ୍ରାପ୍ତି ହେବ ନା ନର୍କ ଭୋଗିବାକୁ ପଡ଼ିବ । ଜନ୍ମ ପରେ ମଣିଷ ଜୀବନରେ ଅନେକ ଭଲ ଓ ଖରାପ ଘଟଣା ଘଟିଥାଏ । ଭଲ ଘଟଣା ଯୋଗୁଁ ମଣିଷ ନିଜ ଭାଗ୍ୟକୁ ପ୍ରଶଂସା କରେ ତ' ଖରାପ ଘଟଣା ପାଇଁ ନିଜ ଭାଗ୍ୟକୁ ନିନ୍ଦା କରେ । ଏବେ ଏପରି ପ୍ରଶ୍ନ ମନକୁ ଆସେ କି, ମଣିଷର ଜନ୍ମ ପୂର୍ବରୁ ଭାଗ୍ୟର ହିସାବ-କିତାବ ସ୍ଥିର ହୁଏ ନା ଜନ୍ମ ପରେ ନିର୍ଦ୍ଧାରିତ ହୁଏ । ଜାଣନ୍ତୁ ଏହାର ଉତ୍ତର...*

**କେବେ ନିର୍ଦ୍ଧାରିତ ହୁଏ ମଣିଷର ଭାଗ୍ୟ ?**

ପଣ୍ଡିତ ଇନ୍ଦ୍ରମଣି ଘନଶ୍ୟାଲ କହିଛନ୍ତି ଯେ, ଜୀବନର ସଙ୍କଟକୁ ଦୂର କରିବା ପାଇଁ ଆଚାର୍ଯ୍ୟ ଚାଣକ୍ୟ ତାଙ୍କ ନୀତିଶାସ୍ତ୍ରରେ ଶହ ଶହ ନୀତି ବିଷୟରେ ବର୍ଣ୍ଣନା କରିଛନ୍ତି। ଆଚାର୍ଯ୍ୟ ଚାଣକ୍ୟଙ୍କ ମତରେ, ଯେକୌଣସି ମଣିଷର ଭାଗ୍ୟର ୫ଟି ଜିନିଷ ମା' ଗର୍ଭରେ ସ୍ଥିର ହୋଇଯାଏ । ଏହାକୁ କେହି ବଦଳାଇପାରିବେ ନାହିଁ । ଆଚାର୍ଯ୍ୟ ଚାଣକ୍ୟ କହିଛନ୍ତି ଯେ, 'ବୟସ, କର୍ମ, ଧନ-ସମ୍ପତ୍ତି, ଶିକ୍ଷା ଏବଂ ମୃତ୍ୟୁ' ଏହି ୫ଟି ଜିନିଷ ମାତୃ ଗର୍ଭରେ ଥିବା ସମୟରେ ତାଙ୍କ ଭାଗ୍ୟରେ ଲେଖାଯାଇଥାଏ। ଜୀବନସାରା ଏହାକୁ କେହି ବଦଳାଇ ପାରିବେ ନାହିଁ । ଯାହାରେ ଯେତେ ବୟସ ଥିବ, ସେ ସେତିକି ବର୍ଷ ହିଁ ବଞ୍ଚିବ ।

**ମନୁଷ୍ୟର ଲକ୍ଷ୍ୟ କ'ଣ ?**

ଆଚାର୍ଯ୍ୟ ଚାଣକ୍ୟ କହିଛନ୍ତି ଯେ, ଜଣେ ବ୍ୟକ୍ତି ନିଜ ଜୀବନରେ ଧର୍ମର ମାର୍ଗ ଅନୁସରଣ କରି ଜ୍ଞାନ ଏବଂ ଧନ ଅର୍ଜନ କରିବା ଉଚିତ । ଯାହାଫଳରେ ସମାଜରେ ସେହି ବ୍ୟକ୍ତିର ସମ୍ମାନ ରହିବ । ଆଚାର୍ଯ୍ୟ ଚାଣକ୍ୟ କହିଛନ୍ତି ଯେ, ଜଣେ ବ୍ୟକ୍ତି ଜନ୍ମ ପରେ ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ ଏହି ୪ଟି ଜିନିଷ ହାସଲ କରିବା ଉଚିତ୍। ଧର୍ମର କାମ କରି ବ୍ୟକ୍ତିଙ୍କୁ ଧନ-ସମ୍ପତ୍ତି ପ୍ରାପ୍ତ କରିବା ଉଚିତ୍ । ଏହା ପରେ ବିବାହ କରି ନିଜର ଗୃହସ୍ଥ ଜୀବନ ଆରମ୍ଭ କରିବା ଉଚିତ୍ । ଶେଷରେ ମୋକ୍ଷ ପାଇବା ପାଇଁ ଭଗବାନଙ୍କୁ ସ୍ମରଣ ଓ ଭଲ କାମ କରିବା ଉଚିତ୍ । ଏହିପରି ଭାବେ କୌଣସି ମଣିଷର ଭାଗ୍ୟ ତାଙ୍କ ଜନ୍ମ ପୂର୍ବରୁ ହିଁ ସ୍ଥିର ହୋଇଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଖଡ଼୍‌ଗଙ୍କ ହାତରେ ଖଡ୍‌ଗ...

ଦେଶର ଅନ୍ୟତମ ପ୍ରମୁଖ ବିରୋଧୀ ଦଳ କଂଗ୍ରେସର ମହାଧିବେଶନ ରାଜସ୍ଥାନର ରାୟପୁରରେ ଅନୁଷ୍ଠିତ ହୋଇଯାଇଛି । ଅଖିଳ ଭାରତୀୟ କଂଗ୍ରେସ କମିଟିର ଏହି ଅଧିବେଶନରେ ସହସ୍ରାଧିକ ପ୍ରତିନିଧି ଉପସ୍ଥିତ ଥିଲେ । ନିକଟରେ ଅନୁଷ୍ଠିତ ସର୍ବଭାରତୀୟ ନିର୍ବାଚନରେ ସଭାପତି ରୂପେ ନିର୍ବାଚିତ ହୋଇଥିବା ମଲ୍ଲିକାର୍ଜୁନ ଖଡ୍ଗଙ୍କ ପାଇଁ ଚଳିତ ଓ ଆସନ୍ତା ବର୍ଷ ଅଗ୍ନି ପରୀକ୍ଷାର ଘଡ଼ି ଭାବେ ବିବେଚନା କରାଯାଉଛି। ଅଣ-ଗାନ୍ଧି ସଭାପତି ଭାବେ ନିର୍ବାଚିତ ଖଡ୍‌ଗେ ଏବେ ବିରୋଧୀ ଦଳର ନେତା ଅଛନ୍ତି। ମହାଧିବେଶନର ପ୍ରଥମ ଦିନ ଗାନ୍ଧି ପରିବାରର କୌଣସି ସଦସ୍ୟ ଯୋଗ ଦେଇନଥିଲେ। ତାହାର ନିର୍ଦ୍ଦିଷ୍ଟ କାରଣ କୁହାଯାଇନଥିଲେ ସୁଦ୍ଧା ମହାଧିବେଶନରେ ଗାନ୍ଧି ପରିବାର ଉପସ୍ଥିତ ସମୁଦାୟ ପ୍ରକରଣକୁ ପ୍ରଭାବିତ କରିବାର ସମ୍ଭାବନା ଦୃଷ୍ଟିରୁ କରାଯାଇଥିବାର କୁହାଯାଇଛି। ଦ୍ୱିତୀୟ ପ୍ରତିନିଧୁ ଅଧିବେଶନରେ ସୋନିଆ ଗାନ୍ଧି, ରାହୁଲ ଗାନ୍ଧି ଓ ପ୍ରିୟଙ୍କାଙ୍କ ଉପସ୍ଥିତି ସୂଚାଇଥିଲା ଯେ, କଂଗ୍ରେସ ମହାଧୁବେଶନ ପାଇଁ ତାହାର ମହତ୍ତ୍ୱ କେତେ ବେଶୀ। ଦ୍ୱିତୀୟ ଦିବସରେ କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଭ୍ୟ କିଏ ରହିବେ, କିଏ ବାଦ୍ ଯିବେ ତାହାର ନିଷ୍ପତ୍ତି ନ୍ୟସ୍ତ କରାଯାଇଥିଲା ସଭାପତି ଖଙ୍ଗ ଉପରେ। ତଦନୁଯାୟୀ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ, କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧି ଓ ବରିଷ୍ଠ ନେତା ରାହୁଲ ଗାନ୍ଧିଙ୍କୁ ସ୍ଥାୟୀ ସଦସ୍ୟତା ପ୍ରଦାନ କରାଯାଇଛି । କଂଗ୍ରେସର ୮୫ତମ ମହାଧିବେଶନରେ ଅନ୍ୟ ଯେଉଁ ପ୍ରସ୍ତାବ ଗୃହୀତ ହୋଇଛି, ସେଥି ମଧ୍ୟରେ ଘୃଣା ଓ ଅସହିଷ୍ଣୁତାକୁ ବିରୋଧ କରି ସଂକଳ୍ପ ଗ୍ରହଣ କରାଯାଇଛି। ତାହା ସହିତ ଦଳ ପାଇଁ ତୃତୀୟ ସାମ୍ମୁଖ୍ୟ ଭରସା ବୋଲି କୁହାଯାଇଛି। ବିଜେପିର ପ୍ରାଧାନ୍ୟ ଶେଷ କରିବାକୁ ହେଲେ ଅନ୍ୟ ଦଳଗୁଡ଼ିକ ସହ ବୁଝାମଣା ଏକମାତ୍ର ରାସ୍ତା ବୋଲି କଂଗ୍ରେସ କହିଛି। ସୋନିଆ ଗାନ୍ଧି ରାୟପୁର ଅଧିବେଶନରେ ଅବସର ଘୋଷଣା କରିଛନ୍ତି। ଏଥିରେ ଜାତୀୟ ନିର୍ବାଚନ ପାଣ୍ଠି ଗଠନ ସକାଶେ ମଧ୍ୟ ଦାବି କରାଯାଇଛି। ବିଜେପି ଦେଶର ସର୍ବବୃହତ୍ ଦଳ ଏବଂ କୌଣସି ସ୍ଥିତିରେ ତାକୁ ହରାଇବା କଂଗ୍ରେସ ପାଇଁ ସହଜ ନୁହେଁ । ଏହା ସ୍ୱୀକାରପୂର୍ବକ ପ୍ରତିନିଧିମାନେ ପ୍ରସ୍ତାବ ଗ୍ରହଣ କରିଛନ୍ତି କି, ସବୁ ବିଜେପି-ବିରୋଧୀ ଶକ୍ତିଙ୍କୁ ଏକାଠି କରିବା ଛଡ଼ା ବାଟ ଦିଶୁନାହିଁ । ବିଜେପିର ବ୍ୟାପକ ବିସ୍ତୃତିରେ କଂଗ୍ରେସ ଓ ଅନ୍ୟ ଆଞ୍ଚଳିକ ଦଳମାନେ ତ୍ରାହି ତ୍ରାହି ଡାକ ଛାଡ଼ିଲେଣି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଜାତୀୟ ସ୍ତରରେ କେବଳ ନୁହେଁ, ବିଶ୍ୱସ୍ତରରେ ମାନ୍ୟତା ପାଇଛି। କଂଗ୍ରେସ ଅନ୍ୟ ଆଞ୍ଚଳିକ ଦଳ ଓ ସଂଗଠନ ଏକାଠି କରି ବିଜେପିକୁ ତୃତୀୟ ପାଳି କ୍ଷମତାରୋହଣ ଉପରେ ଚେକ୍ ଲଗାଇବ, ତାହା ପ୍ରମୁଖ ଚିନ୍ତାର କାରଣ ହୋଇଛି । କଳେବଳେ କୌଶଳେ ବିଜେପି-ବିରୋଧୀ ମଞ୍ଚ ଗଢ଼ିବା ଓ ତାହାକୁ କ୍ଷମତାରେ ବସାଇନଦେବା ନେଇ କାଳେ ଧର୍ମନିରପେକ୍ଷ ଦଳଙ୍କୁ ଏକତ୍ର କରିବାର ଇଚ୍ଛା ବାରମ୍ବାର ପ୍ରକଟ କରିଛି କଂଗ୍ରେସ। ରାହୁଲ ଗାନ୍ଧିଙ୍କ ଭାରତ ଯୋଡ଼ୋ ଯାତ୍ରା ତାହାର ଅଂଶବିଶେଷ ଥିଲା । କନ୍ୟାକୁମାରୀରୁ କାଶ୍ମୀର ଦୀର୍ଘପଥ ପରିକ୍ରମ ହୁଏତ ଯୁବନେତାଙ୍କ ପାଇଁ ନୂତନ ଅନୁଭବ ଆଣି ଦେଇଥିବ । ମାତ୍ର ଦଳ ପାଇଁ ତାହା ଯଥେଷ୍ଟ ନୁହେଁ । ଅନେକ ରାଜ୍ୟରେ ଦଳ ହାର୍ ଜିତ୍ରୁ କିଭଳି ଶିକ୍ଷା ନେଇଛି ତାହା ବଡ଼ କଥା। ଗାନ୍ଧି ପରିବାର ଉପରେ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ବରାବର ଟାର୍ଗେଟ କରିଆସୁଛନ୍ତି । ଏବେ ଅଣଗାନ୍ଧି ନେତୃତ୍ୱକୁ ସୋନିଆ–ରାହୁଲ-ପ୍ରିୟଙ୍କା ବାଟ ଛାଡ଼ି ଦେଇଛନ୍ତି। କିନ୍ତୁ ସଂଗଠନ ଉପରେ ପରିବାରର ଛାୟା ରହିଛି ଓ ଭବିଷ୍ୟତରେ ରହିବା ଥୟ। ତାହାରି ଭିତରେ ଦଳ କେତେବେଳେ ବାଟବଣା ହୋଇଛି ତ' ଆଉ କେତେବେଳେ କେତୋଟି ରାଜ୍ୟରେ ସଫଳ ପ୍ରଦର୍ଶନ କରିଛି। ଅନ୍ୟ ଆଞ୍ଚଳିକ ଦଳଗୁଡ଼ିକ ମଧ୍ୟରେ ଡିଏମ୍, ତେଜସ୍ୱୀଙ୍କ ରାଷ୍ଟ୍ରୀୟ ଜନତା ଦଳ, କେଜରିୱାଲଙ୍କ ଆମ୍ ଆଜ୍ ପାର୍ଟି, କେସିଆଙ୍କ ବିଆରସ୍ ଭଳି କଟ୍ଟର ବିଜେପି-ବିରୋଧୀଙ୍କୁ ସାଧାରଣ ନିର୍ବାଚନ ପୂର୍ବରୁ ଏକାଠି କରିବା ପାଇଁ କଂଗ୍ରେସକୁ ଝାଳନାଳ ହେବାକୁ ପଡ଼ିବ । ଆପ୍ ଓ ବିଆରଏସ୍ ଅଣକଂଗ୍ରେସ ମଞ୍ଚ କରାଯିବା ଚାହାଁନ୍ତି। ମମତାଙ୍କ ତୃଣମୂଳ କଂଗ୍ରେସର ଜାତୀୟ ନେତୃତ୍ୱ ଆଶା ଆପାତତଃ ନାହିଁ କୁହାଯାଇପାରେ। ଅଣବିଜେପି ଓ ଅଣକଂଗ୍ରେସ ମଞ୍ଚ ପାଇଁ ଉନ୍ମୁଖ ସଂଗଠନ ପାଇଁ ସୁଯୋଗ ଥିଲେ ସୁଦ୍ଧା ସେମାନେ ବିଜେପିକୁ ପରାସ୍ତ କରିବାକୁ ସକ୍ଷମ ହେବା ନେଇ ନେତୃତ୍ୱ ସନ୍ଧାନରେ ଅଛନ୍ତି । ସାଧାରଣ ନିର୍ବାଚନ ପୂର୍ବରୁ କେତେକ ରାଜ୍ୟରେ ଭୋଟ ହେଉଛି । ସେଥିରେ କେଉଁ ଦଳର ପ୍ରଦର୍ଶନ କିଭଳି ହେଉଛି, ତାହା ଭବିଷ୍ୟତ ରୂପରେଖ ନିରୂପଣ କରିବ।

## କୋସୋଭା ଟାସ୍କପୋର୍ସର ଷଡଯନ୍ତ୍ରକାରୀ

### ସୌମେନ୍ଦ୍ର ଜେନା



ସନ୍ତ୍ରାସବାଦୀ ଏବଂ ସ୍ୱେଚ୍ଛାସେବୀ ଏବେ ସାଙ୍ଗ ହୋଇ ସାରା ପୃଥିବୀରେ କାର୍ଯ୍ୟ କରୁଛନ୍ତି । ସ୍ୱେଚ୍ଛାସେବୀ ସେବା ଆଳରେ ଅର୍ଥ ସଂଗ୍ରହ କରୁଛନ୍ତି । ସନ୍ତ୍ରାସବାଦୀ ସେହି ଅର୍ଥରେ କିପରି ମଣଷ ଶିକାର କରୁଛନ୍ତି ତାହା ଦେଖାଯାଉ । କୋସୋଭା ଟାସ୍କ ଫୋର୍ସ ଅନ୍ତର୍ଗତ ଅନ୍ୟ ସଂଗଠନ କାଉନସିଲ ଅଫ୍ ଆମେରିକାନ୍ ଇସଲାମିକ ଅର୍ଗାନାଇଜେସନ୍ସ (କାଏର) ୧୯୯୪ରେ ଇସଲାମିକ ଆସୋସିଏସନ୍ ଅଫ୍ ପାଲେଷ୍ଟାଇନରୁ ବାହାରି ଜନ୍ମ ନେଇଥିଲା, ଯାହା ସନ୍ତ୍ରାସୀ ସଂଗଠନ ହାମାସ ସମର୍ଥନରେ ଆମେରିକାରୁ ଅର୍ଥ ସଂଗ୍ରହ କରୁଥିଲା। ଏହାର ପ୍ରତିଷ୍ଠାତା ନିହଦ ଆୱାଦ ପାଲେଷ୍ଟାଇନ ସଂଗଠନରେ ବଡ ପଦବୀରେ ରହିଥିଲା। ୨୦୦୭ରେ ହୋଲି ଲାଣ୍ଡ ଫାଉଣ୍ଡେସନ ସହ ମିଶି ହାମାସ ଫାଉଣ୍ଡେସନକୁ ଅର୍ଥ ପ୍ରଦାନ ଅଭିଯୋଗରେ କାଏରକୁ ଆମେରିକାର ଅପରାଧୀକ ବିଚାରର ସମ୍ମୁଖୀନ ହେବାକୁ ପଡିଥିଲା । ଆମେରିକା ସରକାରଙ୍କ ଆକଳନ ଅନୁଯାୟୀ ୧୯୯୫-୨୦୦୧ ମଧ୍ୟରେ ହୋଲି ଲାଣ୍ଡ ଫାଉଣ୍ଡେସନ ସନ୍ତ୍ରାସବାଦୀ ଗୋଷ୍ଠୀ ହାମାସକୁ ୧୨.୪ ମିଲିଅନ ଡଲାରର ଦାନ ଓ ସାମଗ୍ରୀ ଆମେରିକାରୁ ପଠାଇଥିଲା । ହାମାସକୁ ଦ୍ରବ୍ୟ ଯୋଗାଣ ଅଭିଯୋଗରେ ହୋଲି ଲାଣ୍ଡ ଫାଉଣ୍ଡେସନର ପାଞ୍ଚଜଣ ଅଧିକାରୀ ସୁକ୍ରୀ ଅବୁବକର, ମହମ୍ମଦ ଏଲ୍ ମେଜ୍ଜେନ, ଘସନ ଇଲାସୀ, ମୁଫିଦ ଅବଦୁଲକାଦର ଓ ଅବଦୁଲ ରହମନ ଓଡେହ ଦୋଷୀ ସାବ୍ୟସ୍ତ ହୋଇଥିଲେ। ମୁସଲିମ ବ୍ରଦରହୁଡର ସନ୍ତ୍ରାସବାଦୀ ସଂଗଠନ ହାମାସ ସହ ସଂପର୍କ ରଖିଥିବା ହେତୁ ୨୦୧୪ରେ କାଏର ସମେତ ୮୨ଟି ଗୋଷ୍ଠୀକୁ ୟୁନାଇଟେଡ୍ ଆରବ ଏମିରେଟ ସନ୍ତ୍ରାସବାଦୀ ଗୋଷ୍ଠୀ ଭାବେ ଘୋଷଣା କରିଥିଲେ ।

କୋସୋଭା ଟାସ୍କ ଫୋର୍ସ ଅନ୍ତର୍ଗତ ଅନ୍ୟ ଏକ ସଂଗଠନ କାଉନସିଲ ଅଫ୍ ଇସଲାମିକ ଅର୍ଗାନାଇଜେସନ ଅଫ୍ ଚିକାଗୋ (ସିଆଇଓସି) ହେଉଛି ଚିକାଗୋ ଅଞ୍ଚଳରେ ମସଜିଦ୍‌ଠାରୁ ମୁସଲିମ ବିଦ୍ୟାଳୟ ପର୍ଯ୍ୟନ୍ତ ଗୋଷ୍ଠୀଗତ କାର୍ଯ୍ୟରେ ସକ୍ରୀୟଥିବା ୬୦ଟି ସଂଗଠନ ମଧ୍ୟରୁ ଅନ୍ୟତମ । ଅନ୍ୟ କେତେକ ସଂଗଠନ ହେଲେ ଇଣ୍ଡିଆନ ଆମେରିକାନ୍ ମୁସଲିମ କାଉନସିଲ (ଆଇଏଏମ୍‌ସି), ଇସଲାମିକ ସର୍କଲ ଅଫ୍ ନର୍ଥ ଆମେରିକା, ମୁସଲିମ ଆମେରିକାନ୍ ସୋସାଇଟୀ, ଜକାତ ଫାଉଣ୍ଡେସନ୍ ଆମେରିକା, ଏଚ୍‌ଏଚ୍‌ଆର୍ ଡିୟୁଏସ୍, ଏବଂ ଇମାନା । ୧୯୯୨ରେ ଏହି ସଂସ୍ଥା (ଇଆଇଏନ: ୩୬-୩୮୬୯୭୪୯) ସ୍ଥାପନା ହୋଇ ସେପ୍ଟେମ୍ବର ୧୯୯୫ରୁ ଟିକସ ଛାଡ ସୁବିଧା ପାଇଥିଲା । କାଉନସିଲ ଅଫ୍ ଇସଲାମିକ ଅର୍ଗାନାଇଜେସନ ଜେନେରାଲ କାଉନସିଲର ପ୍ରତିଷ୍ଠାତା ମହମ୍ମଦ କୈଶରୁଦ୍ଦୀନ ଯିଏକି ସଂପ୍ରତି ଅନ୍ୟ ଏକ ସହଯୋଗୀ ସଂଗଠନ ଜକାତ ଚିକାଗୋର ଅଧକ୍ଷ ଏବଂ ଡାଉନଟାଉନ ଇସଲାମିକ ସେଣ୍ଟରର (ଡିଆଇସି)ର ଉପାଧକ୍ଷ ରହିଛନ୍ତି । କୈଶରୁଦ୍ଦୀନ ହାଇଦ୍ରାବାଦର ଓସ୍‌ମାନିଆ ବିଶ୍ୱବିଦ୍ୟାଳୟରୁ ମେକାନିକାଲ ଇଞ୍ଜିନିୟରିଂ ଗ୍ରାଜୁଏଟ୍ ରହିଥିଲେ ।

୨୦୧୭ରେ ସିଆଇଓଜିସିର ନୂତନ ବୋର୍ଡ ସଦସ୍ୟ ଭାବେ ହଲିଲ ଡେମିରଙ୍କୁ ନିଯୁକ୍ତି ମିଳିଥିଲା । ୨୦୧୭ରେ ସେ ଜକାତ ଫାଉଣ୍ଡେସନ ଆମେରିକାର ନେତା ରହିଥିଲେ । ହମିର ନିଜେ ଜଣେ ତୁର୍କୀ ମୂଳର ଲୋକ ଯିଏକି ୨୦୦୧ରେ ଆମେରିକାରେ ଜକାତ ଫାଉଣ୍ଡେସନ ଆମେରିକା ଆରମ୍ଭ କରିଥିଲେ । ଏହା ବ୍ୟତିରେକ ହଲିଲ ଡେମିର ଚିକାଗୋର ବିନେଭେଲେନ୍ସ ଇଣ୍ଟରନେସନାଲ ଫାଉଣ୍ଡେସନ (ବିଆଇଏଫ୍)ର ଲୋକସଂପର୍କ ଅଧିକାରୀ । ଏହି ସଂସ୍ଥାର କାର୍ଯ୍ୟାଳୟ ବୋସନିଆ ଓ ହେର୍ଜେଗୋଭିନା, ପାକିସ୍ଥାନ, ଚୀନ, ରୁଷିଆର ଚେଚେନ୍ୟା ଇନଗ୍ୱିସେଟିଆରେ କାର୍ଯ୍ୟାଳୟ ରହିଛି । ୨୦୦୭ରେ ବିନୋଭେଲେନ୍ସ ଇଣ୍ଟରନେସନାଲ ଫାଉଣ୍ଡେସନ (ବିଆଇଏଫ୍) ସମେତ ଅନ୍ୟ ଦୁଇଟି ସଂସ୍ଥା ଅଲ୍ କାୟଦା ଏବଂ ଅନ୍ୟ ଉଗ୍ରବାଦୀ ସଂଗଠନକୁ ଆର୍ଥିକ ସହାୟତା ଯୋଗାଉଥିବା ବିଷୟ ଆମେରିକାର ଟ୍ରେଜେରୀ ପକ୍ଷରୁ ପ୍ରକାଶ କରାଯାଇଥିଲା । ବିଆଇଏଫ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇନାମ ଆର୍ଣ୍ଣୋଟ ଏବଂ ଅଲ୍‌କାୟଦା ମୁଖ୍ୟ ଓସାମାବିନ୍ ଲାଡେନ ମଧ୍ୟରେ ଉତ୍ତମ ସଂପର୍କ ରହିଥିଲା । ଲାଡେନ ତରଫରୁ ଅନ୍ୟମାନଙ୍କୁ ସେ ଅର୍ଥ ଦେଉଥିଲା । ଏହା ସହ ଆର୍ଣ୍ଣୋଟ ଶେଷରେ ବୋସ୍‌ନିଆ ଏବଂ ଚେଚେନ୍ୟାର ଉଗ୍ରବାଦୀଙ୍କୁ ଅର୍ଥଦାନ ପାଇଁ ସଂସ୍ଥାର ପାଣ୍ଠିକୁ ବ୍ୟବହାର କରିଥିବା କଥା ସ୍ୱୀକାର କରିଥିଲେ । ସିଆଇଓଜିସିର କେତେକ ସଦସ୍ୟ ଯେମିତି ଡକ୍ଟର ବାସମ ଓସମାନ ଇସ୍‌ନା ଶୁରାଇ ଜଣେ ସଦସ୍ୟ ଥିଲେ । ସେମିତି ଜାହିଦ ମୋହସିନ ଆଇସିଏନ୍‌ଏ ଚିକାଗୋର ଅଧକ୍ଷ ୪ବର୍ଷ ଧରି ରହିଥିଲେ । ଜକାତ ଚିକାଗୋର ସହଯୋଗୀ ସଂଗଠନ ସିଆଇଓଜିସି ଇଣ୍ଡିଆନ ମୁସଲିମ ରିଲିଫ ଏଣ୍ଡ ଚ଼ରିଟିଜର ଅଧକ୍ଷ ଶେଖ ମକସୁଦ କ୍ୱାଦ୍ରୀ ସହ ସାମିଲ ଥିଲା ।

କୋସୋଭା ଟାସ୍କ ଫୋର୍ସରେ ଥିବା ଅନ୍ୟ ଏକ ସଂଗଠନ ହେଉଛି ଇସଲାମିକ ମେଡିକାଲ ଆସୋସିଏସନ। ୧୯୬୭ରେ ଏହା ଆରମ୍ଭ ହୋଇଥିଲା। ପରେ ଏହାର ନାମ ଇସଲାମିକ ମେଡିକାଲ ଆସୋସିଏସନ୍ ଅଫ୍ ନର୍ଥ ଆମେରିକା (ଇମାନା)କୁ ପରିବର୍ତ୍ତିତ କରାଯାଇଥିଲା । ଏହା ଇସଲାମିକ ସୋସାଇଟୀ ଅଫ୍ ନର୍ଥ ଆମେରିକାର ଖାସ୍ ସଦସ୍ୟମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ଯଦିଓ କୌଣସି ଇସଲାମିକ ମାନବାଧିକାର ଗୋଷ୍ଠୀ (ଆମେରିକାରେ କାର୍ଯ୍ୟରତ) ନିଜର ସଂପର୍କ ମୁସଲିମ ବ୍ରଦରହୁଡ ସହ ସିଧାସଳଖ ରହିଥିବା କଥା କହୁନାହାନ୍ତି, ତଥାପି ସେମାନେ ଏହାର ଶାଖା ସଂଗଠନ ଭାବେ କାର୍ଯ୍ୟ କରୁଛନ୍ତି। ଅନେକ ସଂଗଠନ ମିଶି ସମର୍ଥନ ମଧ କରୁଛନ୍ତି । ଯେମିତି ଇମାନା ଇସଲାମିକ ସୁରା କାଉନସିଲ ଏବଂ ଇସଲାମିକ ସୋସାଇଟୀ ଅଫ୍ ନର୍ଥ ଆମେରିକା (ଇସନା)ର ଦୃଷ୍ଟିକୋଣ ଅନୁଯାୟୀ କାର୍ଯ୍ୟକରେ । ଇସନା ଏକ ମୁସଲିମ ବ୍ରଦରହୁଡର ଶାଖା ସଂଗଠନ । ୨୦୦୦ବେଳକୁ ଇମାନା ସାରା ବିଶ୍ୱରେ ଇସଲାମର ପ୍ରଚାର ପ୍ରସାରକୁ ପ୍ରଶଂସା କରିବାକୁ ଆରମ୍ଭ କରିଥିଲା । ପାକିସ୍ଥାନର ଅଲ୍-ମୁସ୍ତଫା ୱେଲଫେୟାର ଟ୍ରଷ୍ଟର ବୈଚାରିକ ଦର୍ଶନରେ ଏହା କାର୍ଯ୍ୟକରେ ଯାହାକି ପାକ୍ ସେନାର କାର୍ଯ୍ୟକ୍ଷେତ୍ର ହୋଇଆସିଛି । ଇମାନାର ଜଣେ ନିର୍ଦ୍ଦେଶକ ଜାହିଦ ମହମ୍ମଦ ପୂର୍ବରୁ ପାକ୍ ନୌସେନାର ଅଧିକାରୀ ଥିଲେ ଏବଂ ପରେ ପାକ୍ ଇଣ୍ଟରନେସନାଲ ଏୟାରଲାଇନ୍ସରେ ମଧ କାର୍ଯ୍ୟ କରିଥିଲେ। ।

ନଭେମ୍ବର ୨୦୦୮ରୁ ଅକ୍ଟୋବର ୨୦୧୭ ପର୍ଯ୍ୟନ୍ତ ଇମାନାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଥିବା ରସିଦ ଅହମ୍ମଦ ଏବେ ଇଣ୍ଡିଆନ ଆମେରିକାନ ମୁସଲିମ କାଉନସିଲର କାର୍ଯ୍ୟନିର୍ବାହୀ ଅଧିକାରୀ ରହିଛନ୍ତି, ଯିଏକି ତ୍ରିପୁରା ହିଂସାକାଣ୍ଡ ବେଳେ ଦଙ୍ଗା କାଣ୍ଡ ପାଇଁ ଉସ୍କାଇଥିଲେ । ତେବେ ଇମାନା ଭାରତ ନାମରେ କୋଟି କୋଟି ଡଲାର ଚାରିଆଡୁ ଚାନ୍ଦା ସଂଗ୍ରହ କରିଛି । କୋରୋନା ସମୟରେ ଭାରତ ଯେଉଁସବୁ ରାଷ୍ଟ୍ରକୁ ଟୀକା ଯୋଗାଇଥିଲା ସେହିସବୁ ଦେଶରେ ପହଞ୍ଚି ଇମାନା ଭାରତ ପ୍ରତି ଥିବା ଶ୍ରଦ୍ଧାରୁ ବେଶ୍ ଫାଇଦା ଉଠାଇଛି । କୋରୋନା ସମୟରେ ଭାରତକୁ ସାହାଯ୍ୟ କରିବା ଆଳରେ 'ହେଲ୍‌ପ ଇଣ୍ଡିଆ ବ୍ରିଦ୍' ଅଭିଯାନ ଚଳାଇ ସଂସ୍ଥା ବେଶ୍ ଭଲ ଚାନ୍ଦା ସଂଗ୍ରହ କରିଥିଲା । ଏହାଛଡା ଅଲ୍-ଖିଦମତ୍ ଫାଉଣ୍ଡେସନକୁ ଇମାନା ଅର୍ଥ ଯୋଗାଇ ଆସିଛି, ଯାହା ଜେଲର ସେବା ସଂସ୍ଥା । ଅଲ୍ ଖିଦମତ ହିଜବୁଲ ମୁଜାହିଦ୍ଦୀନ ଏବଂ ହାମାସ ସନ୍ତ୍ରାସବାଦୀ ଗୋଷ୍ଠୀକୁ ଆର୍ଥିକ ସହାୟତା ଦେଇଥାଏ। କହିବା କଥା ହେଲା ଏହିସବୁ ସ୍ୱେଚ୍ଛାସେବୀ ସଂଗଠନ ଆଳରେ ଏମାନେ ବିଶ୍ୱବ୍ୟାପି ସନ୍ତ୍ରାସ ଏବଂ ମୌଳବାଦର ବୀଜବପନ କରିବାରେ ଲାଗିଛନ୍ତି । ଏମାନଙ୍କ ଇକୋ ସିଷ୍ଟମ ବା ଧରାଧରି ହୋଇ କାର୍ଯ୍ୟକରିବା ଶୈଳୀ ପ୍ରତି କେହି ପ୍ରଶ୍ନ କରୁନାହାନ୍ତି, ଯାହା ଗଣମାଧ୍ୟମରେ ଅଧିକ ହେବା ଦରକାର। ସାଧାରଣ ଲୋକେ ଏମାନଙ୍କ ଛଦ୍ମ ପରିଚୟ ସଂପର୍କରେ ଜାଣିଲେ ଆର୍ଥିକ ସହାୟତା କରିବାଠୁ ଦୂରେଇ ରହିବେ। ସେବା ଆଳରେ ସନ୍ତ୍ରାସର ଚାରାରୋପଣକାରୀ ଏହିସବୁ ସଂଗଠନଗୁଡିକ ପ୍ରତି ସମସ୍ତେ ସାବଧାନ ରହିବା ନିହାତି ଜରୁରୀ ।


+ ଭାରତୀୟ ସମ୍ବାଦ ସେବା(ଭାସ୍)

ଭୁବନେଶ୍ୱର-୭୫୧୦୦୩


## କମୁଛି ଗୋଷ୍ଠୀବେତାର କେନ୍ଦ୍ରର ଲୋକପ୍ରିୟତା

### ମାନସ ରଂଜନ ପ୍ରଧାନ

ଆକାଶବାଣୀ ସମ୍ବଲପୁର ଆଞ୍ଚଳିକ ଖବର ପଢୁଛନ୍ତି ଅମକ... ଏ ଶବ୍ଦ ଧୀରେ ଧୀରେ ଲୋକଲୋଚନରୁ ହଜିଯାଉଛି। ଦିନ ଥିଲା ରେଡିଓ ହିଁ ଜନମାନସ ରେ ଖବର ପ୍ରସାରଣର ଏକ ବଳିଷ୍ଠ ମାଧ୍ୟମ ଥିଲା। ଶ୍ରୋତା ଗୀତଠୁ ଆରମ୍ଭ କରି କ୍ରିକେଟ୍ କମେନଟ୍ରି ମଧ୍ୟ ରେଡିଓ ମାଧ୍ୟମରେ ଶୁଣୁଥିଲେ। ଅନେକ କଳାକାର ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ଗୋଷ୍ଠୀବେତାର କେନ୍ଦ୍ର ମାଧ୍ୟମରେ। 'ରଙ୍ଗବତୀ' ପରି ଅମର ଗୀତ ମଧ୍ୟ ଆଞ୍ଚଳିକ କେନ୍ଦ୍ରରୁ ପ୍ରସାରିତ ହୋଇ ବିଶ୍ୱବିଦିତ ହୋଇପାରିଥିଲା। ନିଜର ପ୍ରସାରଣ ଶୈଳୀ ପାଇଁ ଗୋଷ୍ଠୀ ବେତାର କେନ୍ଦ୍ର ଆଦୃତ ହୋଇ ପାରିଥିଲା। କୃଷି କାର୍ଯ୍ୟକ୍ରମ ଠୁ ଆରମ୍ଭ କରି ଫୋନ୍ ଇନ୍ ପର୍ଯ୍ୟନ୍ତ ସବୁକିଛି ବାନ୍ଧି ରଖୁଥିଲା ଶ୍ରୋତାଙ୍କୁ।ଅନେକ ଗୁରୁତ୍ୱ ପୂର୍ଣ୍ଣ ପ୍ରସଙ୍ଗ ମଧ ଆଲୋଚିତ ହେଉଥିଲା। ଅତିଥି ଆସୁଥିଲେ, କାର୍ଯକ୍ରମ ଅତି ସୁନ୍ଦର୍ ଭାବରେ ଶ୍ରୋତାଙ୍କୁ ଚୁମ୍ବକ ପରି ଟାଣୁଥିଲା। ମାତ୍ର ସେ ଚୁମ୍ବକ ଏବେ ଧୀରେ ଧୀରେ ଟାଣିବା ବନ୍ଦ କରିଦେଇଛି ।ଧୀରେ ଧୀରେ ଗୋଷ୍ଠୀବେତାର କେନ୍ଦ୍ରର ଲୋକ ପ୍ରିୟତା କମୁଛି। ଏଠି ପ୍ରଶ୍ନ ଉଠେ କାହିଁକି ?

ଆକାଶବାଣୀର ଲୋକପ୍ରିୟତା ତ ସହ ଗୋଷ୍ଠୀବେତାର କେନ୍ଦ୍ରର ଲୋକପ୍ରିୟତା ମଧ କମିଛି। ଲୋକେ ଧୀରେ ଧୀରେ ଦୂରେଇ ଯାଉଛନ୍ତି ରେଡ଼ିଓଠୁ। କାହିଁକି ? ଶ୍ରୋତା ରେଡ଼ିଓ ଶୁଣିବାକୁ ପସନ୍ଦ କରୁନାହାନ୍ତି ନା ଗୋଷ୍ଠୀବେତାର କେନ୍ଦ୍ର ଶ୍ରୋତାଙ୍କ ଚାହିଦା ଅନୁଯାୟୀ ଖବର କିମ୍ବା ଅନ୍ୟାନ୍ୟ କାର୍ଯ୍ୟକ୍ରମ ପ୍ରସାରଣ କରିପାରୁନାହିଁ। ଆଜିର ମୋବାଇଲ, ଟେଲିଭିଜନ ଦୁନିଆରେ ପଛରେ ପଡ଼ି ଯାଇନି ତ ରେଡିଓ ! ଯଦି ପଡ଼ିଯାଇଛି ତେବେ କାହିଁକି ! କାରଣ ହେଉଛି ଲୋକେ ସହଜରେ ହାତ ମୁଠାରେ ଖବର ପାଇପାରୁଛନ୍ତି ଡିଜିଟାଲ ଯୁଗରେ। ଲୋକଙ୍କ ପାଖରେ ସମୟ ର ଅଭାବ ରହିଛି ରେଡ଼ିଓ ଶୁଣିବା ପାଇଁ। ଯେଉଁ କେତେ ଜଣ ଲୋକ ରେଡ଼ିଓ ଶୁଣୁଛନ୍ତି ତାହା ସମୁଦ୍ରକୁ ଶଙ୍ଖେ ପରି ମନେ ହୁଏ। ଲୋକେ ଆକାଶବାଣୀ ଠୁ ଦୂରକୁ ଦୂର ଘୁଞ୍ଚି ଘୁଞ୍ଚି ଯାଉଛନ୍ତି । ଗୋଷ୍ଠୀବେତାର କେନ୍ଦ୍ରର କଥା ତ ନ କହିବା ଭଲ। ମାତ୍ର ଏଇଟା ବି ସତ କଥା ରେଡିଓ ତାର ଅସ୍ତିତ୍ୱ ହରେଇନି। ଆଜି ବି ଗ୍ରାମାଞ୍ଚଳ ଏବଂ ବିଚ୍ଛିନ୍ନାଞ୍ଚଳରେ ରେଡିଓ ଏକ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ନିର୍ବାହ କରେ। କୋରାପୁଟ, ମାଲକାନଗିରି, ନବରଙ୍ଗପୁର ପରି ଅଞ୍ଚଳରେ ଆଜି ବି ଅନେକ ଗାଁ ରେ ନା ଟେଲିଭିଜନ ଅଛି ନା ମୋବାଇଲ ଖୁଣ୍ଟ। ସେଠାରେ ବସବାସ କରୁଥିବା ଲୋକମାନେ ଆଜି ବି ନିର୍ଭର କରନ୍ତି ରେଡିଓକୁ। ରେଡ଼ିଓ ସେମାନଙ୍କ ଯୋଗାଯୋଗର ଏକ ମାତ୍ର ମାଧ୍ୟମ ଭାବରେ କାମ କରେ। ତ ଗୋଷ୍ଠୀବେତାର କେନ୍ଦ୍ରର ଭୂମିକା ଏଠାରେ ଆପଣମାନେ ଅନୁମାନ କରିପାରୁଥିବେ। ବିଚ୍ଛିନ୍ନାଞ୍ଚଳ ପାଇଁ ଏହା କେତେ ଗୁରୁତ୍ୱ ବହନ କରେ। ହେଲେ ଗୋଷ୍ଠୀବେତାର କେନ୍ଦ୍ର ତାର ଅସ୍ତିତ୍ୱ ହରେଇ ସାରିଛି।

ଓଡ଼ିଶାରେ ବର୍ତ୍ତମାନ ସମୟରେ ସାତଟି ମାତ୍ର ଗୋଷ୍ଠୀବେତାର କେନ୍ଦ୍ର କାର୍ଯ୍ୟକ୍ଷମ ଅବସ୍ଥାରେ ଅଛି। ସେଗୁଡିକ ହେଲା ଜଗତସିଂପୁର, ଖୋର୍ଦ୍ଧା, କୋଣାର୍କ, କନ୍ଧମାଳ, ଦଶପଲ୍ଲା, କୋରାପୁଟ ଓ କଟକ। ଆଉ ଦୁଇଟି ଗୋଷ୍ଠୀବେତାର କେନ୍ଦ୍ରକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ଯୋଜନା କରିଛନ୍ତି । ବାକି ସବୁ ଅଚଳାବସ୍ଥାରେ ପଡ଼ି ରହିଛି । ଏହା ପଛର କାରଣ କଣ ? ଏଥି ପାଇଁ ସରକାର ଦାୟୀ ନା ଲୋକେ ! ଭାରତୀୟ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରଣାଳୟ ଦ୍ୱାରା ଗୋଷ୍ଠୀବେତାର କେନ୍ଦ୍ର ଖୋଲା ଯାଇଥିଲା ଦୁର୍ଗମ ଅଞ୍ଚଳରେ ଲୋକମାନଙ୍କୁ ସୂଚନା ପହଞ୍ଚାଇବା ପାଇଁ । ମାତ୍ର କାଳର କରାଳ ଗତିରେ ଏହା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି କହିଲେ ଅତ୍ୟୁକ୍ତି ହେବନି । ଗୋଷ୍ଠୀ ବେତାର କେନ୍ଦ୍ର ଆନ୍ଦୋଳନ ମାଧ୍ୟମରେ ୨୫ଟି କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା ପାଇଁ ସରକାର ଆଗେଇ ଆସିଛନ୍ତି । କିନ୍ତୁ ଓଡ଼ିଶାର ୧୯ଟି ଜିଲ୍ଲାର ଲୋକ ଏହି କାର୍ଯ୍ୟକ୍ରମରେ ଆଗ୍ରହ ପ୍ରକାଶ କରିନାହାନ୍ତି । ଏଥିରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଜିଲ୍ଲା ମଧ ସାମିଲ ଅଛନ୍ତି । ତେବେ ଏଠାରେ ଆପଣ କଣ କହିବେ ଭାରତୀୟ ସୂଚନା ଓ ଲୋକସମ୍ପର୍କ ବିଭାଗର ଆଗ୍ରହ ନାହିଁ ନା ଜନସାଧାରଣଙ୍କ । ଓଡ଼ିଶା ସରକାର ମଧ ଏଥି ପାଇଁ ସଚେତନ ଅଛନ୍ତି । ମାତ୍ର ଲୋକେ ରେଡିଓ ଶୁଣିଲେ ତ ! ଗୋଷ୍ଠୀବେତାର କେନ୍ଦ୍ରକୁ ଚଳେଇବା ପାଇଁ ଯେଉଁ ଖର୍ଚ୍ଚ ଆବଶ୍ୟକ ତାହା ମଧ ଏକ ପ୍ରମୁଖ କାରଣ ଏହାର ଲୋପ୍ରିୟତାକୁ କମ୍ କରିବାର ।ଯଦି ଲୋକ ଶୁଣିବେନି ତ ସରକାର କାହିଁକି ତାକୁ କାର୍ଯ୍ୟକ୍ଷମ କରିବେ !

ତେବେ ସତରେ ଦାୟୀ କିଏ, ଗୋଷ୍ଠୀବେତାର କେନ୍ଦ୍ରର ଲୋକପ୍ରିୟତା କମିବାରେ । ସରକାର ନା ଜନସାଧାରଣ ! ତେବେ ତାହା ଯାହା ହେଉନା କାହିଁକି, ଓଡ଼ିଶାରେ ଅଧିକରୁ ଅଧିକ, ଗୋଷ୍ଠୀବେତାର କେନ୍ଦ୍ରକୁ କାର୍ଯ୍ୟକ୍ଷମ କରାଯିବାର ଆବଶ୍ୟକତା ରହିଛି। ତା ସହ ଲୋକମାନଙ୍କ ମାନସିକତାକୁ ଆଖି ଆଗରେ ରଖି ସେମାନଙ୍କ ପାଇଁ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ପ୍ରସାରଣ କରାଯିବା ଉଚିତ୍। ନହେଲେ ଦିନ ଆସିବ ଆଉ ଗୋଷ୍ଠୀବେତାର କେନ୍ଦ୍ର ନ ଥିବ।


+ ଆଇଆଇଏମ୍ ସି, ଢେଙ୍କାନାଳ

ମୋ:୯୩୩୭୩୫୫୬୫୮


## କବିତା କୋଣାର୍କ

### ପାରା ଉଠିଲାଣି

**ଜୁମର ନାଥ ପାତ୍ର**

କୋଉ ମାହ ଚାଲିଚି କି
ଏ ସୁରୁଯ କ'ଣ ଏତେ ଜଳିଲାଣି
ପାଣି ଟେକୁ ଟେକୁ
ଚାହିଁ ହେଉନି ସଳଖି
ହେ ଗୁରୁଆରୀ
ଏଥର ତୟାର ରଖ ପଖାଳ କଂସା
ରଖିଥା ବାଡ଼ି ଲେମ୍ବୁ
ହଁ ଠେକୋଟା ସଜାଡ଼େ
ଟାଉଁସିଆ ଲାଗିଲାଣି ଖରା ପା..

ଶିରୀପଞ୍ଚମୀ ଯାଉ ଯାଉ ଏମିତି
ଆଗକୁ ହବ ଆଉରି କେତେ
ରାମୁଲୁକୁ ହୁସିଆରି
ମେଟରିକି ଦବ
ତା' ପୁଣି ଏସନ ଚଇତରେ
ତୁ ଝଅଟ ବାବୁଘର କାମ ସାରି
ଘରକୁ ଫେରେ ଏବକୁ
ତାତି ବଢୁଛି ସଜାଗ ରହ
ଲୋକ କହୁଚନ୍ତି.. ବସନ୍ତ
କ'ଣ ସିଏ କେମିତି
ଆମ ଦିହକୁ କୋଉ ଲାଗେ

ଯୋଉ ତିନି ହାତେ ଗାମୁଛା
ଜାଡ଼ରେ ଦେହ ଘୋଡ଼ାଏ
ଏ ଖରାକୁ ସେଟା ମୁଣ୍ଡର ଠେକା...

ଗୁରୁଆରୀ ତୁ ଜାଣିଚୁ କି
ଏ ବସନ୍ତ ବାବଦରେ କିଛି
କେଜାଣି ମୁଁ ଜାଣିପାରିନି କେବେ
ବାପଟା ଗଲା ପରେ
ରେକ୍ୱାଟାକୁ ଧରିଚି ଯେ ଧରିଚି
ହଁ ଏଇଟା ତ
ପୈତୃକ ସମ୍ପତ୍ତି ମୋର
ଛାଡ଼େ ସେସବୁ
ଏବେଠୁ ସଜିଲି ହେଲେ ଯାଏ...

ସତରେଲୋ ଖରା ଉଠିଲାଣି
ଏଇ କ'ଣ କହନ୍ତି ତ
ହଁ ହଁ ପାରା ଉଠିଲାଣି
ଦେଖୁନୁ ତୋ ଶାଢ଼ୀ ମୋ ଲୁଙ୍ଗି
ବାଡ଼ରେ ପଡ଼ି ଶୁଖିଯାଉଚି

ଆଖି ପିଛୁଳାକେ
ହଁ ତୁ ଯା' ବାବୁ ଘର
ମୁଁ ଯାଏ ରେକ୍ୱା ନେଇ
ରାମୁଲୁ ପଢୁଥାଉ ଘରେ
ପାରା ଉଠିଲାଣି ପା...
ହା... କହିଲେ କ'ଣ ନା ବସନ୍ତ
ଆଇଚି
କ'ଣ ସେ ବସନ୍ତ... କେମିତି
ବସନ୍ତ...!


❤ ବାଲେଶ୍ୱର

ମୋ: ୬୩୭୦ ୨୯୮ ୪୪୦


### ଆଉ କଣ ମନେପଡେ ?

**ଡା. ବିଜୟ କୁମାର ପାତ୍ର**

ଆଉ କଣ ମନେପଡେ
ମହାକାଶରେ ଉଡାଣ ଭରୁଥିବା
ତାରାମାନଙ୍କ କଥା ?
ସୂର୍ଯ୍ୟମାନେ ତ ଏବେ
ପ୍ରାୟଶ୍ଚିତ ନିଆରେ ଦଗ୍ଧିଭୂତ,
'ଚନ୍ଦ୍ର' ଆଇମାଆ କାହାଣୀ
ପେଡ଼ିରେ ବନ୍ଦୀ,
ଏବେ ଏବେ ଆଉ କଣ
କିଏ ଖୋଜେ ଶରଦ ଶଶିକୁ ?
ତେଣୁ ତ
ଚନ୍ଦ୍ର ଆଉ 'ଜହ୍ନ' ହୁଏନି ।

ଆଉ କେବେ
ସ୍କୁଲ ଫେରନ୍ତା ରାସ୍ତାରେ
ଦୁଷ୍ଟ ସାଙ୍ଗ କଣ ବାଟ ଓଗାଳେ ?
ଧରିଯିବା ପାଇଁ
ପ୍ରାଚ୍ୟ ଦିଗବଳୟରେ
ଧୋଇଯାଉଥିବା ନାଲି ନେଳି
ରଙ୍ଗ ସାରଣୀକୁ ,
ଆଉ କେହି ଓଠ ରଙ୍ଗାଏନି
ଡ଼ାହାଣିଆ କୋଳି ରଙ୍ଗରେ ।

କାହାକୁ ଦେଖିଛ କାନ୍ଦିବାର,
ବିଲୁପ୍ତ ପ୍ରାୟ
ସାଧବ ବୋହୂର ମୃତ୍ୟୁରେ ?
ଶ୍ରାବଣରେ ଆଉ କିଏ ଖୋଜେ
ତାଳ ପକ୍ଷିଆର ଆଶ୍ରା ?
ପଥଚାରୀ କ୍ଷେତରେ ଖୋଜେନି
ହଜିଥିବା କାଳିଆ କସରାଙ୍କୁ,
କାହା କପାଳରେ ଦିଶେନି
ଗଙ୍ଗଶିଉଳି ଚିତା,
ପାଳଭୂତ ବି ଚଳ ଚଞ୍ଚଳ
ସନ୍ଧ୍ୟା ହେଲେ ଘରକୁ ଫେରିବାକୁ ।

ନିର୍ବୋଧ ଝିଅଟା
ଆଉ କଣ ଇତସ୍ତତଃ ଥାଏ ?
ଗାଆଁ ମୁଣ୍ଡ କୁଅମୂଳେ
ଝାପସା ଟିକେ ଦେଖା ପାଇବାକୁ
ଇପ୍ସିତ ମଣିଷର,
ମେଳଣ ଦାଣ୍ଡରେ
କିଏ କାହା ଅପେକ୍ଷାରେ ରହେ,
ନା ଠାକୁର ଭକ୍ତର
ନା ଭକ୍ତ ଠାକୁରର,
ସମସ୍ତେ ବ୍ୟସ୍ତ ....
ବସନ୍ତରେ ଆଉ କଣ
କୋଇଲି ବିରହି ହୁଏ ?
ଗୋଧୂଳିର ଧୂମ୍ରାକ୍ତ ପାର୍ବଣରେ
ପ୍ରେମିକା ଜଗି ବସିଥାଏ
ଲୁଚାଛପା ଚିଟାଉଟେ ପାଇଁ ।

ବୋଉର ଫୁଙ୍ଗୁଳା ଦେହରୁ
ମହମହ ଜୀବନର ବାସ୍ନା,
ଛିଣ୍ଡା ଫଟା କାନି ତଳେ
ଲୁଚିଥିବା ମନ୍ଦାକିନୀ ସ୍ରୋତ
ଆଉ କଣ ମନେପଡେ...
ବାପାଙ୍କ ଟାଆଁସିଆ ହାତର ଟିପା,
କୋରଡିଆ ଆଖିରେ
ଗବଗବ ଫୁଟୁଥିବା ଅନନ୍ତ ଅମୃତ ,
ଓସାରିଆ ବୁକୁ ତଳେ ଲୁଚିଥିବା
ଅସୁମାରୀ କ୍ଷତ ?
ନିହାତି ନୁହେଁ .....

ନିହାତି ନୁହେଁ ....
ଆଉ କଣ ମନେ ପଡ଼େ
ବୋକି ଝିଅର ଲାଜ ?
କୁଆଁରୀ କାନ୍ଦରୁ କଣ ବାରିହୁଏ
ତା ଛାତି ତଳର ଦୁଃଖ,
ତେଲିଙ୍ଗି ଶବ୍ଦରୁ ବୁଝା ପଡେନି
ନୂଆ ବୋଉର ଠିକଣା,
ମୁଁ କିନ୍ତୁ ଖେଳୁଥାଏ ଆଜି ବି
ପରପୁଷ୍ଟ ନିଆଁରେ,
ନିଜ ବଗିଚାରେ ଦାଉଦାଉ ଜଳୁଥିବା
ଉତପ୍ତ ଗୋଲାପ ।


+ ସଭାପତି ପୁରବୀ

ଚୌଦ୍ୱାର କଟକ


### ହିସାବୀ ମଣିଷ

**କୁନା ସେଠୀ**



ହିସାବୀ ମଣିଷ ହିସାବ କରୁଛି
ଦିନ ରାତି ଖାଲି ବସି
କେତେ ଲାଭ ହେଲା କେତେ କ୍ଷତି
ହେଲା
ଜୀବନ ଗଣିତ କଷି ।
ମିଶାମିଶି କରି ଫେଡାଫେଡ଼ି କରି
ଗଣୁଛି ଲାଭକୁ ତାର
ଗୁଣନ ହରଣ କରଇ ପୂରଣ
ଇଛାକୁ ତା ବାରବାର ।
ହିସାବ ଯେମିତି ଠିକ ଯେ ହୋଇବ
ସେ କଥା ଭାବଇ ବେଶି
ଭୁଲ ହୋଇଗଲେ ବାର ବାର ବୁଲେ
ହିସାବକୁ ଘୋଷି ଘୋଷି ।
ଉଧାର କାନ୍ଦଇ ମୋର କିଛି ନାହିଁ
କହି କହି ବୁଲି ବୁଲି
ସଞ୍ଚିତ ଧନକୁ ପର ଖାଇଯାଏ
ରୋଦନ କରଇ ଖାଲି ।
ହିସାବ ଟା ସିନା କରୁଅଛି ନିତି
କାଗଜ କଲମ ନେଇ
ମନ କଲମଟା ଚାଲେ ନାହିଁ କିନ୍ତୁ
ହୃଦ କାଗଜରେ କାହିଁ ??
ସମୀକ୍ଷା ନ କରି ନିଜକୁ ସେ କେବେ
ଭାବେ ଏକା ଭଲ ମୁହିଁ
ବଡ଼ ପଣ ମୋର ଦେଖୁଛି ସଂସାର
ମୋ ଗୁଣକୁ ଗୁଣି ହୋଇ ।
ହିସାବଟା କିନ୍ତୁ ଅଟକି ଯାଉଛି
ବୟସର ସାୟାହ୍ନରେ
ପାପ ପୁଣ୍ୟ କଥା ଆଙ୍କି ଥାଏ ଚକ୍ଷୁ
ଦର୍ପଣର ନୟନରେ ।
ମିଛ ସତ ସିନା କହିଲି ଅନେକ
ହିସାବ ନ କଲି ତାହା
ପାପ ପୁଣ୍ୟ କୁମ୍ଭ କେତେ ଯେ ଭରିଲା
ନ ମିଳିଲା ପୁଣି ରାହା ।
ହିସାବଟା ସିନା ହିସାବ ହୋଇଲେ
ହିସାବୀ ଜାଣିବେ ଦେଖି
ହିସାବ ବାଲା ଯେ ଉପରେ ବସିଛି
ହିସାବ ରଖୁଛି ଲେଖି ।
ଆମ ହିସାବ କି ସମାନ ହୋଇବ
ତାଙ୍କ ହିସାବ ର ତୁଲ
କେତେ ଯେ ହିସାବ କରିଲେ
ଆମେରେ
ପାଇବାକି ସେଠି ମୂଲ ।


ଭୁତସରସିଙ୍ଗି, ପୁରୁଷୋତ୍ତମପୁର, ଗଞ୍ଜାମ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ବୁଧବାର, ମାର୍ଚ୍ଚ ୦୧, ୨୦୨୩

# ଜିରୋ ଘାଟି




ଜିରୋ ଘାଟି, ଅରୁଣାଚଳ ପ୍ରଦେଶର ଲୋୟର ସୁବନସିରି ଜିଲ୍ଲାର ଏକ ପୁରାତନ ସହର । ପୂରା ଜିରୋରେ କେବଳ ଧାନ କ୍ଷେତ, ବାଉଁଶ ଜଙ୍ଗଲ ଓ ଦେବଦାରୁ ଗଛ ଦ୍ୱାରା ଭରପୂର ପାହାଡ଼ ଦେଖିବାକୁ ମିଳେ । ଫଟୋଗ୍ରାଫି ପାଇଁ ଏହିସବୁ ସ୍ଥାନ ପ୍ରସିଦ୍ଧ । ଧାନ ବ୍ୟତୀତ ସେଠାରେ ବହୁଳ ମାତ୍ରାରେ ମାଛଚାଷ କରାଯାଏ । ଜିରୋ ବନ୍ୟପ୍ରାଣୀ ପାଇଁ ମଧ୍ୟ ଏକ ଲୋକପ୍ରିୟ ସ୍ଥାନ । ସ୍ଥାନୀୟ ବାସିନ୍ଦା ଅପାତାନୀ ନାମରେ ଜଣାଶୁଣା । ସେମାନଙ୍କର ପର୍ବପର୍ବାଣି, ରୀତିନୀତି ଓ ପରମ୍ପରା ପାଇଁ ମଧ୍ୟ ଜିରୋ ଘାଟି ପ୍ରସିଦ୍ଧ । ସେମାନେ ପ୍ରକୃତିର ଦେବତାଙ୍କୁ ପୂଜା କରିଥାନ୍ତି । ସେମାନଙ୍କର ସଂସ୍କୃତି ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ । ଉତ୍ସବ ମଧ୍ୟରେ ମ୍ୟାକୋ ମୁରୁଙ୍ଗ ଓ ଡ୍ରି ପ୍ରମୁଖ । ପର୍ଯ୍ୟଟକମାନେ ମଧ୍ୟ ଏହି ଉତ୍ସବରେ ଭାଗ ନେଇପାରିବେ । ଜିରୋର ପାଣିପାଗ ପ୍ରାୟତଃ ଅନୁକୂଳ ଥାଏ, ଯାହାଦ୍ୱାରା ପର୍ଯ୍ୟଟକମାନେ ବର୍ଷସାରା ସେଠାକୁ ଯାଇଥାନ୍ତି । ସେପ୍ଟେମ୍ବରରେ ପାଳନ ହେଉଥିବା ଜିରୋ ମ୍ୟୁଜିକ ଫେଷ୍ଟିଭାଲ ପାଇଁ ଏହି ସ୍ଥାନର ଗୁରୁତ୍ୱ ଅଧିକ । ୨୦୧୨ ମସିହାରେ ଏହି ଫେଷ୍ଟିଭାଲ ଆରମ୍ଭ ହୋଇଥିଲା । ପୃଥିବୀର କୋଣ ଅନୁକୋଣରୁ ସଙ୍ଗୀତପ୍ରେମୀ, ରାଷ୍ଟ୍ରୀୟ ଓ ଅନ୍ତର୍ରାଷ୍ଟ୍ରୀୟ ସଙ୍ଗୀତ ବ୍ୟାଣ୍ଡ ପାର୍ଟି, ଲୋକ କଳାକାର ଏହି ଫେଷ୍ଟିଭାଲରେ ଭାଗ ନେବାକୁ ସେଠାକୁ ଯାଇଥାନ୍ତି । ଜିରୋରେ ଭ୍ରମଣ କରିବା ପାଇଁ କିଛି ବେଶ୍ କେତୋଟି ସ୍ଥାନ ଅଛି ।

### ମେଘନା ଗୁମ୍ଫା ମନ୍ଦିର:

ଜିରୋ ପାର୍ଶ୍ୱରେ ଅବସ୍ଥିତ ଏହି ମନ୍ଦିରଟି ଭଗବାନ ଶିଙ୍କୁ ସମର୍ପିତ । ମନ୍ଦିରରେ ପହଞ୍ଚିବାକୁ ହେଲେ ଅନେକ ସିଡ଼ି ଚଢ଼ିବାକୁ ପଡ଼ିଥାଏ । ସମୁଦ୍ର ପତ୍ତନଠାରୁ ୩୦୦୦ ଫୁଟ ଉଚ୍ଚତାରେ ଅବସ୍ଥିତ ଏହି ୫୦୦୦ ବର୍ଷର ପୁରୁଣା ମନ୍ଦିର ତା'ର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟ ପାଇଁ ଜଣାଶୁଣା ।

### ଡାଲୋ ମାଣ୍ଡୋ:

ହପୋଲୀଠାରୁ ୨ କି.ମି ଦୂରରେ ଥିବା ଡାଲୋ-ମାଣ୍ଡୋ ଟ୍ରେକର୍ସମାନଙ୍କ ପାଇଁ ଉପଯୁକ୍ତ ସ୍ଥାନ । ସେଠାରୁ ହାପୋଲୀ ଓ ପୁରୁଣା ଜିରୋ କ୍ଷେତ୍ରରେ ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ ।

### ଟେଲି ଘାଟି ବନ୍ୟ ଜୀବନ ଅଭୟାରଣ୍ୟ:

ରୋମାଞ୍ଚ ପସନ୍ଦ କରୁଥିବା ପର୍ଯ୍ୟଟକଙ୍କ ପାଇଁ ଟେଲି ଘାଟି ଏକ ଉପଯୁକ୍ତ ସ୍ଥାନ । ଟ୍ରେକିଂ ପାଇଁ ଏହା ପ୍ରସିଦ୍ଧ । ଟେଲି ଘାଟି ବନ୍ୟ ଜୀବ ଅଭୟାରଣ୍ୟ ଜିରୋଠାରୁ ୩୦ କି.ମି. ଦୂରରେ ଅବସ୍ଥିତ । ଏହି ଅଭୟାରଣ୍ୟ ବିଭିନ୍ନ ପ୍ରକାରର ବନସ୍ପତି ଓ ଜୀବଜନ୍ତୁଙ୍କ ପାଇଁ ପର୍ଯ୍ୟଟକଙ୍କ ଧ୍ୟାନ ଆକର୍ଷଣ କରିଥାଏ । ସେଠାରେ କ୍ଲାଉଡେଡ ଚିତା ବାଘ ପରି ଦୁର୍ଲଭ ପ୍ରଜାତିର ବନ୍ୟଜୀବ ଦେଖିବାକୁ ମିଳିଥାନ୍ତି । ୩୩୭ ବର୍ଗ କି.ମିରେ ପରିବ୍ୟାପ୍ତ ଏହି ଅଭୟାରଣ୍ୟ ପାର୍ଶ୍ୱରେ ପ୍ରବାହିତ ହେଉଥିବା ତିନୋଟି ନଦୀର ଦୃଶ୍ୟ ପର୍ଯ୍ୟଟକଙ୍କୁ ସୁନ୍ଦର ଅନୁଭୂତି ପ୍ରଦାନ କରିଥାଏ ।

### ଜିରୋ ମ୍ୟୁଜିକ୍ ଫେଷ୍ଟିଭାଲ୍:

ଜିରୋ ମ୍ୟୁଜିକ୍ ଫେଷ୍ଟିଭାଲ ଭାରତରେ ପ୍ରସିଦ୍ଧ ଅଦ୍ଭୁତ ସ୍ୱତନ୍ତ୍ର ସଙ୍ଗୀତର ଏକ ଭିନ୍ନ ପ୍ରକାର ଉତ୍ସବ । ସଙ୍ଗୀତ ଜୀବନ ଆରମ୍ଭ କରୁଥିବା ସଙ୍ଗୀତକାରମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଏହି ଫେଷ୍ଟିଭାଲ ଆରମ୍ଭ କରାଯାଇଥିଲା । କିନ୍ତୁ ବର୍ତ୍ତମାନ ଏହି ଫେଷ୍ଟିଭାଲରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବ୍ୟାଣ୍ଡ ପାର୍ଟିମାନେ ଭାଗ ନେଉଛନ୍ତି । ପର୍ଯ୍ୟଟକମାନେ ସଙ୍ଗୀତର ମଜା ନେବାକୁ ଯଦି ଚାହାଁନ୍ତି ତେବେ ଜିରୋ ଫେଷ୍ଟିଭାଲ ସମୟରେ ସେଠାକୁ ଯିବା ଉଚିତ୍ ।



### ପାଇନ ବଗିଚା:

ଜିରୋ ଘାଟିର ପାଇନ ଗ୍ରୋଭ ବା ପାଇନ ଗଛର ବଗିଚା ପର୍ଯ୍ୟଟକଙ୍କୁ ଆକୃଷ୍ଟ କିଥାଏ । ଏହି ସ୍ଥାନ ପୁରୁଣା ଜିରୋ ସହରଠାରୁ ପାଖାପାଖି ୩ କି.ମି ଦୂରରେ ଅବସ୍ଥିତ । ଫଟୋଗ୍ରାଫି ପାଇଁ ଏହା ଏକ ଉପଯୁକ୍ତ ସ୍ଥାନ ।



### ରୋମାଞ୍ଚକର ରୋଡ ଟ୍ରିପ୍:

ବାଦଲ ଓ ବିଭିନ୍ନ ବୃକ୍ଷ ମଧ୍ୟରେ ରୋଡ ଟ୍ରିପ୍‌ର ରୋମାଞ୍ଚକ ଅନୁଭବ ଜିରୋରେ ପର୍ଯ୍ୟଟକମାନେ ପାଇପାରିବେ । ପୂର୍ବୋତ୍ତର କ୍ଷେତ୍ରର ଅଙ୍କାବଙ୍କା ରାସ୍ତାରେ ଗାଡ଼ି ଚଳେଇବାର ଏକ ଭିନ୍ନ ଅନୁଭୂତି ଦେଇଥାଏ । ସେଠାରେ ଉପଭୋଗ କରିଥିବା ରୋମାଞ୍ଚକ ରୋଡ ଟ୍ରିପ୍ ଭୁଲି ପାରିବେ ନାହିଁ । ପର୍ଯ୍ୟଟକମାନେ ସେଠାରେ ରହୁଥିବା ଅଧିବାସୀଙ୍କର ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାର ପାଇପାରିବେ । ଜିରୋ ଅଲଗା ଏକ ଦୁନିଆ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେଠାରେ ରହୁଥିବା ଅପତାନୀ ଜନଜାତିର ଲୋକମାନେ ନାକ ପିୟର୍ସିଙ୍ଗ ଓ ଫେସିଆଲ ଟାଟୁ ପାଇଁ ଜଣାଶୁଣା । ତାଲେ ଘାଟି ବ୍ୟତୀତ ଟ୍ରେକିଙ୍ଗ ପାଇଁ ବୋମଡିଲା-ତବାଙ୍ଗ କ୍ଷେତ୍ର ମଧ୍ୟ ଲୋକପ୍ରିୟ ।



### ଜିରୋ ଫୁଟୋ:

ଜିରୋ ଫୁଟୋ ଏକ ପାହାଡ଼, ଯେଉଁଠାରେ ସ୍ୱାଧୀନ ଭାରତର ପ୍ରଥମ ପ୍ରଶାସନିକ କେନ୍ଦ୍ର ସ୍ଥାପିତ ହୋଇଥିଲା । ସେଠରେ ୧୯୬୦ ଦଶକରେ ସେନା ଛାଉଣିର ସ୍ଥାପନା କରାଯାଇଥିବା ଯୋଗୁ ସେ ସ୍ଥାନକୁ 'ଆର୍ମି ପୁଟୋ' ବୋଲି ମଧ୍ୟ କୁହାଯାଏ । ସେ ସ୍ଥାନରୁ ପର୍ଯ୍ୟଟକମାନେ ଅପତାନୀ ପଠାର ନାମକ ସ୍ଥାନର ସୁନ୍ଦର ଦୃଶ୍ୟ ଉପଭୋଗ କରିପାରିବେ ।

### କେବେ ଯିବେ:

ଜିରୋ ଘାଟିରେ ଭ୍ରମଣ କରିବାକୁ ହେଲେ ମାର୍ଚ୍ଚ ମଧ୍ୟ ଭାଗରୁ ଜୁଲାଇର ମଧ୍ୟ ଭାଗ ତଥା ଅକ୍ଟୋବରରୁ ଡିସେମ୍ବର ପର୍ଯ୍ୟନ୍ତ ଉପଯୁକ୍ତ ସମୟ । ସେତେବେଳେ ସେଠାରେ ତାପମାନ ୧୦ରୁ ୧୫ ଡିଗ୍ରୀ ଥାଏ ।

### କିପରି ଯିବେ:

ଆସାମର କାମରୂପ ଜିଲ୍ଲାରେ ଅବସ୍ଥିତ ଗୌହାଟୀ ସବୁଠାରୁ ପାର୍ଶ୍ୱବର୍ତ୍ତୀ ବିମାନ ବନ୍ଦର ଓ ରେଲୱେ ଷ୍ଟେସନ । ସେଠାରୁ ଜିରୋ ଘାଟି ପାଖାପାଖି ୧୨ ଘଣ୍ଟାର ରାସ୍ତା । ପର୍ଯ୍ୟଟକମାନେ ବସ୍ ବା ଟ୍ୟାକ୍ସି ଦ୍ୱାରା ସେଠାରେ ପହଞ୍ଚି ପାରିବେ ।

---

ଡକ୍ଟର ମନୋରଞ୍ଜନ ବିଷୋୟୀ

# ଗଂଜାମର ଋଷିକୁଲ୍ୟା ଉପକୂଳ ଓ ବିରଳ ଅଲିଭ୍ ରିଡ୍‌ଲେ

ବିଶ୍ୱବାସୀଙ୍କୁ ଆକର୍ଷିତ କରି ଆସୁଥିବା ପାଞ୍ଚ ପ୍ରକାର ବିରଳ ପ୍ରଜାତିର କଇଁଚ (ଅଲିଭ୍ ରିଡ୍‌ଲେ, ଲଗର୍‌ହେଡ୍, ଗ୍ରୀନ୍ ଟର୍ଟଲ୍, ଲେଦରବ୍ୟାକ୍ ଓ ହକ୍ସ ବିଲ୍) ଆଦି ମଧ୍ୟରୁ ଅଲିଭ୍ ରିଡ୍‌ଲେ ଅପେକ୍ଷାକୃତ ଛୋଟ । ଗୋଟିଏ ପ୍ରାପ୍ତବୟସ୍କ ଅଲିଭ୍ ରିଡ୍‌ଲେର ଓଜନ ପ୍ରାୟତଃ ୫୦ରୁ ୭୦ କିଲୋଗ୍ରାମ ମଧ୍ୟରେ ହୋଇଥିବା ବେଳେ ଏହାର ଲମ୍ବ ପ୍ରାୟତଃ ୬୦ରୁ ୭୦ ସେ.ମି. ମଧ୍ୟରେ ହୋଇଥାଏ । ସଂପ୍ରତି ବିଶ୍ୱମାନଚିତ୍ରରେ ଆକର୍ଷଣର କେନ୍ଦ୍ରବିନ୍ଦୁ ଭାବେ ଓଡ଼ିଶାର ଉପକୂଳ ବେଶ୍ ଚର୍ଚ୍ଚିତ। ବିଶେଷକରି ସାମୁଦ୍ରିକ କଇଁଛ ଅଲିଭ୍ ରିଡ୍‌ଲେମାନଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟାରେ ଓଡ଼ିଶାର ଉପକୂଳ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଆସୁଅଛି । ଶୀତଋତୁର ଅନ୍ତିମ ଲଗ୍ନରେ ଏହି ପ୍ରଜାତିର ସାମୁଦ୍ରିକ କଇଁଛ ଗଂଜାମ ଜିଲ୍ଲାର ଋଷିକୁଲ୍ୟା ମୁହାଣ, କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଗହୀରମଥା ଓ ପୁରୀ ଜିଲ୍ଲାର ଦେବୀନଦୀ ମୁହାଣକୁ ସାମୂହିକ ଭାବେ ଅଣ୍ଡାଦାନ ନିମନ୍ତେ ଆସିଥାନ୍ତି । ବିଗତ କିଛିବର୍ଷ ହେଲା ଏହି ସବୁ ମୁହାଣ ନିକଟକୁ ଅଲିଭ୍ ରିଡ୍‌ଲେଙ୍କ ଲକ୍ଷାଧିକ ସଂଖ୍ୟାରେ ଆଗମନ ଓ ଅଣ୍ଡାଦାନ ବାସ୍ତବିକ ମନରେ ବିସ୍ମୟ ସୃଷ୍ଟି କରିଥାଏ । ବିଶେଷକରି ଜାନୁଆରୀ ମାସ ଠାରୁ ମାର୍ଚ୍ଚ ମାସ ମଧ୍ୟରେ ସେମାନେ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଜାରି ରଖିଥାନ୍ତି । ମୁଖ୍ୟତଃ ଅଲିଭ୍ ରିଡ୍‌ଲେ କଇଁଛ ସମୁଦ୍ର ଓ ମୁହାଣକୁ ଲାଗି ରହିଥିବା ବାଲୁକାମୟ ବେଳାଭୂମିକୁ ଅଣ୍ଡାଦାନର ପ୍ରକୃଷ୍ଟ କେନ୍ଦ୍ର ଭାବେ ବାଛିଥାନ୍ତି । ଅନୁସନ୍ଧାନରୁ ଜଣାଯାଏ - ଏହି ବିରଳ ପ୍ରଜାତିର ଅଲିଭ୍ ରିଡ୍‌ଲେ କଇଁଛ ପ୍ରଥମଥର ପାଇଁ ୧୯୯୪





ଜାନୁଆରୀ ୩୧ ତାରିଖରେ ଗଂଜାମ ଜିଲ୍ଲାର ଋଷିକୁଲ୍ୟା ନଦୀ ମୁହାଣ ନିକଟରେ ଦେଖିବାକୁ ମିଳିଥିଲା । ସଂପ୍ରତି ଗଂଜାମର ଋଷିକୁଲ୍ୟା ମୁହାଣ ଏହି ସାମୁଦ୍ରିକ ପ୍ରଜାତିର କଇଁଛଙ୍କ ଅଣ୍ଡାଦେବା ନିମନ୍ତେ ପ୍ରଥମ ପସନ୍ଦର ସ୍ଥାନ ପାଲଟି ଯାଇଛି । ଏହାଫଳରେ ମୁହାଣ ନିକଟସ୍ଥ ପୁରୁଣାବନ୍ଧ, ଗୋଖରକୁଦା, କଣ୍ଟିଆଗଡ଼, ପୋଡ଼ମ୍‌ପେଟା ଆଦି ଅବହେଳିତ ବହୁ ଗ୍ରାମ ଆଜି ଏହି ଅଲିଭ୍‌ରିଡ୍‌ଲେଙ୍କ ପାଇଁ ବିଶ୍ୱପ୍ରସିଦ୍ଧ ଓ ପ୍ରଶଂସା ପାଇପାରିଛି । ସଂପ୍ରତି ଗଂଜାମର ଗର୍ବ ପାଲଟିଥିବା ଏହି ବିରଳ ପ୍ରଜାତି ଅଲିଭ୍ ରିଡ୍‌ଲେ କଇଁଛଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଚଳିତବର୍ଷ ଫେବୃୟାରୀ ୨୩ ଗୁରୁବାର ସକାଳ ୭ଟା ଠାରୁ ଆରମ୍ଭ ହୋଇଅଛି । ପୁରୁଣାବନ୍ଧ ଠାରୁ କଣ୍ଟିଆଗଡ଼ ଗ୍ରାମ ନିକଟସ୍ଥ ବଟେଶ୍ୱର ପର୍ଯ୍ୟନ୍ତ ପାଞ୍ଚ କି.ମି. ଅଞ୍ଚଳ ସମୂହ ଅଣ୍ଡାଦାନ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରାଯାଇଛି । ଚଳିତ ବର୍ଷ ପୋଡ଼ମ୍‌ପେଟା ଗ୍ରାମ ନିକଟସ୍ଥ ବେଳାଭୂମିକୁ ସର୍ବାଧିକ କଇଁଚ ସମୂହ ଅଣ୍ଡାଦାନ ନିମନ୍ତେ ଆସିଥିବା ଦେଖିବାକୁ ମିଳିଅଛି । ଏହି ପ୍ରଜାତିର କଇଁଛମାନେ ଶୀତଳ ପବନ ବହିବା ପ୍ରକ୍ରିୟାକୁ ଅପେକ୍ଷା କରି ରହିଥାନ୍ତି । ପବନ ବହିବା ମାତ୍ରେ ବିଶେଷ କରି ରାତ୍ରିରେ ଦଳବଦ୍ଧ ଭାବେ ଏମାନେ ଉପକୂଳକୁ ଆସିଥାନ୍ତି । ବାଲୁକା ଶଯ୍ୟାରେ ପ୍ରାୟ ଦେଢ଼ରୁ ଦୁଇଫୁଟ ଗର୍ତ୍ତ କରି ସେଥି ମଧ୍ୟରେ ୧୦୦ରୁ ୧୫୦ ପର୍ଯ୍ୟନ୍ତ ଅଣ୍ଡାଦାନ କରି ତା' ଉପରେ ବାଲି ଘୋଡ଼ାଇ ପୁନର୍ବାର ସମୁଦ୍ର ଅଭିମୁଖେ ଯାତ୍ରା ଆରମ୍ଭ କରିଥାନ୍ତି । ଅଣ୍ଡାର ଗୋଲେଇ ପ୍ରାୟତଃ ୪ ସେ.ମି. ହୋଇଥାଏ । ଅଣ୍ଡାଦାନ ପ୍ରକ୍ରିୟା ଶେଷ ହେବାର ୪୫ ରୁ ୫୦ ଦିନ ମଧ୍ୟରେ ସୂର୍ଯ୍ୟକିରଣର ଉତ୍ତାପ ଓ ବାଲିର ଆର୍ଦ୍ରତା ଫଳରେ ସଂରକ୍ଷିତ ଅଣ୍ଡାରୁ ଛୁଆ ଫୁଟିବା ଆରମ୍ଭ ହୋଇଥାଏ । କିନ୍ତୁ ଦେଖାଯାଏ ସେମାନଙ୍କ ମଧ୍ୟରୁ ଅଧିକାଂଶ ସୁରକ୍ଷିତ ଅବସ୍ଥାରେ ସମୁଦ୍ର ମଧ୍ୟକୁ ଯାଇପାରନ୍ତି ନାହିଁ । କାଉ, ଚିଲ, ଶାଗୁଣା ଏପରିକି ବିଲୁଆ ଓ କୁକୁରଙ୍କ ଦୌରାତ୍ମ୍ୟରୁ ସେମାନେ ସହଜରେ ବର୍ତ୍ତିପାରନ୍ତି ନାହିଁ, କିନ୍ତୁ କିଛି ପରିମାଣରେ ଛୁଆ କଇଁଛ ବାଲି ଉପରେ ଦଳବଦ୍ଧ ଭାବେ ସନ୍ଧ୍ୟାକୁ ଅପେକ୍ଷା କରି ବସି ରହିଥାନ୍ତି । କାରଣ ସନ୍ଧ୍ୟା ସହିତ ଅନ୍ଧାର ଓ ନିରାପଦ ସମୟ ଆସିବା ପରେ ସମୁଦ୍ରରେ ପଡୁଥିବା ଚନ୍ଦ୍ର ଓ ତାରାଙ୍କର ଚକ୍‌ଚକ୍ ଆଲୋକରେ ଛୁଆ ଅଲିଭ୍ ରିଡ୍‌ଲେମାନେ ସମୁଦ୍ର ଅଭିମୁଖେ ଯାତ୍ରା ଆରମ୍ଭ କରିଥାନ୍ତି ।

ଏହି ପ୍ରଜାତିର କଇଁଛ ସାଧାରଣତଃ ଶ୍ରୀଲଙ୍କାର କଲମ୍ବୋ, କାଲମୋନାର ଓ ଜାଫନା ପ୍ରମୁଖ ତିନୋଟି ସ୍ଥାନ ମଧ୍ୟଭାଗକୁ ଖାଦ୍ୟ ଓ ଆଶ୍ରୟସ୍ଥଳୀ ରୂପେ ବାଛି ନେଇଥାନ୍ତି । ଅନୁଧ୍ୟାନରୁ ଜଣାଯାଏ ଯେ, ପରିବେଶର ସନ୍ତୁଳନ ରକ୍ଷା କରିବାରେ ଏହି ସାମୁଦ୍ରିକ ପ୍ରଜାତିର ଅଲିଭ୍ ରିଡ୍‌ଲେ କଇଁଛ ବହୁ ପରିମାଣରେ ସହାୟକ ହୋଇଥାଏ । ଏହି କଇଁଛ ଜେଲିଫିସ୍ ନାମକ ସାମୁଦ୍ରିକ ଜୀବକୁ ଖାଦ୍ୟ ରୂପେ ବ୍ୟବହାର କରିଥାଏ । ତେଣୁ ସମୁଦ୍ରରେ ଜେଲିଫିସ୍ ସଂଖ୍ୟା ନିୟନ୍ତ୍ରଣାଧିନ ରହେ । ଯାହାଫଳରେ ସାମୁଦ୍ରିକ ଚିଙ୍ଗୁଡ଼ି ବା ମାଛ ବଂଶ ବୃଦ୍ଧିରେ ଏହା ସହାୟକ ହୁଏ । କାରଣ ଜେଲିଫିସ୍‌ର ଖାଦ୍ୟ ହେଉଛି ଛୋଟ ମାଛ ବା ଚିଙ୍ଗୁଡ଼ି । ତେଣୁ ଜେଲିଫିସ୍ ବଂଶ ନିପାତରେ ସହାୟକ ରିଡ୍‌ଲେ କଇଁଛ ପରୋକ୍ଷରେ ମତ୍ସ୍ୟଜୀବୀଙ୍କ ବନ୍ଧୁ ରୂପେ ଉଭା ହୋଇଥାଏ । ତେଣୁ ଏହି ବିଲୁପ୍ତ ପ୍ରାୟ ଅଲିଭ୍ ରିଡ୍‌ଲେଙ୍କୁ ସୁରକ୍ଷା ଦେବା ଏକ ପ୍ରତ୍ୟାଶିତ କର୍ତ୍ତବ୍ୟ । କାରଣ ବିଗତ କିଛିବର୍ଷ ହେଲା ବହୁ ସଂଖ୍ୟାରେ ଅଲିଭ୍ ରିଡ୍‌ଲେଙ୍କ ଅଣ୍ଡାଦାନ ନିମନ୍ତେ ଏଠାକୁ ଆଗମନ ଅବସରରେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ତଦ୍‌ଜନିତ ମୃତ୍ୟୁ ଘଟଣା ଜନତା ଓ ପ୍ରାଣୀବିଜ୍ଞାନୀ ମାନଙ୍କୁ ବ୍ୟଥିତ କରିଛି ।

ଏ ପରିପ୍ରେକ୍ଷୀରେ କହିରଖେ ଓଡ଼ିଶା ଉପକୂଳ ଏହି ବିରଳ ପ୍ରଜାତିର ଅଲିଭ୍ ରିଡ୍‌ଲେଙ୍କ ପ୍ରଜନନ କ୍ଷେତ୍ର ହୋଇଥିବାରୁ କୋଷ୍ଟ ଲାଇନ୍‌ରେ ୧୭ଶହରୁ ଦୁଇ ହଜାର କିଲୋମିଟର ସାମୁଦ୍ରିକ ପଥ ଅତିକ୍ରମ କରି ଓଡ଼ିଶା ଅଭିମୁଖେ ଆସିଥାନ୍ତି । ସଂପ୍ରତି ଋଷିକୁଲ୍ୟା ମୁହାଣ ସେମାନଙ୍କ ପ୍ରଥମ ପସନ୍ଦ ସ୍ଥଳ ପାଲଟିଛି । ଏପରିକି ଚଳିତ ବର୍ଷ ରେକର୍ଡ଼ ସଂଖ୍ୟାରେ ଅଣ୍ଡାଦାନ କରୁଥିବା ଦେଖିବାକୁ ମିଳିଛି । ତେଣୁ ଏହି ମୁହାଣରେ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷିତ ସମୂହ ଅଣ୍ଡାଦାନ ନିମନ୍ତେ ଚଳିତବର୍ଷ ମଧ୍ୟ ପୂର୍ବ ବର୍ଷମାନଙ୍କ ପରି ବନବିଭାଗ ଓ ଗଂଜାମର ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏପରିକି ମୁହାଣ ଉପକୂଳବର୍ତ୍ତୀ ଅଞ୍ଚଳବାସୀଙ୍କ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ବାସ୍ତବିକ୍ ସ୍ୱାଗତଯୋଗ୍ୟ ଥିଲା । ଏପରିକି ଏହି ବିରଳ ପ୍ରଜାତିର କଇଁଛମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଡିଏଫ୍‌ଓଙ୍କ ନିର୍ଦ୍ଦେଶ କ୍ରମେ ବହୁ କ୍ୟାମ୍ପ କରାଯିବା ସହ ସୁରକ୍ଷିତ ସମୂହ ଅଣ୍ଡାଦାନ ନିମନ୍ତେ ବନବିଭାଗ ପକ୍ଷରୁ ପ୍ଲାଷ୍ଟିକ୍ ଜାଲିବାଡ଼ ଦିଆଯାଇଛି । ଏହାସହ ସ୍ଥାନୀୟ ରେଞ୍ଜର, ଫରେଷ୍ଟର ଆଦିଙ୍କ ତତ୍ତ୍ୱାବଧାନ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ଓ ଗଣତି ବ୍ୟବସ୍ଥା କରାଯାଇଛି । ଏପରିକି ଗଣତି ଓ ସୁରକ୍ଷା ଦୃଷ୍ଟିରୁ ବେଳାଭୂମିରେ ୫୦ ଗୋଟି ସେଗ୍‌ମେଣ୍ଟ୍‌ରେ ଦୁଇଜଣ ଲେଖାଏଁ କରି ୧୦୦ ଜଣଙ୍କୁ ମୁତୟନ କରଯାଇଛି । ଫଳତଃ ଚଳିତବର୍ଷ ଋଷିକୁଲ୍ୟା ମୁହାଣରେ ଏହି ସମୂହ ଅଣ୍ଡାଦାନ ପ୍ରକ୍ରିୟା ଦିନକୁ ଦିନ ବୃଦ୍ଧି ପାଇବା ସହ ଏହି ମୁହାଣ ଏକ ବୃହତ୍ତମ ଗଣ ଅଣ୍ଡାଦାନ ସ୍ଥଳୀ ରୂପେ ନିଜର ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିପାରିଛି ।

+ଦାମୋଦରପୁର, ଗଂଜାମ
ମୋ: ୮୮୯୫୧୪୧୭୨୭

# ୨୨ ବର୍ଷରେ ୪୪ ଲକ୍ଷ ୯୯ ହଜାର ପରିବାରଙ୍କୁ ପକ୍କାଘର ଯୋଗାଇ ଦିଆଯାଇଛି : ମନ୍ତ୍ରୀ

ଭୁବନେଶ୍ୱର, ୨୮/୦୨ (ନି.ପ୍ର): ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ଗତ ୨୨ ବର୍ଷରେ ୪୪ ଲକ୍ଷ ୯୯ ହଜାର ପରିବାରଙ୍କୁ ପକ୍କାଘର ଯୋଗାଇ ଦିଆଯାଇଛି । ଏଭଳି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତ । ଖଣ୍ଡପଡ଼ା ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଏଭଳି ଉତ୍ତର ରଖିଛନ୍ତି ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ଆହୁରି କହିଛନ୍ତି, କେନ୍ଦ୍ର ସରକାର ମଞ୍ଜୁର କରିଥିବା ୯ ଲକ୍ଷ ୫୯ ହଜାର ପ୍ରଧାନମନ୍ତ୍ରୀ ଆବାସ ଗୃହ ପରେ ମଧ୍ୟ ୨୦୧୯ ମାର୍ଚ୍ଚ ୭ ତାରିଖ ପୂର୍ବରୁ ଚିହ୍ନଟ ୧ ଲକ୍ଷ ୩୦ ହଜାର, ୮୭୩ ପରିବାର ଆବାସ ପ୍ଲସ ତାଲିକାରେ ଯୋଗ୍ୟ ବିବେଚିତ ହୋଇଛନ୍ତି । ୨୦୨୨ରେ ପକ୍କା ଘର ପାଇବା ପାଇଁ ଯୋଗ୍ୟ ପିଭିଟିଜି ପରିବାର ଓ ସ୍ୱାଭିମାନ ଅଞ୍ଚଳରେ ବସବାସ କରୁଥିବା ଯୋଗ୍ୟ ଲୋକଙ୍କ ସର୍ଭେ କରାଯାଇଥିଲା । ଏହି ସର୍ଭେରେ ୨୬,୭୭୫ଟି ପିଭିଟିଜି ପରିବାର ଓ ସ୍ୱାଭିମାନ ଅଞ୍ଚଳର ୧୮,୧୬୦ଟି ପରିବାର ଯୋଗ୍ୟ ବିବେଚିତ ହୋଇଛନ୍ତି। । ଏହି ପରିବାରମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇ ଦେବା ଲାଗି ଗତ ଜାନୁଆରି ୧୮ ତାରିଖରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି । ଏହାର ଅନୁମୋଦନ ପରେ କଚ୍ଚା ଘରେ ରହୁଥିବା ଅନ୍ୟ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯିବ । ପର୍ଯ୍ୟାୟକ୍ରମେ ଯୋଗ୍ୟ ପରିବାରଙ୍କୁ ଗୃହ ଯୋଗାଇ ଦିଆଯିବ ।

ଆଜି ବିଧାନସଭାରେ ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ ପ୍ରଶ୍ନ କରିଥିଲେ ଯେ ବାସଗୃହ ଯୋଗାଣ ଲାଗି ବିଭିନ୍ନ ସରକାରୀ ଯୋଜନାରେ ଗତ ୨୨ ବର୍ଷରେ କେତେ ପରିବାରଙ୍କୁ ପକ୍କାଘର ଦିଆଯାଇଛି ଓ ନିକଟରେ କେନ୍ଦ୍ର ସରକାର ମଞ୍ଜୁର କରିଥିବା ୯ ଲକ୍ଷ ୫୯ ହଜାର ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପରେ ଅବଶିଷ୍ଟ କେତେ ପରିବାର କଚ୍ଚା ଘରେ ରହୁଥିବେ ? କେବେ ସୁଦ୍ଧା ରାଜ୍ୟର ସବୁ ପରିବାରଙ୍କୁ ପକ୍କା ଘର ଉପଲବ୍ଧ କରାଯିବ ?

# ଚାଷୀ ସମସ୍ୟା ନେଇ ସରକାର ସମ୍ବେଦନଶୀଳ ନୁହନ୍ତି



ଭୁବନେଶ୍ୱର , ୨୮/୦୨ (ନି.ପ୍ର): ରାଜ୍ୟରେ ମଣ୍ଡିଗୁଡ଼ିକରେ ଉପଯୁକ୍ତ ଭିତ୍ତିଭୂମି ନାହିଁ । ଚାଷୀ ଅମଳ କରୁଥିବା ଧାନକୁ ଉପଯୁକ୍ତ ଦରରେ ବିକ୍ରି କରିପାରୁନି । ଚାଷୀମାନେ ହନ୍ତସନ୍ତ ହେଉଛନ୍ତି । ଅଭାବରେ ରହି ଆତ୍ମହତ୍ୟା କରିବାକୁ ବାଧ ହେଉଛନ୍ତି । କିନ୍ତୁ ସରକାର ଚାଷୀ ଆତ୍ମହତ୍ୟାକୁ ଫାଙ୍କି ଦେଉଛନ୍ତି । ବାସ୍ତବରେ ଚାଷୀଙ୍କ ସମସ୍ୟା ନେଇ ସରକାର ଆଦୌ ସମ୍ବେଦନଶୀଳ ନୁହନ୍ତି । ଆଜି ବିଧାନସଭାରେ ରାଜ୍ୟ ସରକାରଙ୍କୁ ଏମିତି କଡ଼ା ସମାଲୋଚନା କରିଛନ୍ତି ବିରୋଧୀ ଦଳ ।

'ଧାନ ପଡ଼ିଛି ମଣ୍ଡିରେ, ଲୁହ ଝରୁଛି ଚାଷୀ ଆଖିରେ' ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ କହିଲେ, ରାଜ୍ୟରେ ଚାଷୀମାନେ ଧାନର ଅଭାବୀ ବିକ୍ରି କରିବାକୁ ବାଧ ହେଉଛନ୍ତି । ମନଇଚ୍ଛା କଟ୍‌ନି ଛଟ୍‌ନି ଚାଲିଛି । ମଣ୍ଡିରେ ଉନ୍ନତମାନର ଭିତ୍ତିଭୂମି ପ୍ରସ୍ତୁତ ନାହିଁ । ଟୋକନ୍ ପାଇଁ ଚାଷୀମାନେ ଅଧିକ ସମସ୍ୟାର ସାମ୍ନା କରୁଛନ୍ତି । ଋଣ ବୋଝରେ ଭାରାକ୍ରାନ୍ତ ଚାଷୀ ଆତ୍ମହତ୍ୟା ପନ୍ଥା ଆପଣାଉଛି । କିନ୍ତୁ ସରକାର ଆତ୍ମହତ୍ୟାକୁ ଫାଙ୍କି ଦେଉଛନ୍ତି ଓ କୃତ ଚାଷୀଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ଦେଉନାହାନ୍ତି । ବୌଦ୍ଧ ଜିଲ୍ଲାର ଚାଷୀ ଧରଣୀ ମେହେରଙ୍କ ମୃତ୍ୟୁ ପ୍ରସଙ୍ଗକୁ ଶ୍ରୀ ମାଝୀ ଉଠାଇଥିଲେ । ବିଜେପି ସଭ୍ୟ ମୁକେଶ ମହାଲିଙ୍ଗ ଟୋକନ୍ ଅବ୍ୟବସ୍ଥା ସମ୍ପର୍କରେ କହିଥିଲେ । ସୁବାସ ପାଣିଗ୍ରାହୀ ଧାନ ମଣ୍ଡିରେ ଅବ୍ୟବସ୍ଥା ସମ୍ପର୍କରେ କହିଥିଲେ ।

କଂଗ୍ରେସ ସଭ୍ୟ ସନ୍ତୋଷ ସିଂହ ସାଲୁଜା କହିଲେ, ମିଲ୍ ମାଲିକଙ୍କୁ ମଣ୍ଡିରେ ପ୍ରବେଶ ବାରଣ କଲେ ବହୁ ସମସ୍ୟା ସମାଧାନ ହୋଇଯିବ । ସେମାନଙ୍କ ଉପସ୍ଥିତିରେ ହିଁ କଟ୍‌ନି ଛଟ୍‌ନି ହେଉଛି । ବାରମ୍ବାର ଦାବି ସତ୍ତ୍ୱେ କେନ୍ଦ୍ର ସରକାର ଏମ୍‌ଏସ୍‌ପିକୁ ୨୯୩୦ କଲେ ନାହିଁ । ଏପରିକି ବିଧାନସଭାର ଗୃହ କମିଟିକୁ ଭେଟିବା ପାଇଁ ପ୍ରଧାନମନ୍ତ୍ରୀ ସମୟ ଦେଲେନି । ଓଡ଼ିଶା ସରକାର ଏମ୍‌ଏସ୍‌ପି ଉପରେ ଚାଷୀଙ୍କୁ ବୋନସ୍ ଦେଉ ନାହାନ୍ତି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶୋଷଣରେ ଚାଷୀ ତଳିତଳାନ୍ତ ହୋଇଗଲେଣି । ଟୋକନ୍ ପରିଚାଳନା ରାଜ୍ୟ ସ୍ତରରୁ ନ ହୋଇ ଜିଲ୍ଲା ସ୍ତରରେ କରିବାକୁ ସେ ଦାବି କରିଥିଲେ । ତାରା ପ୍ରସାଦ ବାହିନୀପତି କହିଲେ, ୨/୩ ମାସ ଯାଏ ଚାଷୀ ଟଙ୍କା ପାଉନି । ବୌଦ୍ଧର ଚାଷୀ ଧରଣୀଧର ମେହେରଙ୍କ ଟୋକନ୍ ଲାପ୍ସ ହେବା କଥା ସତ କି ? ପାକ୍ସଗୁଡ଼ିକ ୨% ସବ୍‌ସିଡି ନେଉଛନ୍ତି, କିନ୍ତୁ ମଣ୍ଡିର ଭିତ୍ତିଭୂମି ସଜାଡୁ ନାହାନ୍ତି । କେନ୍ଦ୍ର-ରାଜ୍ୟ ଲଢ଼େଇରେ ଚାଷୀ ଫସିଯାଉଛନ୍ତି ।

ଶାସକ ଦଳ ସଭ୍ୟମାନଙ୍କ ଯୁକ୍ତି ଥିଲା, ରାଜ୍ୟ ସରକାର ଧାନ କିଣାକୁ ବ୍ୟବସ୍ଥିତ କରିଛନ୍ତି । ଧାନ ସଂଗ୍ରହ ବାବଦକୁ କେନ୍ଦ୍ର ଉପରେ ଯୋଗାଣ ନିଗମର ୧୧,୮୩୫ କୋଟି ଟଙ୍କାରୁ ଅଧିକ ବାକି ଅଛି । ଏହି ଟଙ୍କା ପାଇବାରେ ବିଳମ୍ବ ହେଉଥିଲେ ବି ରାଜ୍ୟ ସରକାର ଚାଷୀଙ୍କୁ ଠିକ୍ ସମୟରେ ପ୍ରାପ୍ୟ ଦେବାରେ ହେଳା କରୁନାହାନ୍ତି । ବିଜେପି ସଭ୍ୟମାନେ ଏଠି କୁମ୍ଭୀର କାନ୍ଦଣା ନ କାନ୍ଦି ଏମ୍‌ଏସ୍‌ପି ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କୁ କୁହନ୍ତୁ । ପଦ୍ମନାଭ ବେହେରା, ଅମର ଶତପଥୀ ଓ ରମେଶ ଚନ୍ଦ୍ର ବେହେରା ଆଲୋଚନାରେ ଭାଗ ନେଇଥିଲେ ।

ଆଲୋଚନାର ଉତ୍ତର ରଖି ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଲେ, ଧାନ କିଣା ପ୍ରକ୍ରିୟାକୁ ବ୍ୟବସ୍ଥିତ କରିବା ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି । ଏହା ଫଳରେ ଚାଷୀଙ୍କୁ ଅଭାବୀ ଧାନ ବିକ୍ରିରୁ ରକ୍ଷା କରାଯିବା ସହିତ ଓଡ଼ିଶା ଏକ ଚାଉଳ ବଳକା ରାଜ୍ୟରେ ପରିଣତ ହୋଇଛି । ଧାନ ସଂଗ୍ରହ ପାଇଁ ଆଗୁଆ ଚାଷୀ ପଞ୍ଜୀକରଣ ବ୍ୟବସ୍ଥା ୨୦୧୪-୧୫ ଖରିଫ ବିପଣନ ବର୍ଷରୁ ଆରମ୍ଭ କରାଯାଇଛି । ସରକାରଙ୍କୁ ଧାନ ବିକ୍ରି କରିବାକୁ ଚାହୁଁଥିବା ଚାଷୀମାନେ ସେମାନଙ୍କର କୃଷି ସେବା ସମବାୟ ସମିତିରେ ଆଗୁଆ ପଞ୍ଜୀକରଣ କରୁଛନ୍ତି । ଧାନ କ୍ରୟର ସମସ୍ତ କାଗଜାତ ପ୍ରସ୍ତୁତି ପି-ପାସ୍ ଆପ୍ଲିକେସନ୍ ସହାୟତାରେ କମ୍ପ୍ୟୁଟରୀକୃତ ପ୍ରକ୍ରିୟା ମାଧ୍ୟମରେ ପରିଚାଳିତ ହେଉଛି । ଧାନ ବିକ୍ରି ମୂଲ୍ୟର ପ୍ରତ୍ୟକ୍ଷ ହସ୍ତାନ୍ତର ଚାଷୀଙ୍କ ବ୍ୟାଙ୍କ ଜମା ଖାତାକୁ ଅନ୍‌ଲାଇନ ପ୍ରକ୍ରିୟାରେ ଦିଆଯାଉଛି । ଧାନ ସଂଗ୍ରହ ବ୍ୟବସ୍ଥାକୁ ସ୍ୱଚ୍ଛ, କ୍ରିୟାଶୀଳ ଓ ଚାଷୀ-ଅନୁକୂଳ କରାଯାଇଛି । ଧାନ ନଉଠିବା ଯୋଗୁ ଧରଣୀ ମେହେରଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ସତ୍ୟ ଉପରେ ଆଧାରିତ ନୁହେଁ । ବିଭାଗ ପକ୍ଷରୁ ଏହାର ଯାଞ୍ଚ କରାଯାଇଥିଲା । ତାଙ୍କର ଧାନ କିଣାସରିଥିଲା ।

ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ବିଜେପି ସଭ୍ୟମାନେ କକ୍ଷତ୍ୟାଗ କରିଥିଲେ । ଚାଷୀଙ୍କ ସମସ୍ୟା ପରି ଏକ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଆଲୋଚନା ବେଳେ ଗୃହରେ ଅତ୍ୟନ୍ତ ଦୁର୍ବଳ ଉପସ୍ଥାନ ଦେଖିବାକୁ ମିଳିଥିଲା । ୨୦ରୁ ୨୫ ଜଣ ସଭ୍ୟଙ୍କ ଉପସ୍ଥିତିରେ ଦେଢ଼ ଘଣ୍ଟା ଆଲୋଚନା ହୋଇଥିଲା ।

# ଗୋ ମହାତୀର୍ଥ ସୁରଭି ଜନ ଜାଗରଣ ମହାଯଜ୍ଞ ଆରମ୍ଭ

ଧର୍ମଶାଳା, ୨୮/୦୨ (ନି.ପ୍ର): ଯାଜପୁର ବ୍ଲକ ଝାଲପଡା ପଂଚାୟତସ୍ଥ କାକୁଡିକୁଦ ଓ ନୀଳକଣ୍ଠପୁର ଗ୍ରାମର ସତ୍ୟସାଇ ଖେଳ ପଡିଆରେ ୩ୟ ବାର୍ଷିକ ଗୋ ମହାତୀର୍ଥ ସୁରଭି ଜନ ଜାଗରଣ ମହାଯଜ୍ଞ ଆରମ୍ଭ ହୋଇଛି । ଏହି ଯଜ୍ଞ ୫ ଦିନ ଧରି ଚାଲିବ । ଏହି ଅବସରରେ କାକୁଡିକୁଦ,ନୀଳକଣ୍ଠପୁର ଓ ସାନବାଗସାହି ଗ୍ରାମର ଶତାଧିକ ମହିଳା କଳସ ଯାତ୍ରାରେ ସାମିଲ ହୋଇଥିଲେ । ଗୋଲକୁଣ୍ଡସ୍ଥିତ ବ୍ରହ୍ମଣୀ ନଦୀ ତଟରୁ କଳସକୁ ପୂଜାର୍ଚ୍ଚନା କରି ଶୋଭାଯାତ୍ରାରେ ଆସି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ । ପରେ ପରେ ଯଜ୍ଞ ମଣ୍ଡପ ପ୍ରତିଷ୍ଠା କରାଯିବା ପରେ ଯଜ୍ଞ କର୍ମ ଆରମ୍ଭ ହୋଇଥିଲା । ପରେ ପରେ ସୂର୍ଯ୍ୟ ପୂଜା,ଗୋପୂଜା ଓ ମଣ୍ଡଳ ପୂଜା ପରେ ଅଗ୍ନିକୁଣ୍ଡରେ ଅଗ୍ନୀ ସଂଯୋଗ ହୋଇଥିଲା । ପ୍ରତ୍ୟେହ ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ । ଏହି କାର୍ଯ୍ୟକ୍ରମରେ ପୂଜାସ୍ୱାମୀ କ୍ରିଷ୍ଟାନନ୍ଦ ମହାରାଜ,ସଚ୍ଚିଦାନନ୍ଦ ଦାସ ମହାରାଜ,ପଣ୍ଡିତ ସଂଗ୍ରାମୀ ଆଚାର୍ଯ୍ୟ,ସୁବାସ ଚନ୍ଦ୍ର ପାଣି,ଅଭିମନ୍ୟୁ ଷଡଙ୍ଗୀଭୂପତି ମୋହନ ପଣ୍ଡା,ପ୍ରଦୀପ ତ୍ରିପାଠୀ,କୁଞ୍ଜବିହାରୀ ଦାସ,ବିଶ୍ୱନାଥ ଦାଓ,ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ,ପଣ୍ଡିତ ବିରେନ୍ଦ୍ର ପଣ୍ଡା,ପୂଜ୍ୟସ୍ୱାମୀ ଅଖଣ୍ଡାନନ୍ଦ ସରସ୍ୱତୀ,ବିଜ୍ଞାନନାନନ୍ଦ ଗିରି ନିର୍ମଳାନନ୍ଦ ଗିରି ଓ ବିଶ୍ୱନାଥ ବାବାଙ୍କ ସମେତ ବହୁ ସାଧୁସନ୍ଥ ଯୋଗ ଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । କଳସ ଯାତ୍ରା କାର୍ଯ୍ୟକ୍ରମରେ ଆନ୍ତର୍ଜାତୀୟ କ୍ରିୟାଯୋଗ ସଂସ୍ଥାର ଅଧ୍ୟକ୍ଷ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ,ମୁଖ୍ୟକର୍ତ୍ତା ରଘୁନାଥ ଜେନା,ବରିଷ୍ଠ ସଭ୍ୟ ଧନେଶ୍ୱର ପତି,ନିରଞ୍ଜନ ଜେନା,ସୁବାସ ଚନ୍ଦ୍ର ସାହୁ,ଉପଦେଷ୍ଟା ପ୍ରୀୟନାଥ ରାଉତ,ସମିତିସଭ୍ୟ ନିର୍ମଳ ସାମଲ,ବନମାଳି ମଲିକ,ସୁରେନ୍ଦ୍ର ସାହୁ,ହେମନ୍ତ ସାହୁ,ରଂଜିତ ନାୟକ,ଲକ୍ଷ୍ମଣ ବିଶ୍ୱାଳ,ଉତ୍କଳ ଜେନା,ମନୋଜ ଜେନା,ଚିନ୍ମୟ ଦଳେଇ,ଦୀଲିପ ଜେନା,ମାଧବାନନ୍ଦ ଜେନା,ଅର୍ଜିନ ଦାସ,ଜିତେନ୍ଦ୍ର ସାହୁ ଓ ହରିହର ଜେନାଙ୍କ ସମେତ ଝାଲପଡା ପଂଚାୟତର ବହୁ ଆଧ୍ୟାତ୍ମିକ ପ୍ରେମୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଅଲିଭ୍ ରିଡ୍‌ଲେଙ୍କ ଆଗମନରେ ନୂଆ ରେକର୍ଡ଼



ବ୍ରହ୍ମପୁର , ୨୮/୦୨ (ନି.ପ୍ର): ପ୍ରକୃତିର ବିରଳ ଅଲିଭ୍ ରିଡ୍‌ଲେ ଗଞ୍ଜାମ ଉପକୂଳକୁ ଆଗମନ କ୍ଷେତ୍ରରେ ଏକ ନୂଆ ରେକର୍ଡ଼ କରିଛନ୍ତି । ମାତ୍ର ୪ଦିନରେ ଗଞ୍ଜାମ ବ୍ଲକ୍ ଋଷିକୁଲ୍ୟା ମୁହାଣ ବାଲୁକା ଶଯ୍ୟାରେ ଆଜି ସକାଳ ସୁଦ୍ଧା ୫ଲକ୍ଷ ୫୭ହଜାର ୮୮୦ କଇଁଛ ଗଣଅଣ୍ଡାଦାନ କରି ସାରିଲେଣି । ତେବେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ଚଳିତ ବର୍ଷ ଅଣ୍ଡାଦାନ ପାଇଁ ୪ ଦିନରେ ଆସିଥିବା କଇଁଛଙ୍କ ସଂଖ୍ୟା ସର୍ବକାଳୀନ ରେକର୍ଡ଼ ବୋଲି କୁହାଯାଉଛି ।

ଗଞ୍ଜାମ ବ୍ଲକ୍‌ର ପୋଡ଼ମପେଟାରୁ ବଟେଶ୍ୱର ପର୍ଯ୍ୟନ୍ତ ସୃଷ୍ଟି ହୋଇଥିବା ବାଲୁକା ଶଯ୍ୟାରେ କଇଁଛ ଅଣ୍ଡାଦାନ କରୁଛନ୍ତି । ଗତବର୍ଷ ଏହି ବାଲୁକା ଶଯ୍ୟା ଧୋଇହୋଇ ଅବକ୍ଷୟ ହୋଇ ଯାଇଥିଲା । କିନ୍ତୁ ଚଳିତ ବର୍ଷ ପୁଣିଥରେ ସେଠାରେ ସମୁଦ୍ର ବାଲି ଜମା ହୋଇ ନୂତନ ବେଳାଭୂମି ସୃଷ୍ଟି ହୋଇଛି । ଏହାକୁ ଡାଇନାମିକ୍ ବିଚ୍ କୁହାଯାଏ । ଏଠାରେ ଚଳିତ ବର୍ଷ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଗଣଅଣ୍ଡାଦାନ ପର୍ବ ଚାଲିଛି । ଗତ ୨୩ତାରିଖରୁ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରଥମ ୨୪ଘଣ୍ଟା ମଧ୍ୟରେ ପ୍ରାୟ ଦେଢ଼ଲକ୍ଷ କଇଁଛ ଋଷିକୁଲ୍ୟା ମୁହାଣରେ ଅଣ୍ଡାଦାନ କରିଥିଲେ । ପ୍ରଥମ ଦିନରେ ଏତେ ସଂଖ୍ୟକ କଇଁଛ ଅଣ୍ଡାଦାନ କରିଥିବାରୁ ଚଳିତ ବର୍ଷ ସବୁ ରେକର୍ଡ଼ ଟପିବ ବୋଲି ଅନୁମାନ କରା ଯାଉଥିଲା । ଅନୁମାନ ସତ ହେଲା । ଚଳିତ ବର୍ଷ ମାତ୍ର ୪ଦିନରେ ୫ଲକ୍ଷ ୫୭ହଜାର କଇଁଛ ଅଣ୍ଡାଦାନ କରି ସାରିଲେଣି । ଗତକାଲି ସଂଧ୍ୟାରୁ ଆଜି ସକାଳ ସୁଦ୍ଧା ୯୨ହଜାର ୫୨୩ କଇଁଛ ଅଣ୍ଡାଦାନ କରିଛନ୍ତି । ଚଳିତ ବର୍ଷ କଇଁଛମାନେ ଦିନରେ ମଧ୍ୟ ଅଣ୍ଡାଦାନ କରିଥିବା ଲକ୍ଷ୍ୟ କରାଯାଇଛି । ଯାହାକି ଏକ ଶୁଭଙ୍କର ଖବର ବୋଲି ପରିବେଶବିତମାନେ ମତ ଦେଇଛନ୍ତି । ଋଷିକୁଲ୍ୟା ମୁହାଣ ଅଲିଭ୍ ରିଡ୍‌ଲେଙ୍କ ପାଇଁ ଏକ ସୁରକ୍ଷିତ ସ୍ଥାନ ପାଲଟିଥିବାରୁ ସେମାନେ ଦିନ ସମୟରେ ମଧ୍ୟ ଅଣ୍ଡାଦାନ କରୁଛନ୍ତି । ଗତବର୍ଷ ୮ଦିନରେ ୫ଲକ୍ଷ ୫୦ହଜାର ଅଲିଭ୍ ରିଡ୍‌ଲେ କଇଁଛ ଅଣ୍ଡାଦାନ କରିଥିଲେ । ଚଳିତ ବର୍ଷ ଏହି ରେକର୍ଡ଼ ଭାଙ୍ଗିଛି । ତେବେ ଚଳିତ ବର୍ଷ କଇଁଛଙ୍କ ସଂଖ୍ୟା ୬ଲକ୍ଷ ଛୁଇଁବ ବୋଲି ଆଶା କରାଯାଉଛି । ବ୍ରହ୍ମପୁର ଡିଏଫ୍‌ଓ ଅମ୍ଲାନ ନାୟକଙ୍କ ନେତୃତ୍ୱରେ ଅଣ୍ଡାଦାନସ୍ଥଳୀରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ସାଧାରଣ ଲୋକଙ୍କୁ ଅଣ୍ଡାଦାନସ୍ଥଳକୁ ଯିବା ପାଇଁ ବାରଣ କରାଯାଇଛି । ଅଣ୍ଡାଦାନର ପ୍ରାୟ ୫୦ଦିନ ପରେ ଅଣ୍ଡା ଫୁଟି ଛୁଆ ବାହାରିବେ । ସେତିକି ଦିନ ପର୍ଯ୍ୟନ୍ତ ଋଷିକୁଲ୍ୟା ମୁହାଣରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ରହିବ ବୋଲି ସୂଚନା ଦିଆଯାଇଛି ।

# ଧର୍ମଶାଳା ବ୍ଲକରେ ପୋଖରୀ ଓ ମନରେଗା ଦୁର୍ନୀତି ଅଭିଯୋଗରେ ଭିଜିଲାନ୍ସ ତଦନ୍ତ

ଧର୍ମଶାଳା, ୨୮/୦୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଂଚଳରେ ୨୦୧୯-୨୦ରେ ବ୍ୟାପକ ଦୃନୀତି ହୋଇଛି । ପୋଖରୀ ପୁନଃରୁଦ୍ଧାର ନାଁରେ ଲକ୍ଷଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଛି । ଏହି ବ୍ଲକ ତରଞ୍ଜିଆ ପଂଚାୟତରେ ନୂଆ ପୋଖରୀ ନିର୍ମାଣରେ ହୋଇଥିବା ବ୍ୟାପକ ଦୁର୍ନୀତି ଓ ଗଙ୍ଗାଧରପୁର ପଂଚାୟତ ଇନାମନଗରଠାରେ ହୋଇଥିବା ମନରେଗା ଯୋଜନାରେ ଦୁର୍ନୀତିର ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ଏହି ଘଟଣାକୁ ଗୁରୁତର ସହ ନେଇ ଭିଜିଲାନ୍ସ ଘଟଣାସ୍ଥଳରେ ପଂହଚି ତଦନ୍ତ କରିଛି । ସୋମବାର ଦିନ ଯାଜପୁର ଭିଜିଲାନ୍ସ ଡିଏସ୍‌ପି ସୁଶିଲ ଏକ୍କା ଓ ଇନିସ୍ପେକ୍ଟର ଅନୁଶୟା ସେନାପତୀଙ୍କ ନେତୃତ୍ୱରେ ଏକ ବୈଷୟିକ ଦଳ ଦମକଳ ବାହିନୀ ସହାୟତାରେ ଡଙ୍ଗା ସାହାଯ୍ୟରେ ପୋଖରୀକୁ ଓହ୍ଲାଇ ମାପ ଚୁପ କରିବା ସହିତ ଗଙ୍ଗାଧରପୁର ପଂଚାୟତ ମନରେଗା ଯୋଜନାରେ ହୋଇଥିବା ରସ୍ତାକୁ ମଧ୍ୟ ମାପ ଚୁପ କରି ଫେରି ଯାଇଥିବା ଜଣାପଡିଛି । ସୂଚନା ମୁତାବକ,ଯାଜପୁର କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ୨୦୧୯-୨୦ ଆର୍ଥିକ ବର୍ଷରେ ତରଞ୍ଜିଆ ପଂଚାୟତରେ ଏମ୍‌ଆଇପି ନାମରେ ୨୪ଲକ୍ଷ ୯୯ ହଜାର ଟଙ୍କା ବ୍ୟୟ କରି ଖାତା ନଂ- ୨୨୫,ପ୍ଲଟ ନଂ- ୧୫୧୮, ୨ ଏକର ୦୮୦ ପରିମିତ ଜମିରେ ଏକ ପୋଖରୀ ନିର୍ମାଣ କରାଯାଇଛି । କିନ୍ତୁ ସେହି ଆର୍ଥିକ ବର୍ଷ ତରଞ୍ଜିଆ ପଂଚାୟତ ପକ୍ଷରୁ ଚତୁର୍ଦ୍ଦଶ ଅର୍ଥ କମିଶନ ଅନୁଦାନ ଅର୍ଥରୁ ୩ଲକ୍ଷ ୫୦ହଜାର ବ୍ୟୟ ଅଟକଳ କରି ୩ଲକ୍ଷ ୪୬ହଜାର ୫୦୦ ଟଙ୍କା ବ୍ୟୟରେ ସମାନ ସ୍ଥାନରେ ପୋଖରୀ ପୂନଃଉଦ୍ଧାର କରାଯାଇଥିବା ଦର୍ଶାଇ ସମସ୍ତ ଟଙ୍କା ହଡ଼ପ ହୋଇଥିବା ଲୋକାୟୁକ୍ତଙ୍କ ନିଜସ୍ୱ ତଦନ୍ତକାରୀ ସଂସ୍ଥା ଡାଇରେକ୍ଟର ଅଫ ଇନ୍‌କ୍ୱାରୀ ତଦନ୍ତରେ ଧରାପଡ଼ିବା ପରେ ଲୋକାୟୁକ୍ତଙ୍କ ନିର୍ଦ୍ଦେଶରେ ଭିଜିଲାନ୍ସ ଏହି ମାମଲାର ତଦନ୍ତ କରି ଏହି ବ୍ଲକର ଅବସରପ୍ରାପ୍ତ ତତ୍କାଳୀନ ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ମହାନ୍ତି,କାନିଷ୍ଠ ଯନ୍ତ୍ରୀ ବ୍ରହ୍ମାନନ୍ଦ ପଣ୍ଡା,ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମହେଶ୍ୱର ମହାନ୍ତି,ତତ୍କାଳୀନ ସରପଂଚ ସୁଶାନ୍ତ ସେଠୀଙ୍କ ବିରୁଦ୍ଧରେ ବିଭିନ୍ନ ଦଫା ଲଗାଇ ଏକ ଫୌଜଦାରୀ ମାମଲା ରୁଜୁ କରିଛି । ସେହିପରି ଗଙ୍ଗାଧରପୁର ପଂଚାୟତ ଇନାମନଗର ଗ୍ରାମର ଅକ୍ଷୟ କୁମାର ପାଳଙ୍କ ଘରଠାରୁ ସୁନାକର ରାଉତଙ୍କ ଘର ପର୍ଯ୍ୟନ୍ତ ମାଟି ରାସ୍ତା ନିର୍ମାଣ ପାଇଁ ମନରେଗା ଯୋଜନାରେ ରେ ୨୦-୨୧ ଆର୍ଥିକ ବର୍ଷରେ ସାମିଲ କରାଯାଇଥିଲା । ୫୦୦ ମିଟର ରାସ୍ତା ପାଇଁ ୫ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା । ଏହି ରାସ୍ତା ନିର୍ମାଣରେ ୨ ଲକ୍ଷ ୯୪ ହଜାର ୩୩୬ ଟଙ୍କା ବିଲ୍ କରା କରାଯାଇଥିବା ବେଳେ କିନ୍ତୁ ବାସ୍ତବ କ୍ଷେତ୍ରରେ ମାତ୍ର ୨୩୯.୬୩ କ୍ୟୁବିକ ମାଟି ପକାଯାଇ ମାତ୍ର ୪୧ ହଜାର ୭୨୨ ଟଙ୍କା ଖର୍ଚ୍ଚ କରି ସ୍ୱଚ୍ଛଳ ବର୍ଗ ବ୍ୟକ୍ତିଙ୍କ ନାମରେ ଜବ୍ କାର୍ଡ କରାଯାଇ ବାକି ୨ ଲକ୍ଷ ୫୨ ହଜାର ୬୧୪ ଟଙ୍କା ହଡ଼ପ କରାଯାଇଥିବା ତଦନ୍ତ ପରେ ଧରା ପଡ଼ିଥିଲା ।

# ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ



ସୋର, ୨୮/୦୨ (ନି.ପ୍ର): ସ୍ଥାନୀୟ ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୟୁଥ୍ ରେଡକ୍ରସ ଓ ରେଡ ରିବନ କ୍ଲବ ତରଫରୁ ପରିବେଶ ସଫେଇ, ସୁରକ୍ଷା ଏବଂ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଶ୍ରୀଯୁକ୍ତ ଜଗଦୀଶ ଚନ୍ଦ୍ର ବିଶ୍ୱାଳଙ୍କ ତତ୍ୱାବଧାନରେ ୟୁଥ୍ ରେଡକ୍ରସ କାଉନସିଲର ଡକ୍ଟର ପୁଣ୍ୟବ୍ରତ ମହାନ୍ତିଙ୍କ ପ୍ରାୟ ୧୦୦ ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ବିଦ୍ୟାଳୟ ପରିସରକୁ ସଫା କରିଥିଲେ । ପରବର୍ତ୍ତୀ ଦିବସରେ ଡକ୍ଟର ମହାନ୍ତି ଏବଂ ସ୍ୱେଚ୍ଛାସେବୀମାନେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ । ସରକାରଙ୍କର ପୃଷ୍ଠ ପୋଷକତାରେ ହୋଇଥିବା ଏହି ସବୁ କାର୍ଯ୍ୟକ୍ରମର ସଫଳତା ପାଇଁ ପ୍ରାଧପକ ପୂର୍ଣ୍ଣଚନ୍ଦ୍ର ବେହେରା, ଅଧ୍ୟାପକ ଅଜୟ କୁମାର ବାରିକ, ବିଜୟ କୁମାର ମହାଳିକ, ଜାତୀୟ ସେବା ଯୋଜନାର ସଂଯୋଜକ ଡକ୍ଟର ସମ୍ବିତ କୁମାର ପଳିତାତ, ଅଧ୍ୟାପିକା ନିବେଦିତା ମଲିକ ଓ ଶ୍ରୀମତୀ ସନ୍ଧ୍ୟାରାଣୀ ଜେନା, କର୍ମଚାରୀ ଅତୁଲ ବିହାରୀ ପାଢ଼ୀ ଏବଂ ପ୍ରଦ୍ୟୁମ୍ନ କୁମାର ସାହୁ ସହଯୋଗ କରିଥିଲେ ।

# ପାରାଭାଡ଼ି ବୌଦ୍ଧସ୍ତୂପରୁ ବୁଦ୍ଧବିଗ୍ରହ ଆବିଷ୍କୃତ



ଚଣ୍ଡିଖୋଲ , ୨୮/୦୨ (ନି.ପ୍ର): ଲଳିତଗିରି-ରତ୍ନଗିରି-ଉଦୟଗିରି ହୀରକ ତ୍ରିଭୁଜ ଅନ୍ତର୍ଗତ ଶୁଖୁଆପଡ଼ା ପାହାଡ଼ର ପାରାଭାଡ଼ି ବୋଦ୍ଧସ୍ତୂପ ଖନନରୁ ପଦ୍ମପାଣି ବୋଧିସତ୍ତ୍ୱଙ୍କ ଭଗ୍ନ ବିଗ୍ରହ ଓ ମାଟିପାତ୍ରରେ ଥିବା ବୁଦ୍ଧମସ୍ତକ ଆବିଷ୍କୃତ ହୋଇଛି । ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପୁରୀ ସର୍କଲ ଅଧୀନରେ ଏହି ବିଧିବଦ୍ଧ ଖନନ ଫେବ୍ରୁଆରି ୧୪ ତାରିଖରୁ ଆରମ୍ଭ ହୋଇଛି । ଖନନ ସମୟରେ ଖଣ୍ଡୋଲାଇଟ ପଥରରେ ଗଢ଼ା ହୋଇଥିବା ସାଢ଼େ ୪ ମିଟର ଉଚ୍ଚତା ବିଶିଷ୍ଟ ଏହି ବିଶାଳ ବୌଦ୍ଧସ୍ତୂପର ଭଗ୍ନ ରୂପରେଖ ଲୋକଲୋଚନକୁ ଆସିଛି । ସ୍ତୂପର ନିମ୍ନଭାଗ ବର୍ଗାକାର ପ୍ରାୟ ୧୮ ମିଟର ରହିଛି । ଉପରିଭାଗ ବୃତ୍ତାକାର ଥିବାବେଳେ ଏହା ସମୁଦ୍ର ପତ୍ତନଠାରୁ ୧୩୭ ମିଟର ଉଚ୍ଚରେ ରହିଛି । ଖଣ୍ଡୋଲାଇଟ ପଥରର ଆକାର ୨ ଫୁଟରେ ୨ ଫୁଟ ଏବଂ ୩ ଫୁଟରେ ୨ ଫୁଟ ରହିଛି । ପାରାଭାଡ଼ି ବୋଦ୍ଧସ୍ତୂପ ଖନନରୁ ୧୩୦୦ ବର୍ଷ ତଳର ଏହି ପୁରାତାତ୍ତ୍ୱିକ ବୋଦ୍ଧକୀର୍ତ୍ତିରାଜି ଆବିଷ୍କୃତ ହୋଇଛି ବୋଲି କହିଛନ୍ତି ଖନନ ଦାୟିତ୍ୱରେ ଥିବା ପୁରୀ ସର୍କଲର ପ୍ରତ୍ନତତ୍ତ୍ୱ ଅକ୍ଷୀକ୍ଷକ ଡ. ଦିବିଶଦ ଗଡ଼ନାୟକ । ସ୍ତୂପର ଉତ୍ତର ପଟରୁ ପ୍ଲାଟଫର୍ମର ଗୋଟିଏ ସ୍ତର ଦୃଶ୍ୟମାନ ହୋଇଛି । ଆଉ ଦୁଇ ସପ୍ତାହର ଖନନ ପରେ ପୂର୍ଣ୍ଣାଙ୍ଗ ଚିତ୍ର ଜଣାପଡ଼ିବ । ଉଲ୍ଲେଖଯୋଗ୍ୟ ଯେ ଚଣ୍ଡିଖୋଲରୁ ପାରାଦୀପକୁ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥର ୧୮ କିମି ଦୂର ଡାହାଣ ପାର୍ଶ୍ୱରେ ଯାଜପୁର ଜିଲ୍ଲାର ପଲାଇ ପଞ୍ଚାୟତରେ ରହିଛି ପାରାଭାଡ଼ି ବୌଦ୍ଧସ୍ତୂପ । ବର୍ତ୍ତମାନ ଖନନ କାର୍ଯ୍ୟରେ ପ୍ରାୟ ୩୦ ଜଣ କୁଶଳୀ ଓ ଅଣକୁଶଳୀ ଶ୍ରମିକ ନିୟୋଜିତ ଅଛନ୍ତି । ସକାଳ ସାଢ଼େ ୬ଟାରୁ ଏହି ଖନନ କାର୍ଯ୍ୟ କରାଯାଉଛି ।

## ବୋଝେଇ ଟ୍ରାକ୍ଟର ଜବତ : ୨ଗିରଫ

ବସ୍ତା, ୨୮।୨(ନିପ୍ର): ବେଆଇନ ଭାବେ ବାଲି ବୋଝେଇ କରି ଦ୍ରୁତ ଗତିରେ ନିଧିପଣ୍ଡା ଆଡ଼କୁ ଯାଉଥିବା ବେଳେ ଏକ ଟ୍ରାକ୍ଟରକୁ ହଳଦୀପଦା ଫାଣ୍ଡି ଅଧିକାରୀ ମଙ୍ଗଳବାର ଜବତ କରିଛନ୍ତି। ଏଥିରେ ଥିବା ଦୁଇ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ବିରୋଧରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି।ସେମାନେ ହେଲେ ପଡୋଶୀ ମୟୁରଭଞ୍ଜ ଜିଲ୍ଲାର ଉଦଳା ଅଞ୍ଚଳ ର ଶୁଭେଚ୍ଛା ନନ୍ଦ ପାତ୍ର ଓ ସାନୁ ଟୁଡୁ।

## ଦିବ୍ୟାଙ୍ଗ ବିଶ୍ୱନାଥଙ୍କ ଆକୁଳ ଗୁହାରୀ : ପରିବାରର ସମସ୍ତେ ଚାଲିଗଲେ, କେବଳ ପୁତ୍ରକୁ ଚାହିଁ ବଂଚି ରହିଛି



ଉଦଳା, ୨୮/୦୨ (ନି.ପ୍ର): ଉଦଳା ବ୍ଲକର କୁଣ୍ଡାବାଇ ପଂଚାୟତ ଅନ୍ତର୍ଗତ ଗୋଠସାହିର ବାସିନ୍ଦା ବିଶ୍ୱନାଥ ବେହେରାଙ୍କୁ ଚଳିତ ବର୍ଷ ୫୦ ବର୍ଷ ବୟସ ଛୁଇଁଲା। ବିଶ୍ୱନାଥ ପିଲାଟି ଦିନରୁ ଭଲଭାବରେ ଚାଲିପାରନ୍ତି ନାହିଁ। ଡ଼ାକ୍ତର ତାଙ୍କୁ ୪୨% ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଛନ୍ତି । ସବୁକିଛି ପ୍ରମାଣପତ୍ର ଥିବା ସ୍ୱତେ ତାଙ୍କୁ ଏ ପର୍ଯ୍ୟନ୍ତ ଭତା (ସାମାଜିକ ସୁରକ୍ଷା) ଟଙ୍କା ମିଳୁ ନାହିଁ । ବିଶ୍ୱନାଥଙ୍କ ଦୁଃଖ ଦେଖି ପିତା ବିଦ୍ୟାଧର ବେହେରା ଓ ମାତା ଚାନ୍ଦମଣି କିଛି ବର୍ଷ ପୁର୍ବେ ସବୁଦିନ ପାଇଁ ଆଖି ବୁଜି ଦେଲେ । ଶେଷରେ ସହଧର୍ମିଣୀ ଶଙ୍କରି ମଧ ଶେଷ ନିଶ୍ୱାସ ତ୍ୟାଗ କଲେ। ଏବେ ପାଖରେ ଏକମାତ୍ର ପୁତ୍ର ଅନିଲ ରହିବା ସହିତ ବାପାଙ୍କ ସେବା ଶୁଶ୍ରୁଷା କରୁଛି । ଘରର ଆର୍ଥିକ ଅବସ୍ଥା ସ୍ୱଛଳ ନଥିବା ବେଳେ ବାପାଙ୍କର ଏପରି ଅବସ୍ଥା ଦେଖବ ପୁତ୍ର ଅନିଲ ପାଠ ପଢ଼ା ଛାଡ଼ିବାକୁ ବାଧ ହୋଇଛି । ଦିବ୍ୟାଙ୍ଗ ବିଶ୍ୱନାଥଙ୍କୁ ତୁରନ୍ତ ଭତା(ସାମାଜିକ ସୁରକ୍ଷା) ଯୋଗାଇ ଦେବା ସହିତ ପୁତ୍ର ଅନିଲର ପାଠ ପଢ଼ା ବ୍ୟବସ୍ଥା ସରକାର କରନ୍ତୁ ବୋଲି ବିଭିନ୍ନ ମହଲରେ ଦାବୀ ହେଉଛି ।

## ମହାତ୍ମାଗାନ୍ଧୀ ଜଳେଶ୍ୱର ଟୋଟ ସଂଘ ଗଠିତ

ଜଳେଶ୍ୱର, ୨୮/୨(ନି.ପ୍ର): ଜଳବାୟୁ ଉତ୍ତପ୍ତ ପରିବେଶର ସନ୍ତୁଳନ ରହୁନଥିବା ବେଳେ ଇଲେକ୍ଟ୍ରୀଚାଳିତ ଟୋଟ ସାମାଜିକ ସ୍ତରରେ ସମସ୍ତ ପ୍ରିୟ ହୋଇ ପାରିଛି। ତେଣୁ ଜଳେଶ୍ୱର ଅଂଚଳ ବହୁ ବେକାର ଯୁବକ ଏହି ଇଲେକ୍ଟ୍ରି ଟୋଲ ଚଳାଇ ଜୀବନ ନିର୍ବାହ କରୁଛନ୍ତି। ଶୃଙ୍ଖଳିତ ଚଳାଚଳ ଲାଗି ଆଜି ସେମାନେ ଏକ ସଂଘ ଗଠନ କରିଛନ୍ତି । ଏଥିରେ ସାମ୍ୟବାଦୀ ନେତା ଶିଶି ହୁଇ ସଭାପତିତ୍ୱ କରିଥିଲେ। ସମସ୍ତେ ଧାର, କରଜ ଋଣ କରି ପେଟ ପ୍ରତିପୋଷଣ କରି ଏପରି ଟୋଟ ଚାଳନା ଆରମ୍ଭ କରିଥିବା ବେଳେ ଋଣରେ ସୁଧ କମ୍ ହେବା, ରାସ୍ତାରେ ପୁଲିସ୍ ଅତ୍ୟାଚାର ବନ୍ଦ କରିବା, ଡ୍ରାଇଭର ବିଶ୍ରାମସ୍ଥଳ ନିର୍ମାଣ ହେବା ନେଇ ବୈଠକରେ ସିଦ୍ଧାନ୍ତ ହୋଇଛି । ମହାତ୍ମା ଗାନ୍ଧି ଟୋଟ ସଂଘରେ ଦୀଲ୍ଲିପ କୁମାର ଗିରି ସଭାପତି, ସନ୍ତୋଷ କୁମାର ଦେବନାଥ କାର୍ଯ୍ୟକାରୀ ସଭାପତି, ବିଶାଳ ଦାସ ଓ ସେକ୍ ସଲିମ ଉପସଭାପତି, ବାପି ମିଶ୍ର ସଂପାଦକ, ନାସିର ଅହମ୍ମଦଖାଁ ଓ ରାଜା ଖାଁ ସହ ସଂପାଦକ ଏବଂ ସେକ୍ ଗୁଲାମ ମୈନୁଦ୍ଦିନ କୋଷାଧ୍ୟକ୍ଷଭାବେ ମନୋନୀତ ହୋଇଛନ୍ତି ।

# ଷଷ୍ଠ ବାର୍ଷିକ ଜେପିଏଲ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ : ସଂଜୟ ଫାଇଟର ଟିମ ଚମ୍ପିୟାନ



ବାରିପଦା, ୨୮/୦୨ (ନି.ପ୍ର): ସ୍ଥାନୀୟ ମୁର୍ଗାବାଡିଠାରେ ଷଷ୍ଠ ବାର୍ଷିକ ଯମ ପଡିଆ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଂଟର ଫାଇନାଲ ମ୍ୟାଚରେ ସଂଜୟ ଫାଇଟର ଟିମ ଟୋକସିକ ଥଣ୍ଡର ଟିମକୁ ୩୫ ରନରେ ପରାସ୍ତ କରି ଏ ବର୍ଷର ଚମ୍ପିୟାନ ହୋଇଛି । ପ୍ରଥମେ ବ୍ୟାଟିଂ କରି ସଂଜୟ ଫାଇଟର ୧୦ ଓଭରରେ ୧ ଉଇକେଟ ହରାଇ ୧୮୨ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଅବିନାଶ ରଥ ୭୨, ବିଜୟ ମୁଣ୍ଡା ୭୦ ଓ ସଂଜୟ ଧୀର ୨୪ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଜ୍ୟୋତି ପ୍ରକାଶ ରଥ ଏକ ମାତ୍ର ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ଟୋକସିକ ଥଣ୍ଡର ୧୦ ଓଭରରେ ୫ ଉଇକେଟ ହରାଇ ୧୪୭ରନ ସଂଗ୍ରହ କରିପାରିଥିଲେ। ଦଳ ପକ୍ଷରୁ ନିମାଁୟ ସୋରେନ ସର୍ବାଧିକ ୫୯ ଓ ସୋନୁ ସିଂ ୨୯ ରନ ସଂଗ୍ରହ କରିଥିଲେ । ବିଜୟ ମୁଣ୍ଡା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିବା ବେଳେ ଶ୍ରେଷ୍ଠ ବୋଲର ଓ ମ୍ୟାନ ଅଫ ଦି ସିରିଜ ଭାବେ ସଂଜୀବ କୁମାର ମହାପାତ୍ର, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ପ୍ରିତମ କୁମାର ବେହେରା, ଶ୍ରେଷ୍ଠ ଫିଲଡର ଭାବେ ଲମ୍ବୋଦର ମହାନ୍ତ ଓ ଶ୍ରେଷ୍ଠ ଭଲ୍ୟୁଂଟର ଭାବେ ଆଲୋକ ରଂଜନ ପୁହାଣ ପୁରସ୍କୃତ ହୋଇଥିଲେ । ମନୋଜ କୁମାର ନାଏକ ଓ ଭବାତୋଷ ଶେଜପଡା ଖେଳ ପରିଚାଳନା କରିଥିବା ବେଳେ ରାକେଶ କୁମାର ବେହେରା ଓ ସମର ପରିଡା ସ୍କୋରିଙ୍ଗରେ ସହାୟତା କରିଥିଲେ । ପ୍ରବୀର ତେଲେଙ୍ଗା ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି । ସମ୍ମାନିତ ଅତିଥି ଭାବେ ସମାଜସେବୀ ଅମର କୁମାର ସେଠି ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଭାପତି କାମିନୀକାନ୍ତ ପରିଡା, ଉପ ସଭାପତି ମନୋଜ ନାଏକ ଓ ସମ୍ପାଦକ ପ୍ରକାଶ ସିଂ ଓ ଶିବ ଶଙ୍କର ଟୁଡୁ ଉପସ୍ଥିତ ଥିଲେ। ଚମ୍ପିୟାନ ଦଳକୁ ୧୦ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସ ଅପ ଦଳକୁ ୮ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା ।

# ବାର୍ଷିକ ଉତ୍ସବ ଓ ବିଦାୟ ସମ୍ବର୍ଦ୍ଧନା ସଭା



ଖୋର୍ଦ୍ଧା, ୨୮/୦୨ (ନି.ପ୍ର): ସ୍ଥାନୀୟ ମହାମାୟା ସରକାରୀ ଉଚ୍ଚ ବିଦ୍ୟାଳୟ ନୂଆପଡ଼ାରେ ଦୁଇ ଦିନ ଧରି ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅଖିଳ ବିହାରୀ ପଟ୍ଟନାୟକଙ୍କ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ୨୭ ତାରିଖ ଦିନ ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ଉଭୟ ଜୁନିୟର୍, ସବ୍ ଜୁନିୟର୍, ସିନିୟର୍ ବାଳକ ବାଳିକାଙ୍କୁ ନେଇ ୭୭ଗୋଟି ବିଭାଗରେ ୨୧୦ଜଣ ଛାତ୍ରଛାତ୍ରୀ ପୁରସ୍କୃତ ହୋଇଥିଲେ । ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମଲ୍ଲୀପୁର ଗ୍ରାମପଞ୍ଚାୟତର ସରପଞ୍ଚ ସୁଦାମ ସେଠୀ, ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ବ୍ରଜବନ୍ଧୁ ହୋତା ଓ ଜିଲା କ୍ରୀଡ଼ା ଶିକ୍ଷା ନିରୀକ୍ଷକ ଶ୍ରୀଯୁକ୍ତ ପଠାଣି ଆଗ୍ରାସିଂହ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ସୁକାନ୍ତ ସେଠୀ, ଚନ୍ଦ୍ରକାନ୍ତ ସୁନ୍ଦରାୟ, ସୁଜାତା ପଣ୍ଡା, ସରିତା ନନ୍ଦ, ପ୍ରଣତି ବରାଳ କାର୍ଯ୍ୟକ୍ରମରେ ସହଯୋଗ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ହୀରାମଣି ରାଉତ, ଲକ୍ଷ୍ମୀପ୍ରିୟା ପ୍ରଧାନ, ସୁନିତା ମହାରଣା, ଜୟନ୍ତୀ ନାୟକଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ଦିନ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀମତୀ ସୁଜାତା ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ସରପଞ୍ଚ ଜଟଣୀ ମଣ୍ଡଳ ଅବସରପ୍ରାପ୍ତ ମଣ୍ଡଳଶିକ୍ଷା ଅଧିକାରୀ ରମେଶଚନ୍ଦ୍ର ଖଟେଇ, ମୋ ସ୍କୁଲ କମିଟିର ଅଧକ୍ଷ ଆନନ୍ଦ ଚନ୍ଦ୍ର ପଣ୍ଡା, ଅତିଥି ଭାବେ ଯୋଗ ଦେବା ସହିତ ଖୋର୍ଦ୍ଧା ଜିଲ୍ଲା ଓଷ୍ଟାର ସାଧାରଣ ସମ୍ପାଦକ ସୁଧାକର ମହାପାତ୍ର ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ଜଣେ ଆଦର୍ଶ ଶିକ୍ଷକ ଭାବେ ଅଭିହିତ କରିବା ସହିତ ତାଙ୍କ କାର୍ଯ୍ୟକାଳ ସମୟରେ ବିଦ୍ୟାଳୟର ଅନେକ ଉନ୍ନତି ସାଧିତ ହୋଇଥିବା କଥା ବର୍ଣ୍ଣନା କରିଥିଲେ। କ୍ଲଷ୍ଟର୍ ସାଧନ କେନ୍ଦ୍ର ସଂଯୋଜିକା ପୂର୍ଣ୍ଣଲକ୍ଷ୍ମୀ ମହାରଣା, ପୋଡ଼ାପୁଟ ଉ.ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭକ୍ତ ବଲ୍ଲଭ ଜେନା, ବଘେଇଟାଙ୍ଗି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଲେଇ ବିଙ୍କୁଡ଼ିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରହରୀ ନନ୍ଦ ଓଷ୍ଟା ଖୋର୍ଦ୍ଧା ମଣ୍ଡଳ ସମ୍ପାଦକ ଶରତ ଚନ୍ଦ୍ର ରାଉତ, ଶିକ୍ଷକ ଫକୀର ଚରଣ ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର, ରମେଶ ପ୍ରଧାନ ପ୍ରମୁଖ, ଶ୍ରୀଯୁକ୍ତ ପଟ୍ଟନାୟକଙ୍କୁ ଜଣେ ସରଳ, ସଚ୍ଚୋଟ ଓ ନିଷ୍ପାପର ପ୍ରଧାନ ଶିକ୍ଷକଙ୍କୁ କର୍ମକ୍ଷେତ୍ରରୁ ବିଦାୟ ନେଉଥିବାରୁ ଅତ୍ୟନ୍ତ ମର୍ମାହତ ଓ ଦୁଃଖିତ ବୋଲି ମତବ୍ୟକ୍ତ କରିଥିଲେ। ମୁକ୍ତାପୁର କ୍ଲଷ୍ଟରର ସମସ୍ତ ଶିକ୍ଷକ, ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସହକର୍ମୀ ବୃନ୍ଦ ବିଦାୟୀ ପ୍ରଧାନ ଶିକ୍ଷକଙ୍କ ଗୁଣ ଗାନ ସହିତ ମାନପତ୍ର ଓ ଉପଢୌକନ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଦାୟୀ ସଙ୍ଗୀତ ଗାନ କରାଯିବା ସହିତ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମକୁ ସୂଚାରୁରୂପେ ସଂଯୋଜନା କରିଥିଲେ ସମସ୍ତଙ୍କ ସାହାଯ୍ୟ ସହଯୋଗ ଓ ଯୋଗଦାନ ପାଇଁ ଶିକ୍ଷକ ପଦ୍ମନାଭ ସାହୁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଜିଲାସ୍ତରୀୟ ଭାରତ ସ୍କାଉଟ ଏବଂ ଗାଇଡସ୍ କେମ୍ପୋରୀ ଉଦ୍‌ଘାଟିତ

ଜଳେଶ୍ୱର, ୨୮/୨(ଓଡିଶା ଖବର): ଆଜି ବାଲେଶ୍ୱର ଜିଲାର ଭାରତ ସ୍କାଉଟ ଏବଂ ଗାଇଡସ୍ କେମ୍ପୋରୀ ଜଳେଶ୍ୱର ହାଇସ୍କୁଲ ପରିସରରେ ଉଦ୍‌ଘାଟିତ ହୋଇଛି । ଏଥିରେ ଜିଲାର ୧୧୮ଟି ହାଇସ୍କୁଲର ୪୧୬ଟି ସ୍କାଉଟ ଓ ଗାଇଡର ୫୮୭ଜଣ ଯୋଗଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଜିଲା ଶିକ୍ଷାଧିକାରୀ ତଥା ମୁଖ୍ୟ କମିଶନର ବିଷ୍ଣୁଚରଣ ସୁତାର ଯୋଗ ଦେଇ ଭକ୍ତି, ଜ୍ଞାନ, ବିଶ୍ୱାସ, ସଂକଳ୍ପ, ବଂଧୁତା, ବିନୟ, ସମର୍ପଣ, ଜାତୀୟ ସମ୍ପତ୍ତି ସୁରକ୍ଷା ତଥା ଶାନ୍ତି ଓ ସନ୍ତୋଷ ଲାଗି ପ୍ରତ୍ୟେକ ସ୍କାଉଟ୍ ଓ ଗାଇଡ୍‌ସର ସଦସ୍ୟ/ସଦସ୍ୟା କାର୍ଯ୍ୟ କରିବା ଉଚିତ୍ ବୋଲି କହିଥିଲେ । ଦୃଢ ସଂକଳ୍ପ, ଦେଶଭକ୍ତି, ଅନ୍ୟପ୍ରତି ସେବା ଓ ସହାୟତା ପ୍ରତ୍ୟେକଙ୍କ ଧର୍ମ ହେବା ଉଚିତ୍ ବୋଲି ତାଙ୍କ ଅଭିଭାଷଣରେ ଉଦ୍‌ବୋଧନ ଦେଇଥିଲେ । ମୁଖ୍ୟବକ୍ତାଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଧରଣୀଧର ପାତ୍ର ଯୋଗ ଦେଇ ଆଧ୍ୟାତ୍ମିକତା, ପିତା, ମାତା, ଗୁରୁ, ମାଟିମା ଓ ଈଶ୍ୱରଙ୍କର ଋଣ ପରିଶୋଧ କରିବା ଏବଂ ଶୃଙ୍ଖଳା ମଧ୍ୟରେ ଜୀବନ ଅତିବାହିତ ସଂଗଠନର ଉଦ୍ଦେଶ୍ୟବୋଲି କହିଥିଲେ । ଉଦାହରଣ ଦେବା ଠାରୁ ଉଦାହରଣ ହେବା ଶ୍ରେୟସ୍କର ବୋଲି କହିଥିଲେ । ଜଳେଶ୍ୱର ହାଇସ୍କୁଲର ପ୍ରଧାନ ଶିକ୍ଷକ କୁଂଜ ବିହାରୀ ପ୍ରଧାନ ସଭାପତିତ୍ୱ କରି ସ୍ୱାଗତ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମ୍ମାନୀତ ଅତିଥିଭାବେ ଜିଲା ଆୟୁକ୍ତ ତଥା ପ୍ରଧାନ ଶିକ୍ଷୟତ୍ରୀ ସୁମତି ମଣ୍ଡଳ ଗଛ ଛଳରେ ମୁକ୍ତ ଆକାଶ ବିହଙ୍ଗପରି ଛାତ୍ରଛାତ୍ରୀମାନେ ସାମାଜିକ ନିୟମ ଓ ମାନବୀୟ ଧର୍ମ ମଧ୍ୟରେ ବିକଶିତ ହେବା ଉଚିତ ବୋଲି କହିଥିଲେ । ଜିଲା ସ୍ତରୀୟ ଭାରତ ସ୍କାଉଟ ଓ ଗାଇଡର ସଂପାଦକ ତଥା ଜିଲା ଶାରୀରୀକ ଶିକ୍ଷା ନିରିକ୍ଷକ ଅଶୋକ କୁମାର ନାୟକ ବିବରଣୀ ପାଠ କରି ୨୦୧୯ରେ ଏହି ବିଦ୍ୟାଳୟରେ ୧୩୩୨ଜଣ ସଦସ୍ୟ ସଦସ୍ୟା ଯୋଗ ଦେଇଥିବା ବେଳେ ଚଳିତଥର ୫୮୭ଜଣ ଯୋଗ ଦେଇଥିବାରୁ ଅଧିକ ଉତ୍ସାହଲାଗି ଶିକ୍ଷକମାନେ ଚେଷ୍ଟିତ ହେବାକୁ ପରାମର୍ଶ ଦେଇଥିଲେ । ଓଡିଶା ରାଜ୍ୟ ସଂଗଠନର ଲିଡର ଟ୍ରେନର୍ ସୁଦର୍ଶନ ପ୍ରଧାନ ଅତିଥିମାନଙ୍କ ପରିଚୟ ଓ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେବା ସଂପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପୁରତନ ଛାତ୍ରସଂଘର ସଭାପତି ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଈଶ୍ୱର ଚନ୍ଦ୍ର ଜେନା, ଅତିରିକ୍ତ ବିଇଓ ଅଜୟ କୁମାର ଜେନା, ଓଷ୍ଟାର ଜିଲା ସଂପାଦକ ମନୋରଂଜନ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ୩ ଦିନିଆ ଶିବିରରେ କୁଇଜ୍, ତର୍କ, ପେଣ୍ଟି, ପ୍ରଦର୍ଶନୀ, ସ୍କିଲୋରାମା, ପ୍ରାଥମିକ ଚିକିତ୍ସା, କେମ୍ପ ଫାୟାର, ଲୋକନୃତ୍ୟ, ଗ୍ରାମ୍ୟମେଳା, ମାର୍ଚ୍ଚଫାଷ୍ଟ, ପିଜେଣ୍ଟ ସେ ଆଦି ପ୍ରତିଯୋଗିତା ଓ ବିଭିନ୍ନ ଦୁଃସାହସିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି ।

# ଅଶୋକ ଦାସଙ୍କ ଜନ୍ମ ଉତ୍ସବ ଓ ରକ୍ତଦାନ ଶିବିର



ବାସୁଦେବପୁର, ୨୮/୦୨ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ର ସାଧାରଣ ସମ୍ପାଦକ ତଥା ଅଲ ଇଣ୍ଡିଆ କଂଗ୍ରେସ କମିଟି ସଭ୍ୟ, ବାସୁଦେବପୁର ନିର୍ବାଚନ ମଣ୍ଡଳୀ ର ବିଧାନସଭା ପ୍ରାର୍ଥୀ ଅଶୋକ ଦାସଙ୍କର ୫୬ ତମ ଜନ୍ମଦିନ ପାଳିତ ହୋଇଯାଇଛି । ଏହି ଅବସରରେ ନଗର ଯୁବ କଂଗ୍ରେସ ଓ ଆମ ଓଡିଶା ର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ନଗର କଂଗ୍ରେସ ସଭାପତି ସୁଶାନ୍ତ ମହାକୁଡ଼ଙ୍କ ନେତୃତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ରେ ନଗର ସଭାପତି ଭକ୍ତ ରଞ୍ଜନ ପଟ୍ଟନାୟକ, ବ୍ଲକ ସଭାପତି ରମେଶ ଚନ୍ଦ୍ର ବଳ, ମହିଳା କଂଗ୍ରେସ ସଭାପତି ମଞ୍ଜୁଲତା ପଣ୍ଡା, ବରିଷ୍ଠ ନେତା ରତ୍ନାକର ମଲ୍ଲିକ, ପ୍ରଭାତ ବାରିକ, ବିଜୟ ମହାନ୍ତି, କାର୍ତ୍ତିକ ଖିଲାର, ସନ୍ତୋଷ ସାହୁ, ଗଙ୍ଗାଧର ବେହେରା, ଆଦିତ୍ୟ ଗିରି, ନିରଞ୍ଜନ ପଲାଇ ପ୍ରମୁଖ ଯୋଗ ଦେଇ ପ୍ରିୟ ନେତା ଅଶୋକ ଦାସ ଙ୍କୁ ଅଭିନନ୍ଦନ ଜଣାଇବା ସହିତ କଂଗ୍ରେସ ଦଳ କୁ ମଜବୁତ କରି ଆଗାମୀ ନିର୍ବାଚନ ରେ ବିଜୟ ହାସଲର ଲକ୍ଷ୍ୟ ପଥରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଛାତ୍ର କଂଗ୍ରେସ ସଭାପତି ମନୋରଞ୍ଜନ ପାଢ଼ୀ, ଯୁବ ନେତା ସିଦ୍ଧାନ୍ତ ଦାସ, ସୁଶାନ୍ତ ମହାକୁଡ଼, ସୁବ୍ରତ ବେହୁରା, ଅକ୍ଷୟ ବାରିକ, ଆର୍ତ୍ତୁଙ୍ଗ ସରପଞ୍ଚ ସୁବାସ ସନ୍ଧି ବିଗ୍ରହ, ନରସିଂହପୁର ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ଅନନ୍ତ ପୋଇ, ନାରାୟଣ ପଣ୍ଡା ଓ ବିଭିନ୍ନ ପଂଚାୟତ ର କର୍ମକର୍ତ୍ତା ଯୋଗ ଦେଇଥିଲେ । ଏହି ଶିବିର ରେ ସମୁଦାୟ ୧୧୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ସମସ୍ତ ରକ୍ତଦାତା ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ସମସ୍ତ ଙ୍କର ପ୍ରିୟ ନେତା ଅଶୋକ ଦାସ କହିଲେ ମୁଁ ମୋର ପ୍ରିୟ ଭାଇ ଭଉଣୀଙ୍କ ଠାରେ ଚିର ଋଣୀ କ୍ଷ ସମସ୍ତେ ମୋତେ ଭଲ ପାଇବା ଦେଇଛନ୍ତି । ମୁଁ ହାରେ କି ଜିତେ ବାସୁଦେବପୁର ନିର୍ବାଚନ ମଣ୍ଡଳୀ ରେ ଉନ୍ନତି ପାଇଁ ସର୍ବଦା ଚେଷ୍ଟା କରିବି । ଶ୍ରୀ ଦାସ ସମସ୍ତ ଜନସାଧାରଣଙ୍କର ମଙ୍ଗଳ କାମନା କରିଥିଲେ। ଏହି ଜନ୍ମଦିନ ରେ ବନ୍ଧୁ ମାନେ କେକ କାଟିଥିଲେ ଓ ପ୍ରିୟ ନେତା ଅଶୋକ ଦାସଙ୍କୁ ଉପହାର ଦେଇ ଅଭିନନ୍ଦନ ଜଣାଇଥିଲେ । ସତ୍ୟ ସୁନ୍ଦର ରାଉତ ମଞ୍ଚ ସଂଯୋଜନା କରିଥିଲେ । ବାସୁଦେବପୁର ପ୍ରେସ କ୍ଲବ ସଭାପତି ଓ ସମ୍ବାଦ ପ୍ରତିନିଧି ରମାକାନ୍ତ ବାରିକ ଓ ରଞ୍ଜନ ନାୟକ ସହଯୋଗ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବିଧାନସଭା ଘେରାଉ ବେଳେ....

ବାହାରି ବିଧାନସଭା ଅଭିମୁଖେ ଯାଇଥିଲେ । ଶୋଭାଯାତ୍ରା ପୂର୍ବରୁ ଉପସ୍ଥିତ କାର୍ଯ୍ୟକର୍ତାଙ୍କୁ ସମ୍ବୋଧନ କରି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ଯେ, ଶାନ୍ତିପ୍ରିୟ ଓଡିଶା ରାଜ୍ୟରେ ପ୍ରଥମ ଥର ପାଇଁ ଜଣେ ମନ୍ତ୍ରୀଙ୍କୁ ତାଙ୍କ ସୁରକ୍ଷା ଦାୟୀତ୍ୱରେ ଥିବା ପୋଲିସ ଅଧିକାରୀ ଗୁଳି କରି ହତ୍ୟା କଲେ । ଘଟଣାର ସଠିକ ତଦନ୍ତ କରାଯାଇ ସତ୍ୟାସତ୍ୟ ଉନ୍ମୋଚନ କରିବା ପରିବର୍ତେ ଷଡଯନ୍ତ୍ର ରଚି ଘଟଣାକୁ ଚପାଇ ଦେବା ପାଇଁ ରାଜ୍ୟ ସରକାର ଅପଚେଷ୍ଟା କରୁଛନ୍ତି । ଘଟଣାର ତଦନ୍ତ ଭାର ସିବିଆଇକୁ ଦେବା ପାଇଁ ଶ୍ରୀ ମହାନ୍ତି ଦାବୀ କରିଛନ୍ତି । ବିଧାନସଭା ଅଧିବେସନ ଚାଲିଥିବାବେଳେ ଗୃହରେ ଉପସ୍ଥିତ ନରହି ପ୍ରାୟୋଜିତ ପୁରସ୍କାର ସାଉଁଟିବା ଲାଗି ମୁଖ୍ୟମନ୍ତ୍ରୀ ମୁମ୍ବାଇ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ବିଧାନସଭାରେ ଉତର ଦେବା ପାଇଁ ନବୀନ ବାବୁଙ୍କ ପାଖରେ ସମୟ ନାହିଁ। କିନ୍ତୁ ପ୍ରାୟୋଜିତ ପୁରସ୍କାର ଆଣିବା ପାଇଁ ସମୟ ରହିଛି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନବ ଦାସ ହତ୍ୟାକାଣ୍ଡର ସତ୍ୟାସତ୍ୟ ସାମ୍ନାକୁ ନଆସିବା ପର୍ଯ୍ୟନ୍ତ ବିଧାନସଭା ଭିତରେ ଓ ବାହାରେ ଲଢେଇ ଜାରୀ ରହିବ ବୋଲି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି। ବିଜେଡି ଶାସନରେ ଓଡିଶାର ଯୁବବର୍ଗ ସବୁଠୁ ଅଧିକ ଯନ୍ତ୍ରଣା ପାଇଛନ୍ତି । ବେରୋଜଗାର, ଦାଦନ, ନିଶା କାରବାର ଆଦି ପ୍ରମୁଖ ଚିନ୍ତାର କାରଣ ହୋଇଛି । ନବୀନ ବାବୁଙ୍କ ନେତୃତ୍ୱରେ ଓଡିଆ ଯୁବକ ଆଜି ନିଜ ପରିଚୟ ହରାଇବା ସ୍ଥିତିରେ ପହଂଚିଛି ବୋଲି ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ରୋହିତ ଚହଲ କହିଛନ୍ତି । ଆଜି ଭାରତୀୟ ଜନତା ଯୁବମୋର୍ଚ୍ଚା ସଭାପତି ଇରାସିସ୍ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଶହ ଶହ ଯୁବକ ରାଜ୍ୟ କାର୍ଯ୍ୟାଳୟରୁ ବାହାରି ବିଧାନସଭା ଘେରାଉ କରିବା ସହ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ଦାବି ହୋଇଛି ।

### ଆଜିଠୁ ଯୁକ୍ତ ୨....

ଛାତ୍ରଛାତ୍ରୀଙ୍କୁ ଠକିବା ପାଇଁ କିଛି ଅସାମାଜିକ ବ୍ୟକ୍ତି ଜାଲ ବୁଣିଛନ୍ତି । ନିଜ ପେଜ୍‌ର ଭ୍ୟୁ ବଢାଇବା ପାଇଁ ଏଭଳି ନକଲି ପ୍ରଶ୍ନ ପତ୍ର ଅପଲୋଡ୍ କରାଯାଉଛି। ସେସବୁ ବିଶ୍ୱାସ ନକରିବାକୁ ପରାମର୍ଶ ଦେଇଛନ୍ତି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କର୍ତୃପକ୍ଷ। ଏନେଇ ସାଇବର ଥାନାର ସହଯୋଗ ମଧ ନିଆଯାଇଛି।

### ସିସୋଦିଆଙ୍କୁ ‘ସୁପ୍ରିମ୍’ ଝଟକା....

ରିମାଣ୍ଡରେ ନେଇ ଜେରା କରିବାକୁ ଆବେଦନ କରିଥିଲା । ଏନେଇ ସୋମବାର ଦିଲ୍ଲୀ ରାଉଜ ଆଭିନ୍ୟୁ କୋର୍ଟ ଶୁଣାଣି କରିଥିଲେ । ପରେ ରିମାଣ୍ଡ ଅନୁମତି ମିଳିବା ପରେ ଏବେ ସିସୋଦିଆଙ୍କୁ ପଚରାଉଚରା ଆରମ୍ଭ କରିଛି ସିବିଆଇ । ଗତ ବର୍ଷ ଦିଲ୍ଲୀ ନୂଆ ଅବକାରୀ ନୀତି ମାମଲାରେ ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ ଦିଲ୍ଲୀ ଉପରାଜ୍ୟପାଳ । ଘଟଣାକୁ ନେଇ ଆମ ଆଦମୀ ପାର୍ଟି ପ୍ରତିକ୍ରିୟା ଦେଇଛି । ରାଜନୈତିକ ଚାପ ପାଇଁ ସିସୋଦିଆଙ୍କୁ ଗିରଫ କରିଛି ସିବିଆଇ । ସେପଟେ କଂଗ୍ରେସ କହିଛି ସରକାରୀ ତଦନ୍ତକାରୀ ସଂସ୍ଥାର ଦୁରୁପଯୋଗ କରୁଛି ବିଜେପି ।

### ଏପ୍ରିଲ ୩ରେ ହିନ୍ଦୋଳ ଓ ଅତାବିରା....

ମନୋନୟନ ପତ୍ର ସହ ଦାଖଲ କରିବେ, ନଚେତ ସେମାନଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଯିବ ଓ ନିର୍ବାଚନ ଫିସ୍ ରେ ଛାଡ଼ ପାଇଁ ସେମାନେ ବିବେଚିତ ହେବେ ନାହିଁ ବୋଲି ରାଜ୍ୟ ନିର୍ବାଚନ କମିଶନର ଶ୍ରୀ ପାଢ଼ୀ ବୈଠକରେ ସୂଚନା ଦେଇଛନ୍ତି । କାଉନ୍‌ସିଲର ପଦ ପାଇଁ ପ୍ରାର୍ଥୀଙ୍କ ସର୍ବାଧିକ ନିର୍ବାଚନୀ ଖର୍ଚ୍ଚ ୫୦ ହଜାର ଟଙ୍କା ଓ ଅଧକ୍ଷ ପଦ ପାଇଁ ପ୍ରାର୍ଥୀଙ୍କ ସର୍ବାଧିକ ନିର୍ବାଚନୀ ଖର୍ଚ୍ଚ ୨ ଲକ୍ଷ ଟଙ୍କା ରାଜ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଛି । ନିର୍ବାଚନ ସମୟରେ କାଉନ୍‌ସିଲର ପଦ ନିମନ୍ତେ ଜଣେ ପ୍ରାର୍ଥୀ (ତିନି ଚକିଆ ଓ ଚାରିଚକିଆ ଯାନ) ମୋଟରେ ୨ ଗୋଟି ଯାନ ବ୍ୟବହାର କରିପାରିବେ ଓ ଅଧକ୍ଷ ପଦବୀ ନିମନ୍ତେ ନିର୍ବାଚନ ଲଢୁଥିଲେ ଜଣେ ପ୍ରାର୍ଥୀ (ଦୁଇ ଚକିଆ ଓ ଚାରିଚକିଆ ଯାନ) ମୋଟରେ ୪ ଗୋଟି ଯାନ ବ୍ୟବହାର କରିପାରିବେ ବୋଲି ରାଜ୍ୟ ନିର୍ବାଚନ କମିଶନର ସର୍ବଦଳୀୟ ବୈଠକରେ ପ୍ରକାଶ କରିଛନ୍ତି ।

# ରାଷ୍ଟ୍ରପତି ଭବନରୁ ଫେରିଥିବା ପଦଯାତ୍ରୀ ଦଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବାରିପଦା, ୨୮/୦୨ (ନି.ପ୍ର): ମୟୂରଭଂଜ କୁ ପୁଣିଥରେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦାବି ନେଇ ବାରିପଦାରୁ ରାଷ୍ଟ୍ରପତି ଭବନ ଦିଲ୍ଲୀ ପଦଯାତ୍ରାକୁ ମାସା ଆର୍ମୀର ସଭାପତି ସୁକୁଲାଲ ମାରାଣ୍ଡି ଏବଂ ତାଙ୍କ ସାଥି ମାନେ ସଫଳତାର ସହିତ ସମ୍ପନ୍ନ କରି ଦିଲ୍ଲୀରୁ ବାରିପଦାକୁ ଫେରିଥିବା ବେଳେ, ଅଭିଯାତ୍ରୀ ଦଳଙ୍କୁ ଆଜି ମାସାଆର୍ମୀ ସମେତ ମୟୂରଭଂଜ ସୁରକ୍ଷା ସେନା, ମୟୂରଭଂଜ ପରିବାର, ସାର୍ନା ସେନା ଓ ବିଭନ୍ନ ସଂଗଠନ ପକ୍ଷରୁ ମୁର୍ଗାବାଡ଼ି ଗୋଲେଇ ଠାରେ ଆଦିବାସୀ ପାରମ୍ପାରିକ ରିତି ନିତି ରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଆଦିବାସୀ ନାଚ ଗୀତ ଦ୍ୱାରା ସେମାନଙ୍କୁ ଭଂଜପୁର ଠାରେ ଥିବା ସୁନାରାମ ସରେନ ପ୍ରତିମୂର୍ତ୍ତି ସ୍ଥଳକୁ ରାଲି ଯୋଗେ ଅଣାଯାଇଥିଲା ଓ ସୁନାରାମ ସରେନଙ୍କ ପ୍ରତିମୁର୍ତିରେ ପଦଯାତ୍ରୀ ମାନେ ପୁଷ୍ପ ମାଲ୍ୟ ଅର୍ପଣ କରି ଥିଲେ । ପଦଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀକାନ୍ତ ବାସ୍କେ, ଟିକା ବାଦଲ ମାରାଣ୍ଡି, କରୁଣାକର ସରେନ, ସାଉନା ମୁର୍ମୁ ପ୍ରମୁଖ ସାମିଲ ଥିଲେ।

# ଖୋଲାଖୋଲି ଚାଲିଛି ବାଲି ବୋଝେଇ ଟ୍ରାକଟର ବସ୍ତା : ପ୍ରଶାସନ ନୀରବ

ବସ୍ତା, ୨୮/୦୨ (ନି.ପ୍ର): ବସ୍ତା ତହସିଲ ଅଧିନରେଥିବା ବିଲି ସୌରାତରୁ ରାତି ଅଧିଆ ବେଫିକରରେ ଚାଲିଛି ବାଲି ବୋଝେଇ ଟ୍ରାକ୍ଟର । ପ୍ରଶାସନ ବାଲିଉତ୍ତୋଳନ ନ କରିବା ପାଇଁ ବାଲି ସୌରାତ ଉପରେ ରୋକ ଲଗାଇଛି । ବସ୍ତା ଅଞ୍ଚଳ ଯଥା ମଥାନୀ ବାସୁଚକୁରୀ ପଞ୍ଚାୟତରୁ ସିଧା ସଳଖ ୬୦ନଂ ଜାତୀୟ ରାଜ ପଥରେ ଜୈନିକ ବ୍ୟକ୍ତିଙ୍କ ଯାଗାରେ ମାଟି, ବାଲି ପକାଯାଉଛି । ରାତ୍ରିରେ ଗାଁ ସାହିରେ ଲୋକେ ଶୋଇପାରୁନାହାନ୍ତି ଟ୍ରାକ୍ଟର ଶବ୍ଦରେ । ବସ୍ତା ତହସିଲଦାର ବା ବସ୍ତା ପୁଲିସଙ୍କୁ ଲୋକେ ଅବଗତ କରି ନିଅନ୍ତ ହୋଇଗଲେଣୀ ଜିଲ୍ଲାପାଳ ଯଥାଶିଘ୍ର ପଦକ୍ଷେପ ନିଅନ୍ତୁବୋଲି ଅଞ୍ଚଳବାସୀ ଦାବିକରିଛନ୍ତି । ପୁଣି ସଦାନନ୍ଦପୁର ବ୍ରାହ୍ମଣଦା ବରୁଣଗଡି ଆ ପଞ୍ଚାୟତରେ ମଧ୍ୟ ରାତ୍ରିରେ ଚୋରାରେ ବାଲି ଟ୍ରାକ୍ଟରରେ ବୋଝେଇହୋଇ ଯାଉଥିବାବେଳେ ଆଜି ହଠାତ ଗାଡି ସାମନାରେ ଜୈନିକ ବ୍ୟକ୍ତି ଦୁର୍ଘଟଣା ଘଟିବା ଆଗରୁ ବର୍ତ୍ତି ଯାଇଥିଲା । ହେଲେନମ୍ବର ବିହିନ ଟ୍ରାକ୍ଟର ଚାଳକ ଖିପ୍ର ଗତିରେ ଗାଡି ଚଳାଇବା ସହିତ ଗାଡି କୁ ଅଟକାଇ ଆଶାଳିନ ଭାଷାରେ ଗାଳି ଗୁଲଜ କରିବା ବେଳେ ନିକଟସ୍ଥ ଲୋକେ ମଧ ରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତେବେ ଯଥାଶୀଘ୍ର ଜିଲ୍ଲା ପ୍ରଶାସନ ପଦକ୍ଷେପ ନିଅନ୍ତୁ ବୋଲି ବସ୍ତାର ଜନସାଧାରଣ ଦାବିକରିଛନ୍ତି ।

# ମଶା ଧୂଆଁରୁ ନିଆଁ ଲାଗି ଜଳିଗଲା ଗୁହାଳ, ଗୋଟିଏ ଗୋରୁ ଜୀବନ୍ତ ଦଗ୍ଧ, ୩ ଟି ଗୋରୁ ଗୁରୁତର



ବସ୍ତା, ୨୮/୦୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଗୁଣ୍ଡରିମରା ଗ୍ରାମର, ହରିପଦ ହାତୀଙ୍କ ଗୁହାଳରେ ଗୋରୁଗାଈ ମାନଙ୍କୁ ମଶା ଦାଉରୁ ସୁରକ୍ଷା ଦେବା ପାଇଁ ମଶାରୀ ଟଙ୍ଗାଇବା ସହିତ ଧୁଆଁ ଦେଇଥିଲେ । ତେବେ ବିଳମ୍ବିତ ରାତିରେ ସେହି ଧୁଆଁ ରୁ ନିଆଁ ବାହାରି ମଶାରୀ ରେ ଲାଗି ଗୁହାଳର ଏଜବେଷ୍ଟସ ଛପରରେ ଅଗ୍ନୀ ସଂଯୋଗ ହୋଇଥିଲା। ନିଆଁ ଜଳୁଥିବା ର ଦେଖି ପରିବାର ଲୋକେ ନିଆଁ ଦାଉରୁ ଗୋରୁ ମାନଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିବା ସହିତ ଗାଁ ଲୋକଙ୍କୁ ଡାକି ନିଆଁ ଲିଭାଇଥିଲେ, ମାତ୍ର ନିଆଁ ଦାଉରୁ ଗୁହାଳଟି ସମ୍ପୁର୍ଣ୍ଣ ଜଳି ଯାଇଥିଲା, ଗୋଟିଏ ଗୋରୁ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ ଟି ଗୋରୁ ଗୁରୁତର ଆହତ ହୋଇଥିଲେ । ପ୍ରକାଶ ଥାଉକି ବର୍ତ୍ତମାନ ପ୍ରତ୍ୟେକ ରବି ଫସଲ ପାଇଁ ଚାଷ ଜମି ରେ ଖରିପ ଧାନ ଚାଷ ହେଉଥିବାରୁ ବିଭିନ୍ନ ପ୍ରକାରର ସାର ବିଷାକ୍ତ ଔଷଧ ଯୋଗୁଁ ଅଧିକ ମଶା ଜନ୍ମ ହେଉଛନ୍ତି, । ଯାହାଫଳରେ ମଶା ଦାଉରୁ ଗୃହ ପାଳିତ ପଶୁ ମାନଙ୍କୁ ରକ୍ଷା କରିବା ପାଇଁ ଲୋକେ ଗୁହାଳରେ ଆତୁଆରେ ନିଆଁ ଲଗାଇ ଧୂଆଁ ସୃଷ୍ଟିକରି ମଶା ମାନଙ୍କୁ ଘଉଡାଇବା ପାଇଁ ବ୍ୟବହାର କରୁଛନ୍ତି । ଯାହା ଫଳରେ ଏଭଳି ଅଘଟଣ ଘଟିଛି ବୋଲି ମଧୁସୂଦନ ହାତୀ, ଗ୍ରାମବାସୀ ପ୍ରକାଶ କରିଛନ୍ତି ।

ବୁଧବାର, ମାର୍ଚ୍ଚ ୦୧, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଜିଲ୍ଲାପାଳଙ୍କ ଅଫିସ ଆଗରେ ବସିଲେ ଦିବ୍ୟାଙ୍ଗ ମହିଳା

ବାଲେଶ୍ୱର, ୨୮/୦୨ (ନି.ପ୍ର): ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ବିଭିନ୍ନ ଯୋଜନା କେତେ ସଫଳ ରୂପାୟନ ହୋଇପାରିଛି ତା'ର ନିଚ୍ଛକ ପ୍ରମାଣ ଦେଖିବାକୁ ମିଳିଛି ବାଲେଶ୍ୱରରେ। ବସ୍ତା ବ୍ଲକ ନାୟକଗୁଡି ଅଞ୍ଚଳର ଶତ ପ୍ରତିଶତ ଭିନ୍ନକ୍ଷମ ଯୁବତୀ ମାନସୀ ପ୍ରଧାନ (୨୮)ଙ୍କ ବିବାହକୁ ବର୍ଷେ ପୂରିଥିବା ବେଳେ ଅଦ୍ୟାବଧି ଭିନ୍ନକ୍ଷମ ବିବାହ ପ୍ରୋତ୍ସାହନ ରାଶି ନ ପାଇ ଏବେ ଏ ଅଫିସ ସେ ଅଫିସ ଦୌଡ଼ି ଦୌଡ଼ି ନୟାନ୍ତ ହେବାରେ ଲାଗିଛନ୍ତି। ବିଭାଗୀୟ ଅଧିକାରୀଙ୍କ ଅବହେଳାକୁ ନେଇ ଅନ୍ୟ ଉପାୟ ନପାଇ ଶେଷରେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ସମୟ ବସିରହିଥିଲେ। ଖବର ପାଇ ଜିଲ୍ଲାପାଳ ଦତାତ୍ରୟ ଭାଓସାହେବ ଶିନ୍ଦେ ତାଙ୍କ ନିକଟକୁ ଆସି ସମସ୍ୟା ସମ୍ପର୍କରେ ବୁଝିବା ପରେ ତୁରନ୍ତ ଏହାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅର୍ନ୍ତଗତ ନାୟକଗୁଡି ଗ୍ରାମର ଭିନ୍ନକ୍ଷମ ମାନସୀ ବାଲିଆପାଳ ବ୍ଲକ ଅର୍ନ୍ତଗତ ବୋଳଙ୍ଗ ଅଞ୍ଚଳର ଗରିବ ଶମ୍ଭୁନାଥ ପ୍ରଧାନଙ୍କୁ ୨୦୨୨ରେ ବିବାହ କରିଥିଲେ। ଶମ୍ଭୁନାଥ ଦିନ ମଜୁଆରିଆ ଭାବେ କାମ କରି ଉପାର୍ଜନ କରୁଥିବା ଅର୍ଥ ଓ ମାନସୀ ପାଉଥିବା ମାସିକ ୭ଶହ ଟଙ୍କା ଭତ୍ତା ପରିବାରର ୬ ଜଣ କଷ୍ଟେମଷ୍ଟେ ଚଳୁଛନ୍ତି। ତାଙ୍କର ଗୋଟିଏ ଘର ନଥିବା ବେଳେ ଶୌଚାଳୟ ମଧ୍ୟ ନାହିଁ। ଏମିତିକି ସେମାନେ ଟଙ୍କିକିଆ ସରକାରୀ ଚାଉଳ ପାଉନଥିବା ମାନସୀ ପ୍ରକାଶ କରିଛନ୍ତି। ବସ୍ତା କୋର୍ଟରେ ସେମାନଙ୍କର ବିବାହ ହୋଇଥିବା ବେଳେ ତାଙ୍କୁ ପ୍ରମାଣପତ୍ର ମଧ୍ୟ ମିଳିଛି। ଜଣେ ଭିନ୍ନକ୍ଷମ ବ୍ୟକ୍ତଙ୍କୁ କେହି ସୁସ୍ଥ ଲୋକ ବିବାହ କଲେ ସରକାରଙ୍କ ପକ୍ଷରୁ ତାଙ୍କୁ ୨ଲକ୍ଷ ୫୦ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିବା କଥା। ସବୁ ପ୍ରମାଣପତ୍ର ଥାଇ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ତାଙ୍କୁ ଏହି ଅର୍ଥ ମିଳି ନଥିବା ସେ କହିଛନ୍ତି। ବର୍ଷେକାଳ ବିଭିନ୍ନ ଅଫିସ ଦୌଡ଼ି ଦୌଡ଼ି ନୟାନ୍ତ ହେଲା ପରେ ଶେଷରେ ବାଧ୍ୟ ହୋଇ ଭାଇଙ୍କ ସହ ଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ଉଦ୍ଦେଶ୍ୟରେ ତାଙ୍କ ଅଫିସ ସମ୍ମୁଖରେ ବସି ରହିଥିବା ମାନସୀ ପ୍ରକାଶ କରିଛନ୍ତି।

# ଆମ ଆଦମି ପାର୍ଟି ପକ୍ଷରୁ ବିକ୍ଷୋଭ




ବାଲେଶ୍ୱର,, ୨୮/୦୨ (ନି.ପ୍ର): ବିଭିନ୍ନ ଦାବି ନେଇ ଆମ ଆଦମି ପାର୍ଟି (ଆପ)ବାଲେଶ୍ୱର ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି। ଆପର କର୍ମକର୍ତ୍ତା ଓ ସଦସ୍ୟମାନେ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶିତ କରିଥିଲେ। ସେଠାରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ଜିଲା ସଭାପତି କୁମାର ସ୍ୱର୍ଣ୍ଣଭାରତ ମଲ୍ଲିକ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ବିଭିନ୍ନ ଯୋଜନାରେ ସ୍କିମ ୱାର୍କର ଭାବେ କାର୍ଯ୍ୟରତ ମହିଳାମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ତା'ର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ମିଶନ ଶକ୍ତିର କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ଦୟନୀୟ ସ୍ଥିତିକୁ ନେଇ ସେ ଉଦବେଗ ପ୍ରକାଶ କରିଥିଲେ। ମହିଳା ସଶକ୍ତିକରଣକୁ ଆଗକୁ ନେବା ଆଳରେ ମିଶନ ଶକ୍ତିର ମୂଳ କାର୍ଯ୍ୟକର୍ତ୍ତା ଏମବିକେ, ସିଆରପିଙ୍କ ସମେତ ପ୍ରାଣୀମିତ୍ର, କୃଷିମିତ୍ର, ବ୍ୟାଙ୍କ ମିତ୍ରଙ୍କ ପ୍ରତି ସରକାରଙ୍କ ଉଦାସୀନତାକୁ ନେଇ ଶ୍ରୀ ମଲିକ ଦୃଢ଼ ସମାଲୋଚନା କରିଥିଲେ। ଏହି ମହିଳା କର୍ମୀଙ୍କ ସାମାଜିକ ସୁରକ୍ଷାକୁ ଗୁରୁତ୍ୱ ଦେଇ ସେମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା ସାଙ୍ଗକୁ ଦରମା ବୃଦ୍ଧି ଓ ଅନ୍ୟାନ୍ୟ ସରକାରୀ ସୁବିଧା ସୁଯୋଗାଇ ଦେବାକୁ ଏହି ବିକ୍ଷୋଭ ସମାବେଶରେ ବକ୍ତାମାନେ ଦାବି କରିଥିଲେ।

## ରେଳ କର୍ତ୍ତୃପକ୍ଷଙ୍କ ଉଚ୍ଛେଦ ନୋଟିସକୁ ନେଇ ଆତଙ୍କିତ ବସ୍ତି ବାସିନ୍ଦା

ବାଲେଶ୍ୱର, ୨୮/୦୨ (ନି.ପ୍ର): ରେଳଧାରଣା ପାର୍ଶ୍ୱସ୍ଥ ଅଞ୍ଚ ଖାଲି କରିବା ପାଇଁ ରେଲୱେ କର୍ତ୍ତୃପକ୍ଷଙ୍କ ନୋଟିସ ଜାରିକୁ ନେଇ ସହରର ଯାଦପୁର ବସ୍ତି ମହିଳାମାନେ ମଙ୍ଗଳବାର ଜିଲାପାଳଙ୍କ ନିକଟରେ ଥଇଥାନ ଦାବିରେ ଫେରାଦ ହୋଇଛନ୍ତି। ବାଲେଶ୍ୱର ପୌରପାଳିକାର ୩୦ ନଂ ୱାର୍ଡ଼ ଅନ୍ତର୍ଗତ ଯାଦପୁର ଅଞ୍ଚଳର ଏହି ପରିବାରମାନେ ଦୀର୍ଘ ୫୦ବର୍ଷ ଧରି ରେଳ ଜାଗାରେ ବସବାସ କରି ଆସୁଥିଲେ। ରେସନକାର୍ଡ଼ ଠାରୁ ଆରମ୍ଭ କରି ଭୋଟର ପରିଚୟପତ୍ର ପାଇଥିବା ଏହି ବସ୍ତିବାସିନ୍ଦା ପ୍ରତି ସାଧାରଣ ନିର୍ବାଚନ ଓ ପୌର ନିର୍ବାଚନରେ ଭୋଟ ମଧ୍ୟ ଦେଇ ଆସୁଥିବା ସେମାନେ କହିଛନ୍ତି। ଜାଗା ମିଶନ ଜରିଆରେ ସେମାନେ ୪/୫ ବର୍ଷ ପୂର୍ବରୁ ଭୂ-ଅଧିକାର ପ୍ରମାଣପତ୍ର ମଧ୍ୟ ପାଇଛନ୍ତି। ମାତ୍ର ଅଦ୍ୟାବଧି ସମ୍ପୃକ୍ତ ପରିବାରଙ୍କୁ ଜାଗା ମିଳିନଥିବା ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସମ୍ପ୍ରତି ତୃତୀୟ ରେଳ ଧାରଣା ବିଛାଇବା ପାଇଁ ରେଲୱେ କର୍ତ୍ତୃପକ୍ଷ ଉଦ୍ୟମ ଆରମ୍ଭ କରିଥିବା ବେଳେ ସେହି ସ୍ଥାନରୁ ହଟିବା ପାଇଁ ନୋଟିସ ଜାରି କରାଯାଇଥିବା ମହିଳାମାନେ ସୂଚନା ଦେଇଛନ୍ତି। ଏମିତିକି ଧାର୍ଯ୍ୟ ସମୟ ମଧ୍ୟରେ ଜାଗା ଖାଲି ନ କଲେ ସେମାନଙ୍କୁ ଜବରଦସ୍ତ ଉଚ୍ଛେଦ କରାଯିବ ବୋଲି ରେଳ କର୍ତ୍ତୃପକ୍ଷ ଚେତାବନୀ ଦେଇଛନ୍ତି।ଏଭଳି ସ୍ଥିତିରେ ସେମାନେ କେଉଁଠିକି ଯିବେ ବୋଲି ମହିଳାମାନେ ପ୍ରଶ୍ନ କରିଛନ୍ତି। ଜାଗା ମିଶନ ଜରିଆରେ ଜାଗା ସହ ଘର ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସ୍ଥାନୀୟ ପୂର୍ବତନ କାଉନସିଲର ଜୟପ୍ରକାଶ ଦାଶ ସମେତ ଯାଦପୁର ବସ୍ତି ଅଞ୍ଚଳର ବହୁ ମହିଳା ଉପସ୍ଥିତ ଥିଲେ।

# କାଳୀପଦ ପଣ୍ଡା ପାଇଲେ ବ୍ରହ୍ମପୁର ସାହିତ୍ୟ ଉତ୍ସବରେ 'ପ୍ରବନ୍ଧ ସାହିତ୍ୟ ସମ୍ମାନ'

ବାଲେଶ୍ୱର, ୨୮/୦୨ (ନି.ପ୍ର): ଦୀର୍ଘବର୍ଷ ଧରି ରାଜ୍ୟର ଅନ୍ୟତମ ସମୃଦ୍ଧ ସାରସ୍ୱତ ଭୂମି ଉପେନ୍ଦ୍ର ଭଞ୍ଜ ଓ ବଳଦେବ ରଥଙ୍କ ଭଳି ପ୍ରାତଃସ୍ମରଣୀୟ ସ୍ରଷ୍ଟାଙ୍କର ପୁଣ୍ୟପୀଠ ଗଞ୍ଜାମ ଜିଲ୍ଲାରେ ଆୟୋଜିତ ହୋଇଆସୁଛି ବ୍ରହ୍ମାପୁର ସାହିତ୍ୟ ଉତ୍ସବ। ବ୍ରହ୍ମପୁର ସାହିତ୍ୟ ପରିଷଦ ପକ୍ଷରୁ ପାଳନ ହୋଇ ଆସୁଥିବା ଏହି ବାର୍ଷିକ ସାହିତ୍ୟ ଉତ୍ସବ ଚଳିତବର୍ଷ ୨୦୨୩ର ଦୁଇଦିନିଆ ସମ୍ମିଳନୀ ଗୋପାଳପୁର ବେଳାଭୂମିର 'ହିଲ୍ ଭିଉ କଟେଜ' ପରିସରରେ ୨୫ ଓ ୨୬ ତାରିଖରେ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରତିନିଧି ସ୍ଥାନୀୟ ଲେଖକମାନଙ୍କର ଏହି ଦୁଇଦିନିଆ ସମ୍ମିଳନୀରେ ପ୍ରତ୍ୟେକ ବର୍ଷ ପାଇଁ ପ୍ରତ୍ୟେକ ବିଭାଗରୁ ରାଜ୍ୟର ଜଣେ ଲେଖାଏଁ ପ୍ରତିଷ୍ଠିତ ଲେଖକଙ୍କୁ ସମ୍ମାନ ପ୍ରଦାନ କରାଯାଉଥିବାବେଳେ ୨୦୨୨ ମସିହା ପାଇଁ ବାଲେଶ୍ୱରର କବି ଓ ପ୍ରାବନ୍ଧିକ



କାଳୀପଦ ପଣ୍ଡାଙ୍କୁ ମର୍ଯ୍ୟାଦାଜନକ ବ୍ରହ୍ମପୁର ସାହିତ୍ୟ ଉତ୍ସବ 'ପ୍ରବନ୍ଧ ସାହିତ୍ୟ ସମ୍ମାନ-୨୦୨୨' ପ୍ରଦାନ କରାଯାଇଛି। ପ୍ରଖ୍ୟାତ କବି ପ୍ରଫେସର୍ ଡ.ସୌଭାଗ୍ୟ କୁମାର ମିଶ୍ର, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ପ୍ରଫୁଲ୍ଲ କୁମାର ମହାନ୍ତି, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ବିଶିଷ୍ଟ ପ୍ରଶାସକ ଓ କବି ଗୋପବନ୍ଧୁ ଦାଶ ଏବଂ ବ୍ରହ୍ମପୁର ସାହିତ୍ୟ ଉତ୍ସବର ସଭାପତି ସୁଶାନ୍ତ ଦାଶ ମିଳିତ ଭାବେ ଏହି ସମ୍ମାନ ଶ୍ରୀ ପଣ୍ଡାଙ୍କୁ ୨୫ତାରିଖ ସନ୍ଧ୍ୟାରେ ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, କବି କାଳୀପଦ ପଣ୍ଡା ଦୀର୍ଘବର୍ଷ ଧରି ଦୈନିକ 'ଧ୍ୱନିପ୍ରତିଧ୍ୱନି'ରେ ନିୟମିତ ସ୍ତମ୍ଭ ରଚନା କରିଆସୁଛନ୍ତି। ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ତାଙ୍କର ତଥ୍ୟନିଷ୍ଠ ମୌଳିକ ପ୍ରବନ୍ଧମାନ ପ୍ରକାଶ ପାଇଥାଏ। ଅଦ୍ୟାବଧି ତାଙ୍କର ପାଞ୍ଚ ଖଣ୍ଡ କବିତାବହି ସମେତ ପାଞ୍ଚ ଖଣ୍ଡ ପ୍ରବନ୍ଧପୁସ୍ତକ ପ୍ରକାଶ ପାଇଛି।

## ବଣିକ ସଂଘ ପରିସରରେ ମାଆ ଦୁର୍ଗାଙ୍କର ୧୪ ତମ ଜନ୍ମ ବାର୍ଷିକ ପାଳିତ

ପାରାଦୀପ, ୨୮/୦୨ (ନି.ପ୍ର): ପାରାଦୀପର ବଡପଡିଆସ୍ଥିତ ପାରାଦୀପ ପୋର୍ଟ ବଣିକ ସଂଘ କାର୍ଯ୍ୟାଳୟ ପରିସରରେ ଅଧିଷ୍ଠାତ୍ରୀ ଦେବୀ ମାଆ ଦୁର୍ଗାଙ୍କ ୧୪ତମ ବିଗ୍ରହ ପ୍ରତିଷ୍ଠା ଉତ୍ସବ ବୈଦିକ ରିତି ଓ ନିତୀରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରେ କଳସାଧିବାସ, ପୂଜା ଓ ମଧ୍ୟାହ୍ନରେ ପୁଷ୍ପାଞ୍ଜଳୀ ପ୍ରଦାନ କରାଯାଇଥିଲା। ବଣିକ ସଂଘର ସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ସନ୍ତୋଷ କୁମାର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାରାଦୀପ ଅନ୍ତେବାସୀଙ୍କ ସମେତ ବଣିକ ସଂଘର ସଦସ୍ୟମାନେ ଯୋଗ ଦେଇଥିଲେ।

## ଥଇଥାନ ପାଇଁ କୁଷ୍ଠ କଲୋନୀ ପରିବାରଙ୍କ ଗୁହାରୀ

ବାଲେଶ୍ୱର, ୨୮/୦୨ (ନି.ପ୍ର): ସମାଜରୁ ବାସନ୍ଦ ହୋଇ ଦୀର୍ଘ ୭୦ ବର୍ଷ ଧରି ବସବାସ କରୁଥିବା ନୁଣିଆଯୋଡ଼ି କୁଷ୍ଠ କଲୋନୀ ଉଚ୍ଛେଦ ଆଦେଶକୁ ବିରୋଧ ସହ ଥଇଥାନ ପାଇଁ ଜିଲାପାଳଙ୍କ ଠାରେ ଗୁହାରୀ କରିଛନ୍ତି ୨୬ କୁଷ୍ଠ ଆକ୍ରାନ୍ତ ପରିବାର। ପୂର୍ବରୁ ଏଠାରେ ୩୫ ପରିବାର ଥିବା ବେଳେ ଏବେ ମାତ୍ର ୨୬ ପରିବାର ଥିବା ସେମାନେ କହିଛନ୍ତି। ଭିକ୍ଷାବୃତ୍ତି କରି ସେମାନେ ଜୀବିକା ନିର୍ବାହ କରିଆସୁଥିବା ବେଳେ ସେମାନଙ୍କୁ କେବେ ସରକାରୀ ସହାୟତା ମିଳି ନଥିବା କହିଛନ୍ତି। ତେବେ ପ୍ରଶାସନ ପକ୍ଷରୁ ଏହି କଲୋନୀ ଉଚ୍ଛେଦ ପାଇଁ ହୋଇଥିବା ନିଷ୍ପତ୍ତି ଅନୁସାରେ ସ୍ଥାନୀୟ ପୁଲିସ ଅଧିକାରୀ ସେଠାରୁ ଚାଲିଯିବା ପାଇଁ ସେମାନଙ୍କୁ ବାରମ୍ବାର ଧମକ ଦେବା ସହ ସାଦା କାଗଜରେ ସମସ୍ତଙ୍କର ଦସ୍ତଖତ ନେଇଛନ୍ତି। କୁଷ୍ଠ ପୀଡିତ ପରିବାର ସଦସ୍ୟଙ୍କୁ ସମସ୍ତ ପ୍ରକାର ସରକାରୀ ସୁବିଧା ସୁଯୋଗ ପ୍ରଦାନ ସାଙ୍ଗକୁ ଜମି ଅଧିକାର, ବାସଗୃହ ଯୋଗାଣର ପ୍ରାବଧାନ ରହିଛି। ଏହି ପରିପ୍ରେକ୍ଷୀରେ ନୁଣିଆଯୋଡ଼ି କୁଷ୍ଠ କଲୋନୀ ପରିବାରଙ୍କୁ ଥଇଥାନ ବ୍ୟବସ୍ଥା କରିବା ଅଥବା ୫୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି। ଏନେଇ ସେମାନେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

# କୁଲଡିହା ବନ ବିଭାଗ ପାଇଁ ଚିନ୍ତାର ବିଷୟ : ଅସୁସ୍ଥ ଦନ୍ତାର ଦାନ୍ତ ଉପରେ ଶିକାରୀଙ୍କ ଲୋଲୁପ ଦୃଷ୍ଟି

ନୀଳଗିରି, ୨୮/୦୨ (ନି.ପ୍ର): କିଛି ମାସ ମଧ୍ୟରେ କୁଲଡିହା ଅଭୟାରଣ୍ୟ ମଧ୍ୟରେ ୫ଟି ହାତୀଙ୍କର ମୃତ୍ୟୁ ଘଟିଥିବା ବେଳେ ଗତ ସୋମବାର ଦିନ ଅଭୟାରଣ୍ୟ ରେ ପୁଣି ଏକ ୪ବର୍ଷର ମାଇ ହାତୀର ମୃତ୍ୟୁକୁ ନେଇ ବନ ବିଭାଗ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଥିବା ବେଳେ ଅନ୍ୟପଟେ ପୁଣି ଏକ ଅସୁସ୍ଥ ଦନ୍ତାହାତୀଟି ଖୁମକୁଟ ଅଂଚଳରେ ବୁଲୁଥିବା ବେଳେ ଦନ୍ତାର ଦାନ୍ତ ଉପରେ ଏବେ ଶିକାରୀଙ୍କ ଲୋଲୁପ ଦୃଷ୍ଟି ପଡ଼ିଥିବାର ଶୁଣିବାକୁ ମିଳୁଛି। ଗତକାଲି ୪ବର୍ଷର ମାଇ ହାତୀଟିର ମୃତ ଦେହକୁ ତରବରିଆ ଭାବେ ବନବିଭାଗ ପୋଡ଼ି ଦେଇଥିବା ବେଳେ କାଳେ ବନବିଭାଗର ଅପାରଗତା ପଦାକୁ ବାହାରି ଆସିବ ସେଥିପାଇଁ ତଥ୍ୟ ସଂଗ୍ରହ ପାଇଁ ଯାଇଥିବା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଫରେଷ୍ଟର ଗାର୍ଡମାନଙ୍କୁ ବ୍ୟାରିକେଡ କରାଇ ଛଡ଼ା ଯାଇ ନ ଥିଲା। ମୃତ ମାଇ ହାତୀଟି ଅସୁସ୍ଥତା ପାଇଁ ବନବିଭାଗ ଡିଡିମ୍ବ ପିଟୁଥିବା ବେଳେ ମୃତ୍ୟୁର ପ୍ରକୃତ ରହସ୍ୟ ଜଣାପଡ଼ି ନାହିଁ। ଅନ୍ୟ ଉକ୍ତ ଏରିଆର ଏକ ବିରାଟକାୟ ଦନ୍ତାହାତୀଟି ଅସୁସ୍ଥତା କାରଣରୁ ବୁଲୁଥିବା ବେଳେ ତାର ଦାନ୍ତ ଉପରେ ଶିକାରୀଙ୍କ ତୀକ୍ଷଣ ଦୃଷ୍ଟି ରହିଥିବାରୁ କୁଲଡିହା ବନବିଭାଗ ପାଇଁ ଚିନ୍ତାର ବିଷୟ ପାଲଟିଛି। ତେବେ ବନ ବିଭାଗ ପକ୍ଷରୁ ଅସୁସ୍ଥ ଦନ୍ତାହାତୀର ଚିକିତ୍ସା ଚାଲିଥିବା ବେଳେ ତାପ୍ରତି ଦୃଷ୍ଟି ଦିଆଯାଉଛି ବୋଲି ବନବିଭାଗ ସୂତ୍ରରୁ ପ୍ରକାଶ। ଖବର ଲେଖିବା ବେଳକୁ ଅସୁସ୍ଥ ଦନ୍ତାହାତୀକୁ ଚିକିତ୍ସା ପାଇଁ ପ୍ରାଣୀ ଚିକିତ୍ସକ ଯାଇଥିବା ସୂଚନା ମିଳିଛି।

# ଗୁରୁଜୀଙ୍କୁ ଆର୍ଶିବଚନ ଛାତ୍ରଛାତ୍ରୀଙ୍କ ଧ୍ୟେୟ ହେବା ଉଚିତ

ଭଦ୍ରକ, ୨୮/୦୨ (ନି.ପ୍ର): ଭଣ୍ଡାରିପୋଖରୀ ବ୍ଲକ ବିଶୋଳ କୁଲଣା ମୈତ୍ରୀ ଉଚ୍ଚ ବିଦ୍ୟାପୀଠ ୧୯୮୦ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଓ ଗୁରୁ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟର ସେବା ନିବୃତ୍ତ ପ୍ରଧାନ ଶିକ୍ଷକ ତଥା ସାହିତ୍ୟିକ ହରମୋହନ କୁଅଁରଙ୍କ ସଭାପତିତ୍ୱରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ଲେଖକ, ଶିଶୁ ସାହିତ୍ୟିକ, ତଥା କବି ରତ୍ନାକର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୂଜ୍ୟପୂଜା ସମ୍ପର୍କୀତ ମୂଲ୍ୟବୋଧ ଭିତ୍ତିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମଲ୍ଲିକ ଯୋଗ ଦେଇ ଛାତ୍ରମାନଙ୍କର ଏପରି କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ସଭାପତି ଶ୍ରୀଯୁକ୍ତ କୁଅଁର, ପୂର୍ବତନ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର



ବେହେରା, ସହକାରୀ ଶିକ୍ଷକ ଭାଗବତ ପ୍ରସାଦ ସାହୁ, ଗୋଲକ ଚନ୍ଦ୍ର ନାୟକ, ଲଛମନ ଦାଶ, ଗୋପାଳ ଚନ୍ଦ୍ର ମହଲ, ବସନ୍ତ କୁମାର ରାଉତ, ଚୈତନ୍ୟ ଚରଣ ଜେନା, ଏକାଦଶୀ ସାହୁ ଓ ପଣ୍ଡିତ ଦୁର୍ଯ୍ୟୋଧନ ଦାଶ ଓ ଦୁଇଜଣ ସେବକଙ୍କୁ ମିଶାଇ ମୋଟ ୧୫ଜଣଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ଶିକ୍ଷକମାନେ ଅତୀତର ସେମାନ ଅନୁଭୂତି ଓ ଅନୁଭବକୁ ପରିପ୍ରକାଶ କରି ଭାବଗମ୍ଭୀର ହୋଇଥିଲେ। ଛାତ୍ର ଲୋକନାଥ, ବୃନ୍ଦାବନ, ମହେଶ୍ୱର, କିଶୋର, ଦୟାନିଧି, ଅଶ୍ୱିନୀ, କମଳାକାନ୍ତ, ଭାସ୍କର, ପୁରୁଷୋତ୍ତମ, ତ୍ରିନାଥ, ହୃଷିକେଶ, ମହେଶ୍ୱର, କିଶୋର, ମଣିଚରଣ ପ୍ରମୁଖ ବିଗତ ଦିନ ସ୍ମୃତି ଚାରଣ କରିଥିଲେ। ଅନ୍ୟତମ ଛାତ୍ର ରାମଚନ୍ଦ୍ର ଜେନା ସ୍ୱାଗତ ଭାଷଣ ଓ ମାନପତ୍ର ପାଠ, ରବିନ୍ଦ୍ର କୁମାର ଜେନା ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବହୁ ପୁରାତନ ଛାତ୍ର ଯୋଗ ଦେଇଥିଲେ।

# ଗଣମାଧ୍ୟମର ଜନ ଓକିଲାତି କର୍ମଶାଳା ଅନୁଷ୍ଠିତ

କପ୍ତିପଦା, ୨୮/୦୨ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ 'ଅନ୍ୱେଷଣ' ତରଫରୁ ପ୍ରତିବର୍ଷ ପରି ଚଳିତ ବର୍ଷ ତଳିଆ, ନୁଦଡ଼ିହାସ୍ଥିତ କାର୍ଯ୍ୟାଳୟର ବୈଠକ ଗୃହ ପରିସରରେ ଫେବୃଆରୀ ୨୬ ତାରିଖ ରବିବାର ଦିନ 'ଗଣମାଧ୍ୟମର ଜନଓକିଲାତି କର୍ମଶାଳା- ୨୦୨୩' ଅନୁଷ୍ଠିତ ହୋଇ ଯାଇଛି। ଚଳିତ ବର୍ଷ ଏହି କର୍ମଶାଳାର ବିଷୟବସ୍ତୁ 'ସେଭ ଦି ଗାର୍ଲ, ସେଭ ଦି ୱାର୍ଲଡ଼' ରଖା ଯାଇଥିଲା। କପ୍ତିପଦା ବ୍ଲକର ଦେବଳା, କୋଳିଅଳମ, ଜେ.ଏସ୍.ଜାମୁଡ଼ିହା, ଚକ୍ରଧରପୁର, ପିଙ୍ଗୁ ଓ ମାଙ୍କଡ଼ପଡ଼ା ଗ୍ରାମ ପଂଚାୟତର ସରପଂଚ, ନାଏବ ସରପଂଚଙ୍କ ସହିତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟା ଓ ଗଣମାଧ୍ୟମର ପ୍ରତିନିଧି ମାନେ ଅଂଶ ଗ୍ରହଣ କରିଥିଲେ। ପ୍ରାରମ୍ଭରେ 'ଅନ୍ୱେଷଣ'ର ଉପଦେଷ୍ଟା ମନୋରଂଜନ ମଲ୍ଲିକ, ଗଣମାଧ୍ୟମର ଜନ ଓକିଲାତି କିପରି ଦେଶ




ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଲିଭାଇଥାଏ ଅବଗତ କରାଇବା ସହିତ ପ୍ରତିବର୍ଷ ହୋଇ ଆସୁଥିବା ଏହି କାର୍ଯ୍ୟକ୍ରମର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ। ଏହାପରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ତଥା ସାମ୍ବାଦିକା ପ୍ରମିଳା ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କର୍ମଶାଳାକୁ ଉଦ୍‌ଘାଟନ କରି, ସାମ୍ବାଦିକତା ଜୀବନ ହିଁ ତାଙ୍କୁ ରାଜନେତାରେ କିପରି ପରିଣତ କରିଛି ନିଜର ନୁଭବ ବ୍ୟକ୍ତ କରିବା ସହ 'ଅନ୍ୱେଷଣ' ତରଫରୁ ବାଲ୍ୟ ବିବାହ ବିରୁଦ୍ଧରେ ସଚେତନତା, ବାଲଶ୍ରମିକ ବ୍ୟବସ୍ଥାକୁ ରୋକିବା, ମହିଳା ମାନଙ୍କ ଦକ୍ଷତା ବୃଦ୍ଧି ଇତ୍ୟାଦି କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉପଦେଷ୍ଟା ସୁଦର୍ଶନ ପ୍ରଧାନ, ସଂପାଦକ ଶ୍ରୀନାଥ ପ୍ରଧାନ, କୋଷାଧକ୍ଷ ଗଜେନ୍ଦ୍ର ବେହେରା, ସାମ୍ବାଦିକ ସୁଶାନ୍ତ କୁମାର ମିଶ୍ର, ଆଶିଷ ମଲ୍ଲିକ, ସନ୍ତୋଷ ଶତପଥୀ, ଶୁଶାନ୍ତ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ଜନ ଓକିଲାତି କାର୍ଯ୍ୟକ୍ରମ, ମହିଳା ଆଇନ ସହାୟତା ଶିବିର, ବିଭିନ୍ନ ସରକାରୀ ଯୋଜନା ସହିତ କନିଆ ଓ ମହିଳା ମାନଙ୍କୁ ଯୋଗାଯୋଗ କରାଇବା କ୍ଷେତ୍ରରେ 'ଅନ୍ୱେଷଣ'ର ଭୂମିକା ବେଶ ପ୍ରଶଂସନୀୟ ବୋଲି ବ୍ୟକ୍ତ କରିଥିଲେ। 'ଅନ୍ୱେଷଣ'ର ଚେୟାରମେନ ମନୋଜ ପଣ୍ଡା ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିରେନ୍ଦ୍ର କୁମାର ନାୟକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ପାରାଦୀପ ବନ୍ଦରକୁ ପୂର୍ବାଂଚଳର ଶ୍ରେଷ୍ଠ ବନ୍ଦର ପୁରସ୍କାର




ପାରାଦୀପ, ୨୮/୦୨ (ନି.ପ୍ର): ଇଷ୍ଟର୍ଣ୍ଣ ଷ୍ଟାର ପୁରସ୍କାର ବିତରଣ ସମାରୋହ କୋଲକତାର ଏକ୍ସିମ୍ ଇଣ୍ଡିଆ,ସିପିଙ୍ଗ ଟାଇମ୍ସ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ପୂର୍ବାଂଚଳର କଣ୍ଟେନରାଇଜ୍ କାର୍ଗୋ ପରିଚାଳନା କ୍ଷେତ୍ରରେ ପାରାଦୀପ ବନ୍ଦର ପ୍ରାଧିକରଣ ଏହି ମେଜର ପୋର୍ଟ ଅଫ ଦି ଇୟର ପୁରସ୍କାର ମିଳିଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦରର ଟ୍ରାଫିକ୍ ମ୍ୟାନେଜର ଜି.ଏଡିସନ୍ କେନ୍ଦ୍ର ପରିବହନ ଏବଂ ଜଳପଥ ମନ୍ତ୍ରଣାଳୟର ପୂର୍ବତନ ସଚୀବ ଗୋପାଳକ୍ରିଷ୍ଣାଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ସଫଳତା ହାସଲ ପରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ବନ୍ଦରର ଅଧିକାରୀ,କର୍ମଚାରୀଙ୍କ ସମେତ ବିଭିନ୍ନ ସଂସ୍ଥାମାନଙ୍କର କଠିନ ପରିଶ୍ରମ ଯୋଗୁ ଏହି ପୁରସ୍କାର ମିଳିଥିବା କହିଛନ୍ତି।

# ଜାତୀୟ ବିଜ୍ଞାନ ଦିବସ ଉପଲକ୍ଷେ କୁଇଜ ପ୍ରତିଯୋଗିତା

ବାରିପଦା, ୨୮/୦୨ (ନି.ପ୍ର): ଜାତୀୟ ବିଜ୍ଞାନ ଦିବସ ଉପଲକ୍ଷେ ଏକ କୁଇଜ ପ୍ରତିଯୋଗିତା କଂଟାପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିତାଭ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କୁଇଜ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ଛାତ୍ର ଜିତ ସିଂ, ବାସୁଦେବ ନାଏକ, ଶ୍ରେଷ୍ଠ ବିବେଚିତା ଛାତ୍ରୀ ଅର୍ପିତା ବେହେରା ଓ ଅମ୍ବିକା ହାବୋଡାଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବାରିପଦା ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ସହକାରୀ



ପ୍ରଫେସର ଡ଼ଃ ସରୋଜ ନାୟକ, ମୁଖ୍ୟବକ୍ତା ଭାବେ ପଶ୍ଚିମବଙ୍ଗ ହୁଗୁଲି ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟର ଅଧାପକ ଡ଼ଃ ମନତୋଷ ପତି, ସମ୍ମାନିତ ଅତିଥି ଭାବେ ଝାରପୋଖରିଆ ସ୍ଥିତ ସରକାରୀ ୟୁଜି ହାଇସ୍କୁଲର ପ୍ରଧାନ ଶିକ୍ଷକ ଅମୂଲ୍ୟ କୁମ୍ଭକାର ପ୍ରମୁଖ ଯୋଗଦେଇ କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରିବା ସହ ବିଜ୍ଞାନଭିତିକ ଚିନ୍ତାଧାରାରେ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ ବିଜ୍ଞାନ ଶିକ୍ଷକ ଆଶିଷ ରଂଜନ ବାସୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୀର ସୁରେନ୍ଦ୍ର ସାଏଙ୍କୁ ପୁଣ୍ୟତିଥିରେ ଶ୍ରଦ୍ଧାଂଜଳି ଜଣାଇଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୨୮/୦୨ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କୁ ପୁଣ୍ୟତିଥିରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି। ସେ ଟ୍ୱିଟ କରି କହିଛନ୍ତି ଯେ - ଭାରତ ମୁକ୍ତି ସଂଗ୍ରାମର ମହାନାୟକ ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳି। ବ୍ରିଟିଶ୍ ଶାସକ ଓ ସୈନ୍ୟବାହିନୀକୁ ଧରାଶାୟୀ କରିବାରେ ତାଙ୍କର ଅଭୂତପୂର୍ବ ସଂଗଠନ ଶକ୍ତି, ଅସୀମ ପରାକ୍ରମ ଓ ଅସାଧାରଣ ରଣକୌଶଳ ସବୁ ଦିନ ପାଇଁ ଯୁବପିଢିଙ୍କୁ ଅନୁପ୍ରାଣିତ କରିବ।


## DECLARATION FORM-IV

**(See Rule-8)**

Statement of ownership and other particulars about newspaper **"THE DHWANIPRATIDHWANI"**

1. Place of Publication : Balasore
2. Periodicity of its Publication : Daily
3. Printers Name : Sairindhree Sahoo
   Nationality : Indian
   Address : Jail Road, Po/Dist Balasore, Odisha
4. Editor's Name : Sairindhree Sahoo
   Nationality : Indian
   Address : Jail Road, Po/Dist Balasore, Odisha
5. Name and address of individuals who own the news paper and partners or share holders holding more than one percent of the total Capital.

I, Sairindhree Sahoo, hereby declare that the particulars given above are true to the best of my knowledge and belief.

**Sairindhree Sahoo**
Signature of the Publisher


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo